

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୧୨ ଅପ୍ରେଲ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 12 APRIL 2021
Vol.No. 32 ■ No. 93 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ବହୁ ଅପେକ୍ଷାର ଅବସାନ ଘଟାଇ ଖୁବ୍ ଶୀଘ୍ର ପ୍ରକାଶ ପାଉଛି ବିଷ୍ଟବ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ରେଳଯାତ୍ରୀଙ୍କ ପାଇଁ ସତର୍କ ଘଂଟି : ଆସନ୍ତକାଲି ଠାରୁ ରାଜ୍ୟ ବାହାରୁ ଆସୁଥିବା ସମସ୍ତ ଯାତ୍ରୀଙ୍କ କଡ଼ାକଡ଼ି ଯାଂଚ

ଭୁବନେଶ୍ୱର,୧୧/୦୪ (ନି.ପ୍ର): କରୋନା କଟକଣା ପାଇଁ କାଲିଠାରୁ ଭୁବନେଶ୍ୱର ରେଳ ଷ୍ଟେସନରେ ହେବ କଡ଼ାକଡ଼ି ଚେକିଂ ହେବ ବୋଲି ଷ୍ଟେସନ ଡାଇରେକ୍ଟର ଚିତ୍ତରଞ୍ଜନ ନାୟକ ସୂଚନା ଦେଇଛନ୍ତି । ସେ କହିଛନ୍ତି, ବାହାର ରାଜ୍ୟରୁ ଆସୁଥିବା ସମସ୍ତ ଯାତ୍ରୀମାନଙ୍କୁ ଚେକିଂ କରାଯିବ। ଏଥିପାଇଁ ବିଏମସି ଏବଂ ଷ୍ଟେସନ ଅଧିକାରୀ ମିଳିତ ଭାବେ ସ୍ଥିତି ଅନୁଧାନ କରିଛନ୍ତି । ଯାତ୍ରୀମାନଙ୍କ ପାଇଁ ପ୍ରବେଶ ଓ ପ୍ରସ୍ଥାନ ପଥକୁ ବଦଳାଯାଇଛି। ଯେଉଁ ଯାତ୍ରୀମାନେ ଷ୍ଟେସନ ଭିତରକୁ ପ୍ରବେଶ କରିବେ, ସେମାନେ ମାଷ୍ଟରକ୍ୟାଣ୍ଟିନ ବସଷ୍ଟାଣ୍ଡ ପଟେ ଯିବା ପାଇଁ ବ୍ୟବସ୍ଥା କରାଯାଇଛି ।

# ପିପିଲି ପ୍ରଚାର ବେଳେ ନିର୍ବାଚନୀ ହିଂସା

## ମୁହାଁମୁହିଁ ହେଲେ ଦୁଇ ଗୋଷ୍ଠୀର ସମର୍ଥକ : ୩ ଜଣ ଆହତ ପରେ ହସ୍ପିଟାଲରେ ଭର୍ତ୍ତି

ପିପିଲି, ୧୧/୦୪ (ନି.ପ୍ର): ପିପିଲି ପ୍ରଚାର ବେଳେ ହିଂସା । ପୁରୀ ଜେନାପୁର ପଂଚାୟତ ବ୍ରାହ୍ମଣବାଡ଼ ଗ୍ରାମରେ ପିପିଲି ଉପ ନିର୍ବାଚନ ପ୍ରଚାର ଚାଲିଥିଲାବେଳେ ବିଜେଡି କର୍ମୀଙ୍କ ଆକ୍ରମଣରେ ବିଜେପିର ତିନିଜଣ କର୍ମୀ ଆହତ ହୋଇଛନ୍ତି। ଉପ ନିର୍ବାଚନକୁ ନେଇ ପିପିଲି ରାଜନୀତି ସରଗରମ ରହିଥିବାବେଳେ ଆଜି ଡେଲାଙ୍ଗରେ ଦେଖିବାକୁ ମିଳିଛି ନିର୍ବାଚନୀ ହିଂସା । ପ୍ରଚାରବେଳେ ଆଜି ଦୁଇ ଗୋଷ୍ଠୀର କିଛି ଲୋକ ମୁହାଁମୁହିଁ ହୋଇଛନ୍ତି । ଫଳରେ ସ୍ଥାନୀୟ ଅଂଚଳରେ ଉତ୍ତେଜନାପୂର୍ଣ୍ଣ ସ୍ଥିତି ଦେଖିବାକୁ ମିଳିଛି । ଜେନାପୁର ବ୍ରାହ୍ମଣବାଡ ଅଂଚଳରେ ଦୁଇ ଗୋଷ୍ଠୀଙ୍କ ଭିତରେ ମଧ୍ୟରେ ଧସ୍ତାଧସ୍ତି ହୋଇଛି । ଯେଉଁଥିରେ ୩ ଜଣ ଆହତ ହେବାପରେ



ସେମାନଙ୍କୁ ନିକଟସ୍ଥ ଡେଲାଙ୍ଗ ମେଡିକାଲରେ ଭର୍ତ୍ତି କରାଯିବା ସହିତ ଚିକିତ୍ସା ଜାରି ରହିଛି । ପରେ ଏମସ୍‌କୁ ସ୍ଥାନାନ୍ତର କରାଯାଇଥିବାର ଜଣାଯାଇଛି। ଅନ୍ୟପକ୍ଷରେ ଏହି ଘଟଣାର ପ୍ରତିବାଦରେ ବିଜେପି ପକ୍ଷରୁ କର୍ମୀମାନେ ଶତାଧିକ ସଂଖ୍ୟାରେ ହାଟ ଡେଲାଙ୍ଗ ଥାନା ସମ୍ମୁଖରେ ଧାରଣା ଦେଇ ରାସ୍ତା ଅବରୋଧ କରିଛନ୍ତି। ସମ୍ପୃକ୍ତ ଅଂଚଳରେ ଉତ୍ତେଜନା ପରିସ୍ଥିତି ଲାଗିରହିଛି।

# ହାଇଦରକୁ ଧରିବା ପାଇଁ ବଡ଼ ଅପରେସନ

## ପୁଲିସ ଡିଜିଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତ ହେଲା ଖସଡା

ଭୁବନେଶ୍ୱର,୧୧/୦୪ (ନି.ପ୍ର): ପୋଲିସ ଆଖିରେ ଧୂଳି ଦେଇ ଫେରାର ହୋଇଯାଇଥିବା ଗ୍ୟାଙ୍ଗଷ୍ଟର ହାଇଦରକୁ ଧରିବା ପାଇଁ ପୋଲିସର ତନାଘନା । ଭୁବନେଶ୍ୱର ରେଳ ଷ୍ଟେସନରେ ମୋବାଇଲରେ ହାଇଦରର ଫଟୋ ଦେଖାଉଛି ପୋଲିସ । ପୋଲିସ କର୍ମଚାରୀ ଏବଂ ସାଦା ପୋଷାକଧାରୀ ଅଧିକାରୀ ହାଇଦର ଫଟୋ ଦେଖାଇ ଦୋକାନୀ, କୁଲି ଓ ସାଧାରଣ ଲୋକଙ୍କୁ ପଚାରୁଛନ୍ତି । କାରଣ ପୋଲିସ ଆଶଙ୍କା କରୁଛି, ହାଇଦର ଟ୍ରେନ କିମ୍ବା ବସ ଯୋଗେ ଏରିଆରୁ ପାର ହୋଇଯାଇଥାଇପାରେ । କୁହାଯାଉଛି ଗ୍ୟାଙ୍ଗଷ୍ଟର ହାଇଦରକୁ ଧରିବା ପାଇଁ ପୋଲିସ ଆରମ୍ଭ କରିବାକୁ ଯାଉଛି ବଡ ଅପରେସନ ।



ପୋଲିସ ଡିଜିଙ୍କ ଅଧ୍ୟକ୍ଷତାରେ ବୈଠକ ପରେ, କ୍ରାଇମବ୍ରାଂଚ ଏଡିଜି କହିଛନ୍ତି ରାଜ୍ୟର ସମସ୍ତ ଏସପିମାନଙ୍କୁ ସତର୍କ କରାଇ ଦିଆଯାଇଛି । ୬ଟି ଟିମ ହାଇଦରକୁ ଧରିବା ପ୍ରକ୍ରିୟାରେ ସାମିଲ ହୋଇଛନ୍ତି । ଖୁବଶୀଘ୍ର ଧରାପଡିଯିବ ହାଇଦର । ଗ୍ୟାଙ୍ଗଷ୍ଟର ହାଇଦର ଏକ ସାଧାରଣ ଅପରାଧୀ ନଥିଲା । ତେଣୁ ଯେଉଁ ସତର୍କତା ଅବଲମ୍ବନ କରାଯିବା ଉଚିତ ଥିଲା, ତାହା କରାଯାଇନଥିବା ସ୍ପଷ୍ଟ ଜଣାପଡୁଛି । ଇଏ ହେଉଛି ସେହି ଗ୍ୟାଙ୍ଗଷ୍ଟର ହାଇଦର, ସେହି ଦୁର୍ଦ୍ଦାନ୍ତ ▶▶ପୃଷ୍ଠା ୭

# ଏପ୍ରିଲ ୩୦ ତାରିଖ ପରେ ନବମ ଶ୍ରେଣୀ ପରୀକ୍ଷା ନେଇ ନିଆଯିବ ନିଷ୍ପତ୍ତି : ଗଣଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର,୧୧/୦୪ (ନି.ପ୍ର): ଆସନ୍ତା ଏପ୍ରିଲ ୩୦ ପରେ ନବମ ଶ୍ରେଣୀ ପରୀକ୍ଷା ନିଷ୍ପତ୍ତି । ସୂଚନା ଦେଲେ ଗଣଶିକ୍ଷା ମନ୍ତ୍ରୀ । ସେ କହିଛନ୍ତି, ସରକାର ଚାହାଁନ୍ତି ନବମ ଶ୍ରେଣୀ ଛାତ୍ରଛାତ୍ରୀମାନେ ବାର୍ଷିକ ପରୀକ୍ଷା ଦିଅନ୍ତୁ । ସରକାର ମଧ ପ୍ରସ୍ତୁତ ଅଛନ୍ତି । କିନ୍ତୁ କରୋନା ପାଇଁ ଏପ୍ରିଲ ୩୦ ଯାଏ ବନ୍ଦ ରହିଛି ପାଠପଢା । ନବମ ଶ୍ରେଣୀର କୋର୍ସ ପ୍ରାୟତଃ ଶେଷ ହୋଇଛି । ସବୁ କୋର୍ସ ସରିନି । ୩୦ ପରେ ଦ୍ୱିତୀୟ ଲହରର ସ୍ଥିତି ଦେଖି ପରୀକ୍ଷା ନିଷ୍ପତ୍ତି ନିଆଯିବ।



ପରୀକ୍ଷା ପୂର୍ବରୁ କିମ୍ବା ଦେଉଥିବା ସମୟରେ ଛାତ୍ରଛାତ୍ରୀ କୋଭିଡ ଆକ୍ରାନ୍ତ ହେଲେ ସେମାନଙ୍କୁ ବିକଳ୍ପ ବ୍ୟବସ୍ଥା ଜରିଆରେ ମାର୍କ ଦେବାକୁ ସିବିଏସଇ ନିଷ୍ପତ୍ତି ନେଇଛି । ମହାମାରୀ ସମୟରେ ଛାତ୍ରଛାତ୍ରୀଙ୍କର ଯେପରି ଗୋଟିଏ ବର୍ଷ ନଷ୍ଟ ନ ହୁଏ ସେଥିଲାଗି ଏହି ପଦକ୍ଷେପ ନେଇଛି ସିବିଏସଇ । ଆମେ ଏହାକୁ ଅନୁଧ୍ୟାନ କରିବୁ। ଛାତ୍ରଛାତ୍ରୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ନିଷ୍ପତ୍ତି ନିଆଯିବ । ଇଡବ୍ଲ୍ୟୁଏସ୍ କୋଟା ୱେବସାଇଟରେ ଏଯାଏ କିଛି ଘରୋଇ ସ୍କୁଲ ପଞ୍ଜିକରଣ କରିନାହାନ୍ତି। ସେଥିଲାଗି ସ୍କୁଲ ପଞ୍ଜିକରଣ ଅବଧିକୁ ଏପ୍ରିଲ ୨୩ ଯାଏ ବଢ଼ାଗଲା। ସେହିକ୍ରମରେ ଆର୍ଥିକ ଅନଗ୍ରସର୍‌ଗ ଛାତ୍ରଛାତ୍ରୀଙ୍କ ପଞ୍ଜିକରଣ ତାରିଖ ଏପ୍ରିଲ ୩୦ କୁ ବୃଦ୍ଧି କରାଯାଇଛି ।

# ପଶ୍ଚିମବଙ୍ଗରେ ଉଦ୍ୟୋଗୀଙ୍କ ସହ ଆଲୋଚନା କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

ପଶ୍ଚିମବଙ୍ଗ,୧୧/୦୪ (ନି.ପ୍ର): ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ବିଗତ ୪୦ ବର୍ଷ ଧରି ପଶ୍ଚିମବଙ୍ଗର ଗୌରବ ନଷ୍ଟ ହେଉଛି । ରବିବାର ପଶ୍ଚିମବଙ୍ଗର କୋଲକାତା ଠାରେ ବିଶିଷ୍ଟ ଉଦ୍ୟୋଗୀଙ୍କ ସହ ରାଜ୍ୟର ଶିଳ୍ପାୟନର ବିକାଶ ଏବଂ ଆର୍ଥିକ ବୃଦ୍ଧି ପ୍ରସଙ୍ଗରେ ଆଲୋଚନା କରିବା ଅବସରରେ ଏପରି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଅତୀତରେ ପଶ୍ଚିମବଙ୍ଗ ଲବ୍ଧ ପ୍ରତିଷ୍ଠିତ ଥିଲା ଏବଂ ଦେଶର ଆବଶ୍ୟକତା ସମୟରେ ମାର୍ଗ ଦେଖାଉଥିଲା । କିନ୍ତୁ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ବିଗତ ୪୦ ବର୍ଷ



ଧରି ପଶ୍ଚିମବଙ୍ଗର ଗୌରବ ସଙ୍କୁଚିତ ହୋଇଯାଇଛି ବୋଲି ଧର୍ମେନ୍ଦ୍ର କହିଛନ୍ତି । ତେବେ ପଶ୍ଚିମବଙ୍ଗର ଗୌରବ କ୍ଷୁର୍ଣ୍ଣ କରିଥିବା, ଶିଳ୍ପାୟନର ବିକାଶ କରିନଥିବା ଏବଂ ଏଠାରେ ହିଂସା ଘଟାଉଥିବା ଲୋକଙ୍କୁ ପଶ୍ଚିମବଙ୍ଗର ନାଗରିକ ଚଳିତ ନିର୍ବାଚନରେ ଭୋଟ୍ ମାଧ୍ୟମରେ ଜବାବ ଦେବେ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । ପଶ୍ଚିମବଙ୍ଗ ନିର୍ବାଚନ କେବଳ ନିର୍ବାଚନ ନୁହେଁ ବରଂ ରାଜ୍ୟରେ ନୂଆ ଯୁଗ ପାଇଁ ଧର୍ମଯୁଦ୍ଧ । କେବଳ ପଶ୍ଚିମବଙ୍ଗ ପାଇଁ ନୁହେଁ ବରଂ ସମଗ୍ର ଦେଶ ପାଇଁ କେଉଁଟି ଠିକ୍ ତାହା ସ୍ଥିର କରିବାକୁ ପଶ୍ଚିମବଙ୍ଗବାସୀଙ୍କ ହାତରେ ଦାୟିତ୍ୱ ନ୍ୟସ୍ତ ରହିଛି । ପଶ୍ଚିମବଙ୍ଗକୁ ସୁନାର ବଙ୍ଗଳା କରିବା ଉପରେ ଥିବା ସମ୍ଭାବନା ଉପରେ ସେ ▶▶ପୃଷ୍ଠା ୭

## ଝରାଫୁଲ ହତ୍ୟାକାଣ୍ଡର ମୁଖ୍ୟ ଆସାମୀର ସହଯୋଗୀ ଗିରଫ

ଭୁବନେଶ୍ୱର,୧୧/୦୪ (ନି.ପ୍ର): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଛାତ୍ରୀ ଝରାଫୁଲ ହତ୍ୟାକାଣ୍ଡ ଘଟଣାରେ ମୁଖ୍ୟ ଆସାମୀର ସହଯୋଗୀକୁ ଯାଜପୁର ପୋଲିସ୍ ଗିରଫ କରିଛି। ଗିରଫ ହୋଇଥିବା ଆସାମୀ ଅମରେଶ ରାଉତର ଘର ପୁରୁଣା ଭୁବନେଶ୍ୱରସ୍ଥିତ ସୁନ୍ଦରପଦା। ଏଥିପୂର୍ବରୁ ମୁଖ୍ୟ ଆସାମୀ ରାକେଶ ସ୍ୱାଇଁକୁ ଗିରଫ କରାଯାଇଥିଲା। ଗତ ଜାନୁଆରୀ ୨୬ ତାରିଖରେ ଝରାଫୁଲର ମୃତ୍ୟୁ ହୋଇଥିଲା। ପରଦିନ ସକାଳୁ ଯାଜପୁର ଜିଲ୍ଲା କୁଆଖିଆ ରାସ୍ତାକଡ଼ରୁ ତାଙ୍କର ଶବ ମିଳିଥିଲା।

## ସଂକ୍ରମଣ ବଢିଚାଲିଥିବା ଦୃଷ୍ଟିରୁ କେନ୍ଦ୍ର ସରକାରଙ୍କ ବଡ ନିଷ୍ପତ୍ତି

# ନିଷିଦ୍ଧ ହେଲା କୋଭିଡ୍ ଟିକା ରେମଡେସଭିର ରପ୍ତାନି

ନୂଆଦିଲ୍ଲୀ,୧୧/୦୪ : ଦେଶରେ କରୋନା ସଂକ୍ରମଣ ବଢିଚାଲିଥିବା ଦୃଷ୍ଟିରୁ କେନ୍ଦ୍ର ସରକାର ରେମଡେସଭିର ତଥା ରେମଡେସଭିର ଆକ୍ଟିଭ ଫାର୍ମାସୁଟିକାଲ ଇନଗ୍ରେଡିଏନ୍ସ (ଏପିଆଇ) (ଏହି ଔଷଧ ପ୍ରସ୍ତୁତିରେ ଲାଗୁଥିବା କଞ୍ଚାମାଲ)ର ରପ୍ତାନିକୁ ନିଷିଦ୍ଧ କରିଛନ୍ତି । ଦେଶରେ କରୋନା ମହାମାରୀ ସ୍ଥିତି ସୁଧୁରିବା ପର୍ଯ୍ୟନ୍ତ ଏହି ନିର୍ଦ୍ଦେଶ ବଳବତ୍ତର ରହିବ । କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାରି ନିର୍ଦ୍ଦେଶରେ ଆହୁରି ମଧ କୁହାଯାଇଛି ଯେ, ରେମଡେସଭିର ଔଷଧ ଉତ୍ପାଦନକାରୀ କମ୍ପାନିମାନେ ୱେବସାଇଟରେ ନିଜର ଷ୍ଟକିଷ୍ଟ ଓ ଡିଷ୍ଟ୍ରିବୁଟର୍ସଙ୍କ ବିବରଣୀ, ମହଜୁଦ ଥିବା ଷ୍ଟକ ପରିମାଣ ଦର୍ଶାଇବେ । ସେହିପରି ବଜାରରେ ଥିବା ଷ୍ଟକ ଯାଞ୍ଚ କରିବାକୁ ଡ୍ରଗ ଇନ୍ସପେକ୍ଟରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । କଳାବଜାରୀ ଓ ଜମାଖୋରୀ ରୋକିବାକୁ ଏହି ନିର୍ଦ୍ଦେଶ ଦିଆଯାଇଛି । ସେହିପରି ରାଜ୍ୟ ସ୍ୱାସ୍ଥ୍ୟ ସଚିବମାନେ ଏ ସମ୍ପର୍କରେ ଡ୍ରଗ ଇନ୍ସପେକ୍ଟରମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେବା ସହ ସ୍ଥିତିର ସମୀକ୍ଷା କରିବେ । ଦେଶରେ କରୋନା ସଂକ୍ରମଣ ଦ୍ରୁତ ଗତିରେ ବଢିଚାଲିଥିବାରୁ ରେମଡେସଭିର ଇଂଜେକ୍ସନର ଚାହିଦା ହଠାତ ବଢିଯାଇଛି ।

# ରାଜ୍ୟରେ ଘୂର୍ଣ୍ଣିଝଡ ସହ ବଜ୍ରପାତ ନେଇ ସବୁ ଜିଲ୍ଲାପାଳଙ୍କୁ ସତର୍କ କରାଇଲେ ଏସଆରସି

ଭୁବନେଶ୍ୱର,୧୧/୦୪ (ନି.ପ୍ର): ରାଜ୍ୟରେ ସନ୍ଧ୍ୟା ସାଢେ ୬ ଟା ମଧ୍ୟରେ ହୋଇପାରେ ଘୂର୍ଣ୍ଣିଝଡ ଓ ବଜ୍ରପାତ । ଏନେଇ ସବୁ ଜିଲ୍ଲାର ଜିଲ୍ଲାପାଳଙ୍କୁ ସତର୍କ ସୂଚନା ଦେଇଛନ୍ତି ସ୍ୱତନ୍ତ୍ର ରିଲିଫ୍ କମିଶନର । ସନ୍ଧ୍ୟା ୬ ଟା ପର୍ଯ୍ୟନ୍ତ ସତର୍କ ରହିବାକୁ ସୂଚନା ଦିଆଯାଇଛି । ସୂଚନାରେ କୁହାଯାଇଛି କି ରାଜ୍ୟରେ ୧୨ ଟି ଜିଲ୍ଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବା ସହ ଅନ୍ୟ ଜିଲ୍ଲାମାନଙ୍କରେ ଘୂର୍ଣ୍ଣିଝଡ ସହ ବଜ୍ରପାତ ହୋଇପାରେ । ଏନେଇ ଭୁବନେଶ୍ୱର ପାଣିପାଗ ବିଭାଗର ସୂଚନା ମୁତାବକ ଏସଆରସି ସମସ୍ତ ଜିଲ୍ଲାପାଳଙ୍କୁ ସୂଚନା ଦେଇଛନ୍ତି । ଅନ୍ୟପଟେ ରାଜ୍ୟରେ ପାରଦ ତଳମୁହାଁ ରହିଛି । ଗତକାଲି ସବୁ ଜିଲ୍ଲାରେ ପାରଦ ୪୦ ଡିଗ୍ରୀ ତଳେ ରହିଥିଲା । ଆଜି ରାଜ୍ୟର ୧୪ଟି ଜିଲ୍ଲାରେ ବିଜୁଳି ଘଡଘଡି ସହ ଝଡ ବର୍ଷା ହେବ । ପବନର ବେଗ ମଧ ଘଂଟା ପତି ୪୦ କିଲୋମିଟର ରହିବ । ସେହି ଜିଲ୍ଲାଗୁଡ଼ିକ ହେଲା କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ,ଗଜପତି, ଗଂଜାମ, ବୌଦ୍ଧ, ସୋନପୁର,ବଲାଙ୍ଗୀର, କଟକ, ଢ଼େଙ୍କାନାଳ, ▶▶ପୃଷ୍ଠା ୭

# କରୋନାରେ ଦେଶରେ ଗତ ୨୪ ଘଂଟାରେ ୧,୫୨,୮୭୯ ନୂଆ ମାମଲା

ନୂଆଦିଲ୍ଲୀ,୧୧/୦୪: ଦେଶରେ ଗତ ୨୪ଘଂଟା ମଧ୍ୟରେ ୧,୫୨,୮୭୯ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଏହି ସମୟ ମଧ୍ୟରେ ମୋଟ ୮୩୯ଜଣ କରୋନା ରୋଗୀ ପ୍ରାଣ ହରାଇଛନ୍ତି । ଏହା ସହିତ ଦେଶରେ କୋରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧,୩୩,୫୮,୮୦୫ ପହଂଚିଛି । ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୧,୦୮,୦୮୭ ଥିବା ବେଳେ ବର୍ତମାନ ସୁଦ୍ଧା ୧,୬୯,୨୭୫ ଜଣ ମୃତ୍ୟୁ ବରଣ କରିଛନ୍ତି ।

## ଅକ୍ଟୋବର ସୁଦ୍ଧା ଭାରତକୁ ମିଳିପାରେ ଆଉ ୫ ଟି କରୋନା ଭ୍ୟାକ୍ସିନ୍

### ୧୦ ଦିନ ମଧ୍ୟରେ 'ସ୍ପୁଟନିକ୍ ଭି' କୁ ବି ମିଳିପାରେ ମଞ୍ଜୁରୀ




ନୂଆଦିଲ୍ଲୀ,୧୧/୦୪: ଚଳିତ ବର୍ଷ ଅକ୍ଟୋବର ମାସ ସୁଦ୍ଧା ଭାରତକୁ ଆଉ ୫ ଟି କମ୍ପାନୀ ଦ୍ୱାରା ପ୍ରସ୍ତୁତ କୋଭିଡ-୧୯ ଟିକା ମିଳିବାର ସମ୍ଭାବନା ଦେଖାଦେଇଛି । ଭାରତ ବର୍ତ୍ତମାନ ୨ ଟି କୋଭିଡ ଟିକାକୁ ମଞ୍ଜୁରୀ ଦେଇଛି । ଯାହା ମଧ୍ୟରେ କୋଭିସିଲ୍ଡ ଓ କୋଭାକ୍ସିନ ଟିକା ରହିଛି । ହେଲେ ଚଳିତ ବର୍ଷ ଶେଷ ପୂର୍ବରୁ ଭାରତକୁ ଆଉ ୫ ଟି କୋଭିଡ୍-୧୯ ଟିକା ମିଳିବାର ସୂଚନା ମିଳିଛି । ▶▶ପୃଷ୍ଠା ୭

# ସୂର୍ଯ୍ୟସ୍ନାତାଙ୍କ ଦୁଇଟି ଇ-ପୁସ୍ତକ ଉନ୍ମୋଚିତ

ବାଲେଶ୍ୱର,୧୧/୦୪ (ନି.ପ୍ର): ଉତ୍କଳ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନରତା ଆଇନ୍ ବିଭାଗରେ ଛାତ୍ରୀ ସୂର୍ଯ୍ୟସ୍ନାତା ଦାସଙ୍କର ଦୁଇଟି ଇ-ପୁସ୍ତକ ଉନ୍ମୋଚିତ ହୋଇଯାଇଛି । ବହିଘର ବିଦ୍ୟାଭାରତୀ ସଭାଗୃହରେ ୧୧ ତାରିଖ ସନ୍ଧ୍ୟାରେ ଅନୁଷ୍ଠିତ ଏହି ସ୍ୱତନ୍ତ୍ର ଉତ୍ସବରେ କବି ଅଭୟ ଦାସ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ବାଲେଶ୍ୱର ବାର୍-ଏସୋସିଏସନ୍ର ସଭାପତି ବରିଷ୍ଠ ଆଇନ୍‌ଜୀବୀ ମନୋଜ ନାୟକ ଯୋଗ ଦେଇ ଏହି ପୁସ୍ତକ ଦ୍ୱୟ ଉନ୍ମୋଚନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନ୍‌ଜୀବୀ କେଶୁଧର ରାଉଳ, ଧ୍ୱନି ପ୍ରତିଧ୍ୱନିର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା, ଫକୀରମୋହନ



ସାହିତ୍ୟ ପରିଷଦର ସଭାପତି ଡ. ଶିରୀଶ ଚନ୍ଦ୍ର ଜେନା, ଏଡଭୋକେଟ୍ ସ୍ନେହଲତା ଦାସ, ଆଇନଜୀବୀ ଉତ୍ପଳ ମହାନ୍ତି ପ୍ରମୁଖ ଏହି ସଭାରେ ଯୋଗ ଦେଇ ଆଇନ୍ ବିଷୟକ ଏଭଳି ଦୁଇ ଅନନ୍ୟ ପୁସ୍ତକ ସମ୍ପର୍କରେ ସେମାନଙ୍କର ସମୀକ୍ଷାତ୍ମକ ମତ ପ୍ରଦାନ କରିବା ସହିତ ସୂର୍ଯ୍ୟସ୍ନାତାଙ୍କର ଏଭଳି ଉଦ୍ୟମର ଭୂୟସୀ ପ୍ରସଂଶା କରିଥିଲେ । କବି କାଳିପଦ ପଣ୍ଡା, ସୁଶ୍ରୀ ଅରୁଣା ରାୟ ଏବଂ ବିକ୍ରମ ପଣ୍ଡା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ସୂର୍ଯ୍ୟସ୍ନାତାଙ୍କୁ ଆଶୀର୍ବଚନ ପ୍ରଦାନ କରିଥିଲେ । ସଭା ଆରମ୍ଭରେ ବାର୍ ଏସୋସିଏସନ୍‌ର ନବନିର୍ବାଚିତ ସଭାପତି ମନୋଜ ନାୟକଙ୍କୁ ବହିଘର ଓ ବିଦ୍ୟାଭାରତୀ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଦ୍ୟାଭାରତୀର ସଂଚାଳିକା ମଞ୍ଜୁଲତା ବଳ ଜଗନ୍ନାଥ ଭଜନ କରିବେଷଣ କରିଥିବା ବେଳେ ସୂର୍ଯ୍ୟସ୍ନାତା 'ପରିବାର ସମ୍ପର୍କିତ ଆଇନ୍' ଓ 'ଅପରାଧ ସମ୍ପର୍କିତ ଆଇନ୍' ଇ-ପୁସ୍ତକ ଦ୍ୱୟ ରଚନାର ଉଦ୍ଦେଶ୍ୟ ସମ୍ପର୍କରେ ତାଙ୍କର ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ । ସଭା ଶେଷରେ କୃତଜ୍ଞତା ଅର୍ପଣ କରିଥିଲେ ସୂର୍ଯ୍ୟସ୍ନାତାଙ୍କ ପିତା ହିମାଂଶୁ ଦାସ ।

## ଆଇନଜୀବିମାନେ ନେଲେ କରୋନା ଟୀକା

ପୁରୀ, ୧୧/୪ (ନି.ପ୍ର.): ପୁରୀ ବାର ଆସୋସିଏସନ କାର୍ଯ୍ୟାଳୟରେ ଆଜି ସକାଳ ୮ଟା ୧୨ଟା ମଧ୍ୟରେ ୧୧୯ଜଣ ଆଇନଜୀବି କରୋନା ଟୀକା ନେଇଛନ୍ତି । ଆଇନଜୀବିମାନେ ଆଧାରକାର୍ଡ ପଞ୍ଜିକରଣ କରିବା ସହ ଏହି ଟୀକା ଜଣକ ପରେ ଜଣେ ଗ୍ରହଣ କରିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତା ମିଶ୍ରଙ୍କ ସହଯୋଗରେ ୨ଜଣ ସ୍ୱାସ୍ଥ୍ୟକର୍ମୀ ପ୍ରିୟଙ୍କା ପ୍ରଧାନ ଓ ଆଶିଷ କୁମାର ପରିଡା ଆଇନଜୀବିମାନଙ୍କ ନାମ ପଞ୍ଜିକରଣ ଓ ଟୀକା ପ୍ରଦାନ କରିଥିଲେ । ଏହି କାର୍ଯ୍ୟକୁ ସଂଘର ନୂତନ ସଂପାଦକ ଶାରଦ ପ୍ରସାଦ ସାମଲ ଓ ପୂର୍ବତନ ସଂପାଦକ ବିଭୁତି ଭୂଷଣ ତ୍ରିପାଠୀ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ସଭାପତି ଭଗବାନ ମିଶ୍ର, ଉପସଭାପତି ରବିନାରାୟଣ ପ୍ରଧାନ, ଯୁଗ୍ମ ସଂପାଦକ ବିଭୂଦତ ପଟ୍ଟନାୟକ, ନରେଶ କୁମାର ମହାନ୍ତି, ସଂଗ୍ରାମ କେଶରୀ ଦାସ, କାର୍ଯ୍ୟକାରୀ ସଭ୍ୟ ଅନୀଲ କୁମାର ସାହୁ, କ୍ଷେତ୍ରବାସୀ ସାହୁ, ତପନ କୁମାର ବାରିକୀ ଓ ସୋମନାଥ ରଣା ପ୍ରମୁଖ ସହଯୋଗ କରିଥିଲେ ।

## ବରଡା ଛକରେ ବ୍ୟାଙ୍କ ପ୍ରତିଷ୍ଠା ଦାବି

ଧର୍ମଶାଳା, ୧୧/୪ (ନି.ପ୍ର.): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ଚଣ୍ଡିଖୋଲ- ଡୁବୁରୀ ଜାତୀୟ ରାଜପଥ କଡରେ ଥିବା ବରଡା ଛକରେ ଏକ ବ୍ୟାଙ୍କ ପ୍ରତିଷ୍ଠା ପାଇଁ ଅଂଚଳବାସୀଙ୍କ ପକ୍ଷରୁ ଦାବି ହେଉଛି । ଉକ୍ତ ଅଂଚଳରେ ଅନେକ ବ୍ୟବସାୟ ପ୍ରତିଷ୍ଠାନ ରହିଥିବା ବେଳେ ସ୍ଥାନୀୟ ଜନସାଧାରଣ ଅନ୍ୟତ୍ର ବହୁ ଦୂରଦୂରାନ୍ତକୁ ଆସି ବ୍ୟାଙ୍କରେ କାରବାର କରନ୍ତି । ଅଂଚଳର ଆଖପାଖରେ ବ୍ୟାଙ୍କ ନ ଥିବା ଯୋଗୁଁ ଗ୍ରାହକମାନେ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ଏହି ଅଂଚଳରୁ ୧୫ କିମି କବାଟବନ୍ଧ ଓ ଚଣ୍ଡିଖୋଲସ୍ଥିତ ବ୍ୟାଙ୍କ ଉପରେ ନିର୍ଭର କରିଥାନ୍ତି । ସାମାନ୍ୟ ବ୍ୟାଙ୍କ କାମ ପାଇଁ ଦୀର୍ଘ ସମୟ ଓ ବହୁବାଟ ଯିବାକୁ ପଡୁଛି । ଫଳରେ ଶହଶହ ଲୋକେ ଏହି ବ୍ୟାଙ୍କ ସେବାରୁ ବଂଚିତ ହେଉଛନ୍ତି । ଏହି ଅଂଚଳର ସମେତ ଗଡମଧୁପୁର, କମାଗଡ, ସଂପା, ପୁରୁଣା ବଉଳମାଳ, ଅଂଟିଆ ଆଦି ଅଂଚଳର ଲୋକମାନଙ୍କୁ ବ୍ୟାଙ୍କ ସେବା ଯୋଗାଇ ଦେବା ପାଇଁ ଜନସାଧାରଣ ଦାବି କରିଛନ୍ତି ।

## ମୁହଁରେ ମାସ୍କ ନଥିଲେ ଦେବାକୁ ପଡ଼ିବ ଦ୍ୱିଗୁଣା ଫାଇନ୍

ଜୟପୁର, ୧୧/୪ (ନି.ପ୍ର.): କରୋନାର ଦ୍ୱିତୀୟ ଲହରିକୁ ନେଇ ସରକାର ସତର୍କ ଘଂଟି ବଜାଇଥିବା ବେଳେ ଗତକାଲି ରାତିରେ କୋରାପୁଟ ଏସପି ବରୁଣ ଗୁଣ୍ଟୁପାଲି ରାତ୍ରିକାଳୀନ କର୍ଫ୍ୟୁ ପରିଦର୍ଶନରେ ଆସି ମୁହଁରେ ମାସ୍କ ନ ଥିଲେ ଦ୍ୱିଗୁଣା ଫାଇନ୍ ଆଦାୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଗତକାଲି ରାତି ସାଢ଼େ ୧୧ଟା ବେଳେ ନାଇଟ କର୍ଫ୍ୟୁ ଦେଖିବାକୁ ଆସି ସଦର ଥାନା ଅଧିକାରୀ ଓ ଟାଉନ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । କୋରାପୁଟ ସତେ ୧୦ ଜିଲ୍ଲାରେ ଏବେ ନାଇଟ କର୍ଫ୍ୟୁ ମଧ୍ୟ ଜାରି କରାଯାଇଛି । ଏଥି ସଂଗେ କୋଭିଡ୍ ଗାଇଡ୍ ଲାଇନକୁ କଡ଼ାକଡ଼ି ପାଳନ ନେଇ ନିର୍ଦ୍ଦେଶ ମଧ୍ୟ କରାଯାଇଛି । ଗତକାଲି ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ମାସ୍କ ପରିଧାନ ବାଧ୍ୟତାମୂଳକ ନେଇ କହିବା ବେଳେ ଅମାନିଆଙ୍କୁ ୨୦୦୦ ପର୍ଯ୍ୟନ୍ତ ଜୋରିମାନା ଆଦାୟ ପାଇଁ ନିର୍ଦ୍ଦେଶ ବି ଦେଇଛନ୍ତି । ଯାହାକୁ ନେଇ ଜୟପୁର ଉପଖଣ୍ଡରେ ପୋଲିସ ପ୍ରଶାସନ ତରଫରୁ ଯାଂଚ ପ୍ରକ୍ରିୟାକୁ କଡ଼ାକଡ଼ି କରାଯାଇଛି । ଜୟପୁର, ବୋରିଗୁମ୍ମା ଏବଂ କୋଟପାଡ଼ ଅଂଚଳରେ ନାଇଟ୍ କର୍ଫ୍ୟୁକୁ କଡ଼ାକଡ଼ି କରାଯାଇଛି । ଅମାନିଆଙ୍କଠାରୁ ମୋଟା ଅଙ୍କରେ ଆଦାୟ ହେଉଛି ଜରିମାନା ଟଙ୍କା । ଏମିତି କି ଜୟପୁର ସହରର ସନ୍ଧ୍ୟା ଫଙ୍କସନ ହଲରେ ବିନା ଅନୁମତିରେ ଲୋକେ ଆସର ଜମାଇଥିବା ବେଳେ ଜୟପୁର ଟାଉନ ପୋଲିସ ଚଢ଼ାଉ କରି ୩୦ହଜାର ଟଙ୍କା ଜରିମାନା ଆଦାୟ କରିବା ସଂଗେ ସଂଗେ ୩ ଦିନ ପାଇଁ ଫଙ୍କସନ ହଲକୁ ସିଲ୍ କରିଛି । ସେପଟେ କୋରାପୁଟ ଜିଲ୍ଲାରେ ଯାଂଚ ପ୍ରକ୍ରିୟା କଡ଼ାକଡ଼ି କରାଯାଇଛି । ଏହାଛଡ଼ା ଆଜିଠାରୁ ଓଡ଼ିଶା-ଛତିଶଗଡ଼ ବୋର୍ଡକୁ ସିଲ୍ କରାଯାଇଛି । ବସ୍ ଚଳାଚଳ ବନ୍ଦ କରାଯାଇଛି । ଜରୁରୀ ସମୟରେ ନେଗେଟିଭ ପ୍ରମାଣପତ୍ର ଦେଖାଇଲେ ହିଁ ଛଡ଼ାଯିବ ବୋଲି ସୂଚନା ଦେଇଛନ୍ତି କୋରାପୁଟ ଏସ.ପି. ବରୁଣ ଗୁଣ୍ଟୁପାଲି ।

## ପୁନର୍ବାସ ଓ ପାରିପାର୍ଶ୍ୱିକ ଉନ୍ନୟନ ଉପଦେଷ୍ଟା କମିଟି ବୈଠକ

ଝାରସୁଗୁଡ଼ା, ୧୧/୪ (ନି.ପ୍ର.): ଏମ୍ ସି ଏଲର ଇବ ଭ୍ୟାଲି, ଓରିଏଂଟ ଓ ଲଖନପୁର ଏରିଆ ପାଇଁ ପୁନର୍ବାସ ଓ ପାରିପାର୍ଶ୍ୱିକ ଉନ୍ନୟନ ଉପଦେଷ୍ଟା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉତରାଂଚଳ ରାଜସ୍ୱ ଆୟୁକ୍ତ ତଥା କମିଟିର ଅଧକ୍ଷ ଅନୀଲ କୁମାର ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବରଗଡ଼ ସାଂସଦ ସୁରେଶ ପୂଜାରୀ, ବ୍ରଜରାଜନଗର ବିଧାୟକ କିଶୋର କୁମାର ମହାନ୍ତି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀଙ୍କ ପ୍ରତିନିଧି ସନ୍ଦୀପ ଅଓ୍ୱସ୍ତି, ଜିଲ୍ଲା ପରିଷଦ ଅଧକ୍ଷ ଲକ୍ଷ୍ମୀନାରାୟଣ ପଟେଲ, ଉତ୍ତରାଞ୍ଚଳ ଆଇ ଜି ନରସିଂହ ଭୋଳ, ଝାରସୁଗୁଡ଼ା ଜିଲ୍ଲାପାଳ ସରୋଜ କୁମାର ସାମଲ, ଆରକ୍ଷୀ ଅଧିକ୍ଷକ ବିକାଶ ଚନ୍ଦ୍ର ଦାଶ, ଡି ଏଫ ଓ ଲଳିତ ପାତ୍ର, ଏମ୍ ସି ଏଲ ମୁଖ୍ୟ ପରିଚଳନା ନିର୍ଦ୍ଦେଶକ, ଅତିରିକ୍ତ ଜିଲ୍ଲାପାଳ ଲିଲି କୁମାରୀ କୁଲୁ, ଉପ ଜିଲ୍ଲାପାଳ ଶିବ ଟପ୍ପୋ, ଏମ୍ ସି ଏଲର ନିର୍ଦ୍ଦେଶକ ଟେକନିକାଲ ଓ ପର୍ସନାଲ, ଲଖନପୁର ପଞ୍ଚାୟତ ସମିତି ଅଧକ୍ଷା ଶାନ୍ତି ପ୍ରଧାନ, ଝାରସୁଗୁଡ଼ା ପଞ୍ଚାୟତ ସମିତି ଅଧକ୍ଷ ଦିଗାମ୍ବର ଭୋଇ, ଏମ୍ ସି ଏଲ ଇବ ଭ୍ୟାଲି, ଲଖନପୁର ଓ ଓରିଏଂଟ ଏରିଆର ସାଧାରଣ ପରିଚାଳକବୃନ୍ଦ ଓ ଅନ୍ୟାନ୍ୟ ପଦାଧିକାରୀ, ପ୍ରକଳ୍ପ ନିର୍ଦ୍ଦେଶକ ପୁନର୍ବାସ ଓ ଥଇଥାନ ଆଲୋମଣି ସେଠୀ, ପ୍ରକଳ୍ପ ପ୍ରଭାବିତ ଅଞ୍ଚଳର ପ୍ରତିନିଧି ଓ ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ବିସ୍ଥାପିତମାନେ ଯେପରି ନିୟମ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ କ୍ଷତି ପୂରଣ ସହ ସମସ୍ତ ସୁବିଧା ସୁଯୋଗ ପାଇବେ ସେଥି ପ୍ରତି ଯତ୍ନବାନ ହେବାକୁ ରାଜସ୍ୱ ଆୟୁକ୍ତ ଏମ୍ ସି ଏଲ କର୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଅଧିକରୁ ଅଧିକ ସ୍ଥାନୀୟ ନିଯୁକ୍ତି ପ୍ରଦାନ ସହ ଗାଇଡ ଲାଇନ ଅନୁଯାୟୀ ଜିଲ୍ଲାପାଳଙ୍କୁ ପ୍ରତି ମାସରେ ନିଯୁକ୍ତି ପ୍ରଦାନ ସମ୍ପର୍କିତ ତଥ୍ୟ ଜଣାଇବାକୁ ଏମ୍ ସି ଏଲ କର୍ତୃପକ୍ଷ ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାରେ ସି ଏସ ଆର ମାଧ୍ୟମରେ ଚାଲୁଥିବା କାର୍ଯ୍ୟକ୍ରମ ଗୁଡିକର ସମୀକ୍ଷା ସହ ଜିଲ୍ଲାରେ ସି ଏସ ଆର ପାଣ୍ଠି କିପରି ଅଧିକ ବିନିଯୋଗ କରାଯାଇ ଉନ୍ନୟନମୂଳକ କାର୍ଯ୍ୟକ୍ରମ କରାଯିବ ସେ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା । କୋଭିଡର ସଂକ୍ରମଣକୁ ରୋକିବା ପାଇଁ ନିୟମକୁ କଡାକଡି ଭାବରେ ପାଳନ ପାଇଁ ରାଜସ୍ୱ ଆୟୁକ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଜିଲ୍ଲାରେ କିଛି ସ୍କୁଲକୁ ସ୍ମାର୍ଟ ସ୍କୁଲରେ ପରିଣତ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା । ବୈଠକ ଶେଷରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ତପିରାମ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜ୍ଞାନବିକାଶ ଆଇଟିଆଇରେ ରକ୍ତଦାନ ଶିବିର : ୫୫ ୟୁନିଟ୍ ସଂଗୃହୀତ



ଜଳେଶ୍ୱର, ୧୧/୪ (ନି.ପ୍ର.): ଜଳେଶ୍ୱରର ଜ୍ଞାନବିକାଶ ଆଇଟିଆଇ ପରିସରରେ ଆଇଟିଆଇ ଓ ଓଡିଶା ମୋ ସରକାର ଆନୁକୂଲରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ଆଇନ୍‌ଜିବୀ ଚିନ୍ମୟକୁମାର ଦାସ ଉଦ୍‌ଘାଟନ କରି ରକ୍ତର ବିକଳ୍ପନଥିବା ଏବଂ ଟୋପାଏ ରକ୍ତ କାହାର ଜୀବନ ବଂଚାଇପାରେ, ତେଣୁ ରକ୍ତଦାନର ଆବଶ୍ୟକତା ସଂପର୍କରେ କହିଥିଲେ । ଅନୁଷ୍ଠାନର ସଂପାଦକ ଲେଲୀନ୍ କୁମାର ପ୍ରଧାନ ଏଥିରେ ଅଧ୍ୟକ୍ଷତା କରି ସୂଚନା ପ୍ରଦାନ କରିଥିଲେ । ମୁଖ୍ୟ ଅତିଥିଭାବେ ବିଧାୟକ ଅଶ୍ୱିନୀ କୁମାର ପାତ୍ର ଯୋଗ ଦେଇ ପ୍ରତ୍ୟେକ ଅନୁଷ୍ଠାନ ରକ୍ତଦାନର ଆବଶ୍ୟକତା ପ୍ରତି ସଚେତନ ହେଲେ ଥାଲାସେମିଆ, ଦୁର୍ଘଟଣାଗ୍ରସ୍ତ ଓ ପ୍ରସୂତିମାନଙ୍କଠାରେ ରକ୍ତର ଅଭାବ ରହିବନାହିଁ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ପ୍ରତୀପ ପ୍ରଧାନ, ତାରାପଦ ମହାନ୍ତି, ମଧୁସୂଦନ ସେନାପତି, ଡାକ୍ତର ମହେଶ କୁମାର ବିଶ୍ୱାଳ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଏହି କାର୍ଯ୍ୟକ୍ରମକୁ ଅନୂପ କୁମାର ପଣ୍ଡା, ଅକ୍ଷୟ ଭଂଜ, ରବିନାରାୟଣ ଚନ୍ଦ, ସଂଜିବ ପ୍ରଧାନ, ରବିନ୍ଦ୍ର ଦାସ, ବିନୟ ପାତ୍ର, ପ୍ରିୟବ୍ରତ ପ୍ରଧାନ, ଜୟନ୍ତ କର, ପ୍ରଦୀପ ମହାନ୍ତି, ପ୍ରଶାନ୍ତ ପରିଡା ପ୍ରମୁଖ ପରିଚାଳନା କରିଥିଲେ ।

## ନୂତନ ରାଜସ୍ୱ ଗ୍ରାମର ସୀମା ନିର୍ଦ୍ଧାରଣ ପ୍ରକ୍ରିୟା (ବି.ସି.ପି.) ପାଇଁ ଲୋକେ ହନ୍ତସନ୍ତ

### ରାଜସ୍ୱ ବିଭାଗ ଓ ଜିଲ୍ଲା ପ୍ରଶାସନର ଦଷ୍ଟି ଆକର୍ଷଣ ପାଇଁ ଦାବି

ଧାମନଗର, ୧୧/୪ (ନି.ପ୍ର.): ଧାମନଗର ତହସିଲ ଅନ୍ତର୍ଗତ ୭ଟି ରାଜସ୍ୱ ଗ୍ରାମରୁ ନୂତନ ରାଜସ୍ୱ ଗ୍ରାମ ସୀମା ନିର୍ଦ୍ଧାରଣ ପ୍ରକ୍ରିୟା (ବି.ସି.ପି) ପାଇଁ ୨୦୦୦ ମସିହାରେ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ମାତ୍ର ଦୀର୍ଘ ୧୨ବର୍ଷ ପରେ ଅର୍ଥାତ ୨୦୧୨ ମସିହାରେ ଏହି କାର୍ଯ୍ୟ ପ୍ରକ୍ରିୟା ଧାମନଗର ତହସିଲ ଅଞ୍ଚଳରେ ଲାଗୁହେଲା । ୨୦୧୨ ମସିହାରେ ତତ୍‌କାଳୀନ ଅତିରିକ୍ତ ଜିଲ୍ଲାପାଳ ୭ଟି ରାଜସ୍ୱ ଗ୍ରାମରେ କେତେକ କାର୍ଯ୍ୟପ୍ରତି ପ୍ରତିବନ୍ଧକ ଲଗାଇବାକୁ ମୌଖିକ ନିର୍ଦ୍ଦେଶ ଦେଇଥିଲେ। ଯାହା ଫଳରେ ଆଜକୁ ଦୀର୍ଘ ୯ବର୍ଷ ଧରି ଏହି ସବୁ ରାଜସ୍ୱ ଗ୍ରାମର ପାଖାପାଖି ୨୫ହଜାର ଲୋକ ବିଭିନ୍ନ ସରକାରୀ ପ୍ରମାଣ ପତ୍ର ସହ ଜମି ଜମା କାଗଜାତ ପାଇଁ ହଇରାଣ ହେଉଛନ୍ତି। ଘଟଣାରୁ ଯାହା ଜଣାଯାଇଛି ଯେ, ନୂତନ ରାଜସ୍ୱ ଗ୍ରାମ ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ପାଇଁ ଧାମନଗର ତହସିଲ ଅନ୍ତର୍ଗତ ଧାମନଗର, ରାଧାବଲ୍ଲଭପୁର, ଅସୁରାଳୀ, ଶହୀଦନଗର, ଦେଉଳଡିହି, ଦଇପୁର ଏହି ୬ଟି ରେଭିନ୍ୟୁ ସର୍କଲ ଅନ୍ତର୍ଗତ ଜୟନଗର, ପଳିକିରୀ, ଧର୍ମାଗତପୁର, ସରପୁର, ଧୁଷୁରୀ, ଦେଉଳଡିହି, ମୌଦପୁର ଆଦି ୭ଟି ମୂଳ ରାଜସ୍ୱ ମୌଜାରୁ କାଙ୍କରା, ମୁନିସିପାଟଣା, ବାଇଦପୁର, କେଳାଙ୍ଗ ଶାସନ, ଲେଙ୍କାସାହି, ଜଗନ୍ନାଥ ସାହି, ବନ୍ଧସାହି, ଜଗନ୍ନାଥ ବାଡି ଆଦି ୮ଟି ନୂତନ ରାଜସ୍ୱ ମୌଜା ଗଠନ ପାଇଁ ୨୦୧୨ ମସିହାରେ ତତ୍‌କଳୀନ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ନାମା ଦେଇଥିଲେ । ଫଳରେ ଉପଲିଖିତ ୭ଟି ପୁରୁଣା ରାଜସ୍ୱ ମୌଜାର ଜନସାଧାରଣଙ୍କ ତହସିଲ ସମ୍ପର୍କିତ କାଗଜାତ ବାହାର କରିବା କାର୍ଯ୍ୟବନ୍ଦ କରାଯାଇଥିଲା । ଏହି ଆଦେଶ ଯୋଗୁଁ ଉପର ୭ଟି ରାଜସ୍ୱ ମୌଜାର ଲୋକମାନେ ନିମ୍ନଲିଖିତ ବିଭିନ୍ନ ଅସୁବିଧାରେ ସମ୍ମୁଖିନ ହେଉଛନ୍ତି । ଯଥା ୧) ନାମଜାରୀ ନକରି ପାରିବା ୨) କିସମ ପରିବର୍ତ୍ତନ ନକରି ପାରିବା ୩) କବଲା ମୂଳେ ଦଲିଲ ନକରି ପାରିବା ୪) ସଂପତ୍ତି ବିଭାଗ ବଣ୍ଟନ ନକରି ପାରିବା ଏହି ଭଳି ନାନା ଅସୁବିଧାର ସମ୍ମୁଖିନ ହେଉଥିବା ବେଳେ ବିଭାଗୀୟ କର୍ତ୍ତୃପକ୍ଷଙ୍କ କୁମ୍ଭକର୍ଣ୍ଣ ନିଦ୍ରା ଲୋକଙ୍କ ମନରେ ଅସନ୍ତୋଷର ବହ୍ନିକୁ ପ୍ରଜ୍ୱଳିତ କରୁଥିବା ଜଣାଯାଇଛି । ଏହି ବି.ସି.ପି ବା ନୂତନ ରାଜସ୍ୱ ଗ୍ରାମ ସୀମା ନିର୍ଦ୍ଧାରଣ କାର୍ଯ୍ୟପାଇଁ ଅନ୍ୟ ତହସିଲରେ ସରକାରଙ୍କ ପକ୍ଷରୁ ଜଣେ ଅବା ଦୁଇ ଜଣ ଲେଖାଏଁ ଅମିନ ନିଯୁକ୍ତି ହୋଇ କାର୍ଯ୍ୟ ସରିଥିବା ବେଳେ ଧାମନଗର ତହସିଲରେ ୬ଜଣ ନୂତନ ଅମିନ ନିଯୁକ୍ତି ହୋଇ ପ୍ରକ୍ରିୟା କାର୍ଯ୍ୟ ଆଗାଉ ନଥିବା ଲୋକଙ୍କ ମନରେ ଅସନ୍ତୋଷ ସୃଷ୍ଟି କରୁଛି । ଏତେ ମାତ୍ରରେ ଅମିନ ମାନେ ନିଯୁକ୍ତି ପାଇଥିଲେ ମଧ ଧାମନଗର ତହସିଲ କର୍ତ୍ତୃପକ୍ଷ କାହା ଚାପରେ ସେମାନଙ୍କୁ ବିଭିନ୍ନ ରାଜସ୍ୱ କାର୍ଯ୍ୟାଳୟରେ କାମ କରାଉଛନ୍ତି ତାହା ଅସ୍ପଷ୍ଟ । ଏପଟେ କିଛି ଅବସରପ୍ରାପ୍ତ ଅମିନ ରାଜସ୍ୱ ଗ୍ରାମକୁ ଯାଇ ପ୍ଲଟ ଅଲଗା କରିବା ଆଳରେ ଜମି କ୍ରୟ କରିଥିବା ଲୋକ ମାନଙ୍କ ଠାରୁ ହାତ ଗୁଞ୍ଜା ଆଣି ମାଲା ମାଲ ହେଉଛନ୍ତି । ସର୍ବୋପରି କହିବାକୁ ଗଲେ ବିଭାଗୀୟ ଉଦସୀନତା ପାଇଁ ଉପରୋକ୍ତ ୭ଟି ରାଜସ୍ୱ ଗ୍ରାମର ୨୫ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ଆଜକୁ ୯ବର୍ଷ ହେବ ତହସିଲ କାର୍ଯ୍ୟାଳୟରୁ ସରକାରୀ କାଗଜପତ୍ର ଯୋଗାଡ କରିନପାରି ନାହିଁ ନଥିବା ଅସୁବିଧାରେ ସମ୍ମୁଖିନ ହେଉଛନ୍ତି । ଭଦ୍ରକ ଜିଲ୍ଲାର ଜିଲ୍ଲାପାଳ ଜିଲ୍ଲାବାସୀଙ୍କ ପାଇଁ ସରକାରୀ ଯୋଜନାକୁ ଦୁଆର ମୁହଁରେ ପହଞ୍ଚାଉଥିଲାବେଳେ ଏଠାରେ ଜନସାଧାରଣ ସରକାରୀ କାର୍ଯ୍ୟାଳୟକୁ ଦଉଡ଼ି ଦଉଡ଼ି ଆବଶ୍ୟକ କଗଜପତ୍ର ନପାଇବା ଲୋକଙ୍କ ମନରେ ନିରାଶ ଭାବ ସୃଷ୍ଟି କରୁଛି। ବାରମ୍ବାର ଦୈନିକ ଓଡିଆ ସମ୍ବାଦପତ୍ରରେ ଏ ସମ୍ବନ୍ଧରେ ଖବର ପ୍ରକାଶ ପାଉଥିଲେ ମଧ ଜିଲ୍ଲା ପ୍ରଶାସନ ଓ ରାଜସ୍ୱ ବିଭାଗ ପକ୍ଷରୁ ଆଜିଯାଏଁ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। କିଛି ନିର୍ଦ୍ଦିଷ୍ଟ ରାଜସ୍ୱ ଗ୍ରାମର ଲୋକେ ଏ ସମ୍ବନ୍ଧରେ କେନ୍ଦ୍ରାଞ୍ଚଳର ରାଜସ୍ୱ କମିଶନର ଓ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ ପ୍ରେରଣ କରିଛନ୍ତି। ଆଗାମୀ ୧ମାସ ମଧ୍ୟରେ ଏହି ରାଜସ୍ୱ ଗ୍ରାମରେ ଲାଗିଥିବା ପ୍ରତିବନ୍ଧକ ପ୍ରତ୍ୟାହାର ପାଇଁ ସେହି ଅଞ୍ଚଳର ଜନସାଧାରଣଙ୍କ ପକ୍ଷରୁ ଦାବୀ ହେଉଛି । ସରକାର ତଥା ବିଭାଗୀୟ କର୍ତ୍ତୃପକ୍ଷ ଏଭଳି ଏକ ଦୀର୍ଘ କାଳୀନ ସ୍ୱର୍ଶକାତର ସମସ୍ୟା ପ୍ରତି ସଚେତନ ହୋଇ ଉପରୋକ୍ତ ରାଜସ୍ୱ ଗ୍ରାମ ଗଠନର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ଜନସାଧାରଣଙ୍କ ଅସୁବିଧା ଦୂରକରିବାକୁ ବୁଦ୍ଧିଜୀବୀ ମହଲରୁ ଦାବୀ ହେଉଛି ।

## ଓଲଟିଲା ଆଇରନ ବୋଝେଇ ଟିପ୍ପର, ଡ୍ରାଇଭର ସହ ଖଲାସି ଫେରାର୍

ଧର୍ମଶାଳା, ୧୧/୪ (ନି.ପ୍ର.): ଆଜି ସକାଳେ ଧର୍ମଶାଳା ବ୍ଲକ ଜେନାପୁର ଥାନା ଅଧିନସ୍ଥ କନ୍ତପଡା ନିକଟରେ ଏକ ଲୁହା ପଥର ପରିବହନ କରୁଥିବା ଟିପ୍ପର ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡିଥିବା ଜଣାପଡିଛି । ଟିପରର ଡ୍ରାଇଭର ଓ ଖଲାସି ଅଳ୍ପକେ ବର୍ତି ଯାଇଥିବା ଜଣାପଡିଛି । ଟିପ୍ପରଟି ଦୁର୍ଘଟଣାଗ୍ରସ୍ତ ହେବା ପରେ ଡ୍ରାଇଭର ଓ ଖଲାସି ସେଠାରୁ ଫେରାର୍ ହୋଇଯାଇଥିବା ବେଳେ ଜେନାପୁର ପୋଲିସ ଘଟଣାସ୍ଥଳରେ ପହଂଚି ଟିପ୍ପରକୁ ଜବତ କରିଛି । ଟିପ୍ପରଟି ଡୁବୁରୀ ଅଂଚଳରୁ ପରାଦୀପ ଅଭିମୁଖେ ଲୁହାପଥର ପରିବହନ କରି ଆସୁଥିବା ବେଳେ ଏଭଳି ଅଘଟଣ ଘଟିଥିଲା ।

## ପାଟେଲିପଙ୍କ ଶିଶୁ ଯତ୍ନ କେନ୍ଦ୍ରର କେଳେଙ୍କାରୀ

କେନ୍ଦ୍ରାପଡ଼ା, ୧୧/୪ (ନି.ପ୍ର.): ଜିଲ୍ଲାର ମହାକାଳପଡା ତହସିଲ ଅଧିନ ପାଟେଲିପଙ୍କ ଠାରେ ଥିବା ଶିଶୁ ଯତ୍ନ କେନ୍ଦ୍ରରେ ଅନୈତିକ କାର୍ଯ୍ୟ, ଶିଶୁ ବିକ୍ରି, ଯୌନ ଶୋଷଣ, ନାବାଳିକା ଗର୍ଭବତୀ ହେବା ଆଦି ଗୁରୁତର ଅଭିଯୋଗ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ଏହାର ସବୁ ଦିଗରୁ ତଦନ୍ତ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ୩ଜଣିଆ ତଦନ୍ତ କମିଟି ଗଠନ କରାଯାଇଛି । ଏହି କମିଟିରେ ଜିଲ୍ଲା ମଙ୍ଗଳ ଅଧିକାରୀ ମମତାରାଣୀ ପରିଡା ମୁଖ୍ୟ ଥିବାବେଳେ ସଦସ୍ୟ ଭାବେ ଡିଏସଡବ୍ଲୁଓ ଚିନ୍ମୟୀ ରଥ ଓ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ସଦସ୍ୟ ଭାବେ ରହିଛନ୍ତି । ପାଟେଲିପଙ୍କ ଶିଶୁଯତ୍ନ କେନ୍ଦ୍ରର ବିରୋଧରେ ଉଠିଥିବା ଅଭିଯୋଗ ଗୁଡିକୁ ତଦନ୍ତ କରିବା ସହ ଏହାର ବର୍ତମାନର ପରିଚାଳନା କମିଟି ଓ ତାହାର ସଦସ୍ୟ ତଥା ଏଠାରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ କାର୍ଯ୍ୟକଳାପ ବିଷୟରେ ମଧ ତଦନ୍ତ କରିବେ । ଚଳିତ ମାସ ୧୫ ତାରିଖ ସୁଦ୍ଧା ଏହି ତଦନ୍ତ କମିଟି ତାହାର ରିପୋର୍ଟ ଜିଲ୍ଲା ପ୍ରଶାସନକୁ ପ୍ରଦାନ କରିବ ବୋଲି ନିର୍ଦ୍ଦେଶ ଦିଆଯାଇଛି । ଅନ୍ୟ ପକ୍ଷରେ ଶିଶୁ ସୁରକ୍ଷା ବିଭାଗରେ କାର୍ଯ୍ୟ କରୁଥିବା ବାଦଲ ଦାସଙ୍କୁ ଦାୟିତ୍ୱ ମୁକ୍ତ କରାଯାଇ ମହାକାଳପଡାର ସିଡିପିଓ ମନୋରମା ସ୍ୱାଇଁଙ୍କୁ ତାଙ୍କ ସ୍ଥାନରେ ଅବସ୍ଥାପିତ କରାଯାଇଛି । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଉପ ଜିଲ୍ଲାପାଳ ନିରଞ୍ଜନ ବେହେରା ଏହି ତଦନ୍ତ ସମ୍ବର୍ଦ୍ଧୀୟ ସୂଚନା ପ୍ରଦାନ କରିଛନ୍ତି ।

## ରାଜପଥରେ ଚାଲିଛି ଦୋହରୀ କରଣ : ଅବପଥ ଉପରେ ଦିଆଯାଉନି ଗୁରୁତ୍ୱ

### ଜିଲ୍ଲାପାଳଙ୍କୁ ଜଣାଇଲେ ଗ୍ରାମବାସୀ

କୋରେଇ, ୧୧/୪ (ନି.ପ୍ର.): ବର୍ତ୍ତମାନ ୧୬ ନମ୍ବର ଜାତୀୟ ରାଜପଥ ୬ଲେନ କାମ ଚାଲିଛି । ମାତ୍ର ପାଣିକୋଇଲି ବଜାରରୁ ମଣିପୁର ପର୍ଯ୍ୟନ୍ତ ଦୁଇ କିଲୋମିଟର ମଧ୍ୟରେ କୌଣସି ଅଣ୍ଡର ପାସ ରଖାଯାଇନାହିଁ । ଯାହା ଫଳରେ ତିନୋଟି ପଂଚାୟତର ୭ଟି ଗ୍ରାମର ଗ୍ରାମବାସୀ ଭବିଷ୍ୟତରେ ଅନେକ ଅସୁବିଧା ଭୋଗିବାର ଚିତ୍ର ସ୍ପଷ୍ଟ ହୋଇଛି । ଏଥି ପ୍ରତି ବିଭାଗୀୟ କର୍ତୃପକ୍ଷ ଦୃଷ୍ଟି ଦେବାକୁ ୭ଟି ଗ୍ରାମର ଗ୍ରାମବାସୀ ମାନେ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି । ପ୍ରକାଶଯେ ପାଣିକୋଇଲିରେ ୨୦ ନମ୍ବର ରାଜପଥ ସଂଯୋଗ ହୋଇଥିବାରୁ ଏଠାରେ ଓଭରବ୍ରିଜ ରହିଛି । ମାତ୍ର ପାଣିକୋଇଲି, ପଥରପଦା ଓ ଗୋଳେଇପୁର ପଂଚାୟତର ଅଳତିରି, କାଙ୍କଳା, ଖଜିରପୁର, ମଣିପୁର, ଦାମୋଦରପୁର, ବାଟୁଳ ଆଦି ଗ୍ରାମର ସଂଯୋଗୀ କରଣ ଜାତୀୟ ରାଜପଥ ସହିତ ରହିଛି । ପ୍ରତି ଗ୍ରାମର ଚାଷ ଜମି ଜାତୀୟ ରାଜପଥ ଉଭୟ ପାର୍ଶ୍ୱରେ ରହିଛି । ଏଥି ସହିତ ମଣିପୁର ଗ୍ରାମକୁ ଜାତୀୟ ରାଜପଥ ଦୁଇ ଭାଗରେ ବିଭିକ୍ତ କରିଛି । ଗୋଟିଏ ପାର୍ଶ୍ୱରେ ବିଦ୍ୟାଳୟ ଥିବାରୁ ଛୋଟ ଛୋଟ ପିଲାମାନେ ରାଜପଥ ପାର ହୋଇ ବିଦ୍ୟାଳୟକୁ ଆସିବା ସମ୍ଭବ ହେଉନାହିଁ । ଅନ୍ୟ ପଟେ ଚାଷୀ ରାସ୍ତା ପାର ହୋଇ ଚାଷ କରି ଅମଳ ପରେ ଅର୍ଜିତ ଫସଲକୁ କିପରି ରାସ୍ତା ପାର କରିବ ତାକୁ ନେଇ ଉଠିଛି ପ୍ରଶ୍ନ । ଯାହାଫଳରେ ଉଭୟ ପାର୍ଶ୍ୱର ଗ୍ରାମାବସୀ ବହୁ ଅସୁବିଧାର ସମ୍ମୁଖିନ ହେବାର ସମ୍ଭବନା ରହିଛି । ଏଥି ସହିତ ସେମାନେ ଗ୍ରାମ ରାସ୍ତାରୁ ଉଠି ରାଜପଥରେ ରଙ୍ଗରୁଟରେ ସର୍ଭିସରୋଡରେ ଯାତାୟତ କରିବାକୁ ବାଧ୍ୟ ହେବେ । ପାଣିକୋଇଲି ଶର୍ମା ପେଟ୍ରୋଲ ପମ୍ପ ଠାରୁ ମଣିପୁର ମଧ୍ୟରେ ଏକ ଅଣ୍ଡରପାସ( ଅବପଥ)ର ଆବଶ୍ୟକତା ଅତ୍ୟନ୍ତ ଜରୁରୀ । ସାଧାରଣ ଲୋକଙ୍କ ଆବଶ୍ୟକତା ଦୃଷ୍ଟିରୁ ଶର୍ମା ପେଟ୍ରୋଲ ପମ୍ପ ଠାରୁ ମଣିପୁର ମଧ୍ୟରେ ଏକ କଟ୍ ପଂଏଟ ରହିଥିଲା । ମାତ୍ର ୬ଲେନ ହେବା ପରେ ଏହା ବନ୍ଦ ହୋଇଯିବ । ତେଣୁ ପାଠପଢା ଓ ଚାଷ କାର୍ଯ୍ୟ ସହିତ ଏହି ୭ଟି ଗ୍ରାମର ଗ୍ରମାବାସୀଙ୍କ ଯାତାୟତରେ ବାଧା ଉପୁଯିବ । ସାଧାରଣ ଜନତାଙ୍କ ଗମନାଗମନ ଦୃଷ୍ଟିରୁ ଗଳିପୋଲର ଆବଶ୍ୟତାକୁ ତଦନ୍ତ କରାଯାଇ ତୁରନ୍ତ ଏକ ଗଳି ପୋଲ ନିର୍ମାଣ କରିବାକୁ ଅଂଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି । ଏଥି ସହିତ ୩ ନମ୍ବର ଜୋନ ଜିଲ୍ଲା ପରିଷଦ ସଦସ୍ୟ ଧରଣୀଧର ଘଡାଇ-ଏନେଇ ଯାଜପୁର ସାଂସଦ ଶର୍ମିଷ୍ଠା ସେଠୀଙ୍କ ନିକଟରେ ଦାବି ଜଣାଇଛନ୍ତି ।

## ମୀରାବାଇ କଳାବିକାଶ କେନ୍ଦ୍ରର ଓଡ଼ିଶୀ ନୃତ୍ୟ ଆରମ୍ଭ ଓ କରୋନା ସଚେତନତା କାର୍ଯ୍ୟକ୍ରମ

ଭୁବନ, ୧୧/୪ (ନି.ପ୍ର.): ଭୁବନର ଅଗ୍ରଣୀ ସଂସ୍କୃତିକ ଅନୁଷ୍ଠାନ ମୀରାବାଇ କଳାବିକାଶ କେନ୍ଦ୍ରରେ ଓଡ଼ିଶୀ ନୃତ୍ୟଶିକ୍ଷା ଓ କରୋନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀ ପରିଚାଳନା ପରିଷଦର ସଭ୍ୟ ଓ ଅନୁଷ୍ଠାନର ମୁଖ୍ୟ ସଂଗଠକ ତଥା ଦୂରଦର୍ଶନର ସ୍ୱକୃତୀ ପ୍ରାପ୍ତ ପ୍ରଯୋଜକ ଭଗବାନ ଗୁରୁ ଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଟକସ୍ଥିତ ନୃତ୍ୟଗୁରୁ ଶ୍ରୀ ରମାକାନ୍ତ ସାହୁ ପ୍ରଶିକ୍ଷକ ଭାବେ ଯୋଗଦେଇଥିଲେ। ଓଡ଼ିଶୀ ନୃତ୍ୟ ଶିକ୍ଷାରେ ୨୦ଜଣ ଛାତ୍ରୀ ଙ୍କୁ ଫୁଲ ଚନ୍ଦନ ପ୍ରଦାନ କରାଯାଇ ଦୁର୍ଗାବତୀ ନାୟକ, ଲିଲି ଦାସ ଉତ୍ସାହିତ କରିଥିଲେ। ଅନୁଷ୍ଠାନର ସମସ୍ତ ସଭ୍ୟ ଓ ସଭ୍ୟା ଛାତ୍ର, ଛାତ୍ରୀ ସାନିଟାଇଜର ହୋଇ ମୁହଁରେ ମାସ୍କ ପିନ୍ଧି ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଶପଥ କରିଥିଲେ। ଚିତ୍ର ଶିଳ୍ପୀ ନାରାୟଣ ସାହୁ, ବରିଷ୍ଠ ଆଇନିଜୀବୀ ସନାତନ ଗୁରୁ, ଅଭିନେତା ପ୍ରଶାନ୍ତ ଦ୍ୱିବେଦୀ, ସତ୍ୟବାଦୀ ସେନାପତି, ସତ୍ୟାନନ୍ଦ ପୃଷ୍ଟି, ବିଜୟ କୁମାର ସାହୁ, ଶିକ୍ଷାବିତ୍ ବିପିନ୍ କୁମାର ମିଶ୍ର, ସମାଜ ସେବୀ ରଥ କିଶୋର ସେଠୀ, ସଞ୍ଜିବ୍ କୁମାର ନାୟକ, ଡ଼ାକ୍ତରଖାନା କର୍ମଚାରୀ ଦିଲ୍ଲୀପ କୁମାର ଦାସ, ମହାମାରୀ କୋରନାର ଦ୍ୱିତୀୟ ଲହରୀ ସକାଶେ ସଚେତନତା ବାର୍ତା। ମୀରାବାଇ କଳାବିକାଶ କେନ୍ଦ୍ର, ଭୁବନ ମାଧ୍ୟମରେ ନିଜର ବହୁମୂଲ୍ୟ ଉପଦେଶ ଦେଇଥିଲେ। ଏହା ସହିତ ହୃଷିକେଶ ନାୟକ, କୈଳାଶ ଚନ୍ଦ୍ର ପୃଷ୍ଟି, ଶାନ୍ତିଲତା ଗୁରୁ, ପ୍ରତିମା ନାୟକ, ଉତମ ଦଳେଇ, ଉମା ନାୟକ, ଚିନ୍ତାମଣୀ ସାହୁ, ପଂଚାନନ ପ୍ରଧାନ, ବ୍ରହ୍ମାନନ୍ଦ ସାହୁ, ସହଯୋଗ କରିଥିଲେ। ପ୍ରତ୍ୟେକ ଶନିବାର ଦିନ ସକାଳ ଆଠ ଘଟିକା ଠାରୁ ଦଶ ଘଟିକା ପର୍ଯ୍ୟନ୍ତ ଓଡ଼ିଶୀ ନୃତ୍ୟ ଶିକ୍ଷା ଦିଆଯିବାକୁ ସ୍ଥିର ହୋଇଥିଲା। ପୂର୍ବରୁ ଏହି ଅନୁଷ୍ଠାନ ତରଫରୁ ଛାତ୍ର, ଛାତ୍ରୀ ଙ୍କ ଦ୍ୱାରା ଭୁବନେଶ୍ୱର ଦୂରଦର୍ଶନ ମାଧ୍ୟମରେ ଓଡ଼ିଶୀ ନୃତ୍ୟ ଦ୍ୱାରା ବହୁ ଗୀତାଭିନୟ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି।

## ପୁଣି ଖାଲିପଡିଲା ରାଉରକେଲା ଭିଜିଲାନ୍ସ ଏସପି ପଦବୀ

### ୟୁନିଟ ଡିଏସପି ଚଳାଉଛନ୍ତି ଅଫିସ, ଦାୟିତ୍ୱରେ ସମ୍ବଲପୁର ଏସପି

ରାଉରକେଲା, ୧୧/୪ (ନି.ପ୍ର.): ନିକଟ ଅତୀତରେ ରାଜ୍ୟ ସରକାର ରାଉରକେଲା ଭିଜିଲାନ୍ସ ଅଫିସକୁ ବିନା ଅଫିସ ଘର ଓ ଆବଶ୍ୟକିୟ କର୍ମଚାରୀ ଅଭାବରେ ଏସପି ଅଫିସ ଘୋଷଣା କଲା ପରେ ଏହି ଅଫିସରେ ପୁଣି ଏସପି ପଦବୀ ଖାଲି ପଡିଛି । ଏଠାରେ ରାଉରକେଲା ଭିଜିଲାନ୍ସ ୟୁନିଟର ଡିଏସପି ଉଭୟ ଏସପି ଓ ଡିଏସପି ଅଫିସ ଚଳାଉଥିବା ବେଳେ ସମ୍ବଲପୁର ଭିଜିଲାନ୍ସ ଏସପି ଦାୟିତ୍ୱରେ ରହିଛନ୍ତି । ଏହାଦ୍ୱାରାଏହି ଏସପି ଅଫିସ ଅଧିନରେ ଥିବା ଅନେକ ମାମଲାର ତଦନ୍ତ ସଠିକ୍ ଭାବରେ ଆଗଇ ନପାରିବା ସହ ଟିମ୍ ଲିଡରଙ୍କ ଅନୁପସ୍ଥିତିରେ ଭିଜିଲାନ୍ସର ବାସ୍ତବ କାମ ମଧ ଏଠାରେ ହୋଇପାରୁନଥିବା କୁହାଯାଉଛି । ଗତ ୭-୦୯-୨୦୨୦ରେ ଏହି ଅଫିସକୁ ସରକାର ଏସପି ଅଫିସ ଘୋଷଣା କରିବା ସହ ଜଣେ ପ୍ରମୋଟି ଅଧିକାରୀଙ୍କୁ ଏଠାରେ ଅବସ୍ଥାପିତ କଲେ । ସେ ମିଡିଆରେ ବହୁତ କଥା କହିଲେ, ହେଲେ କିଛି ହେଲାନି, ପରେ ସମ୍ବଲପୁର ଠାରେ ଥିବା ନାମୀ ଏସପି ସୁବାଷ ସ୍ୱାଇଁଙ୍କୁ ଏଠାକୁ ଅଣାଗଲା । ସେ ମାତ୍ର ଅଳ୍ପ ଦିନ ମଧ୍ୟରେ ଟ୍ରାପ୍, ଡିଏ ଆଦି ମିଶାଇ ୧୪ଟି ମାମଲା କରିପାରିବା ସହ ସମସ୍ତ ୟୁନିଟକୁ ଚଳ ଚଂଚଳ କରି ଦେଇପାରିଲେ । ହେଲେ ନିକଟରେ ତାଙ୍କର ଅବସର ହୋଇସାରିଛି । ସେ ଅବସର ନେବାପରେ ପୁଣି ସମ୍ବଲପୁର ଏସପି ଭିଜିଲାନ୍ସ ଏହି ଅଫିସ ଦାୟିତ୍ୱରେ ରହିଛନ୍ତି । ଏଠାରେ ଏସପି ପଦବୀ ଖାଲି ସାଙ୍ଗକୁ ଏସପିଙ୍କ ଅଫିସ ର ଅନେକ ପଦବୀ ଯେମିତିକି ଡିଏସପି ପଦବୀ ମଧ ଖାଲି ରହିଛି । ଏହାଦ୍ୱାରା ଏହି ଏସପି ଅଫିସ ଅଧିନରେ ଥିବା ବିଭିନ୍ନ ଡିଏସପି ଅଫିସ ଗୁଡିକୁ ଚଳାଇବା କେତେ କଷ୍ଟ ଜିଏ ଏହି ଅଫିସକୁ ପରିଚାଳନା କରୁଛନ୍ତି ସିଏ ହିଁ ସବୁ ଜାଣି ପାରୁଥିବେ । ରାଜ୍ୟ ସରକାରଙ୍କର ବିଭିନ୍ନ ଅଫିସ ରେ ବର୍ତମାନ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ପଡିଥିବା ବେଳେ ଜଣେ ଅଫିସର ବିଭିନ୍ନ ଅଫିସ ଦାୟିତ୍ୱରେ ରହୁଛନ୍ତି । ଫଳରେ କାମ ମଧ ଢିଲା ହେଉଥିବାର ଅଭିଯୋଗ ହେଉଛି । ହେଲେ ଭିଜିଲାନ୍ସ ଏସପି ଅଫିସରେ ୨ଟି ଡିଏସପିଙ୍କ ସମେତ ଯଦି ଖୋଦ ଏସପି ପଦବୀଟି ଦାୟିତ୍ୱରେ ଚାଲେ ତେବେ ଭିଜିଲାନ୍ସ ବିଭାଗର କାମ କିଭଳି ଚାଲିବ ତାହା ସହଜରେ ଅନୁମାନ କରାଯାଇପାରେ । ରାଉରକେଲା ସମେତ ସୁନ୍ଦରଗଡ ପ୍ରଭୃତି ଅଂଚଳରେ ଥିବା ବିଭିନ୍ନ ନାମୀ ଅଫିସ ଯେମିତିକି ଆରଟିଓ, ତହସିଲ, ଲେବର, ମାପ ଓ ଓଜନ, ଫାକ୍ଟ୍ରୀ ବୟଲର ବିଭାଗ ଓ ମହାନଗରନିଗମ ଉପରେ ଭିଜିଲାନ୍ସର ନଜର ଏଯାଏ ପଡିନି । ରାଉରକେଲା ଲେବର ଅଫିସ ବିରୋଧରେ ୯ କୋଟୀ ଟଙ୍କାର ହରିଲୁଟ ଅଭିଯୋଗ ମଧ ତଦନ୍ତରେ ବିଳମ୍ବ ହେଉଛି । ବିଗତ ୬ ମାସ ତଳେ ଏଭଳି ହରିଲୁଟର ତଦନ୍ତ ଲାଗି ଖୋଦ ଲୋକାୟୁକ୍ତ ଭିଜିଲାନ୍ସ ଡିଜିଙ୍କୁ ଦାୟିତ୍ୱ ଦେବା ପରେ ଡିଜି ଭିଜିଲାନ୍ସ ରାଉରକେଲା ଭିଜିଲାନ୍ସ ଏସପିଙ୍କୁ ଦାୟିତ୍ୱ ଦେଇଥିଲେ । ତେବେ ଲେବର ବିଭାଗ ସଠିକ୍ ସମୟରେ ସହଯୋଗ ନକରି ଗତ ୨୩ ତାରିଖରେ ସମସ୍ତ କାଗଜପତ୍ର ଦେବା ପରେ ଏହାର ତଦନ୍ତ ଆରମ୍ଭ ହୋଇଛି । ତେବେ ଅଧିକାରୀ ଓ ଅଫିସରଙ୍କ ଅଭାବରୁ ଏହିଭଳି ଅନେକ ମାମଲାର ତଦନ୍ତ ଆଗେଇ ପାରୁନଥିବା ବେଳେ ଅନେକ ମାମଲା ହୋଇପାରୁନି ଓ ସରକାରଙ୍କ ପ୍ରକୃତ ଲକ୍ଷ ଲୋକଙ୍କୁ ନ୍ୟାୟ ଦେବା ତାହା ମଧ ପୂରଣ ହୋଇପାରୁନି । ରାଜ୍ୟରେ ମଧ ଅନେକ ଆଇପିଏସ ପଦବୀ ଖାଲି ରହିଛି । ଏହିପଦବୀର ଅଧିକାରୀଙ୍କ ସଂଖ୍ୟା ବହୁତ କମ୍ ରହିଛି । କିନ୍ତୁ ଭିଜିଲାନ୍ସ ଭଳି ଗୁରୁତ୍ୱପୂର୍ଣ୍ଣ ଅଫିସରେ ଏସପି ଓ ଡିଏସପି ପଦବୀ ନିହାତି ପୂରଣ ହେବା ଦରକାର ବୋଲି ସାଧାରଣରେ ମତ ପ୍ରକାଶପାଇଛି ।

# ସନବର୍ଣ୍ଣ: କିପରି ଭଲ କରିବେ ?



ଏବେ ଏତେ ଜୋର ଖରା ହେଉଛି ଯେ ଚର୍ମକୁ ସୂର୍ଯ୍ୟକିରଣରେ କ୍ଷତିକାରକ ପ୍ରଭାବରୁ ସୁରକ୍ଷିତ ରଖିବା ପ୍ରମୁଖ ପ୍ରସଙ୍ଗ ହୋଇପଡ଼ିଲାଣି। ପ୍ରାୟତଃ ଖରାରେ ଘରୁ ବାହାରିବାମାତ୍ରେ ଟ୍ୟାନିଂ ସହିତ ସନବର୍ନ ସମସ୍ୟାର ଶିକାର ହେବାକୁ ପଡୁଛି । ସନବର୍ନ ଏକ ସାଧାରଣ ସମସ୍ୟା ପରି ଲାଗୁଥିଲେ ବି ଏହା କର୍କଟ ରୋଗ ସହ ଏକାଧିକ ସ୍ୱାସ୍ଥ୍ୟ ସମସ୍ୟାର ପ୍ରମୁଖ କାରଣ ହୋଇପାରେ ଖରାରେ ଅଧିକ ସମୟ ରହିବା ଏବଂ ମେଲାନିନର କମ ଉତ୍ପାଦନ ହେବା ସନବର୍ନ ସମସ୍ୟା ସୃଷ୍ଟି କରେ। । ଚର୍ମ ମୁଖ୍ୟତଃ ଚାରି ପ୍ରକାର- ଶୁଷ୍କ ତେଲିଆ, ସମ୍ବେଦନଶୀଳ ଏବଂ ମିଶ୍ରିତ ବା କମ୍ବିନେସନ। ତେଣୁ ଚର୍ମର ପ୍ରକାର ଅନୁସାରେ ଉପାୟ କରି ସନବର୍ନରୁ ସୁରକ୍ଷା ପାଆନ୍ତୁ ।



ଚର୍ମ ଶୁଖିଲା ହୋଇଥିଲେ ମୁହଁ ତଥା ଶରୀରର ବିଭିନ୍ନ ଭାଗରେ ଅତ୍ୟଧିକ ଶୁଷ୍କତା ଏବଂ ଫାଟିବା ପରି ଅନୁଭବ ହୁଏ । ଓଠ ଏବଂ ମୁହଁର କୋଣଗୁଡ଼ିକ ଫାଟିଯାଏ । ଚର୍ମ କୁଣ୍ଡାଇ ହୋଇ ଲୋଚାକୋଚା ହୋଇଯାଉଥିବା ପରି ଲାଗେ । ଏପରି କ୍ଷେତ୍ରରେ ଯେଉଁଠି ଚର୍ମ ପ୍ରଭାବିତ ହୋଇଥିବ, ସେଠାରେ ଭଲଭାବେ ମଏଶ୍ଚରାଇଜର ଲଗାନ୍ତୁ । ପର୍ଯ୍ୟାପ୍ତ ପାଣି ପିଇବା ସହ ମଏଶ୍ଚରାଇଜର ବ୍ୟବହାର କରିବାକୁ ଭୁଲିବେନି । ତୈଳାକ୍ତ ଚର୍ମ ହୋଇଥିଲେ ଏଥିରେ ଚର୍ବି ସମ୍ବନ୍ଧୀୟ ଗ୍ରନ୍ଥି ଅତିରିକ୍ତ ସକ୍ରିୟ ହୋଇଯାଇଥାଏ । ତେଣୁ ମୁହଁ ଅଧିକ ତେଲିଆ ଦେଖାଯାଏ । ଏପରି ତ୍ୱଚାରେ ଅଧିକ ଧୂଳି ଲାଗୁଥିବାରୁ ଅନେକ ସମୟରେ ବ୍ରଣ ମଧ ଉଠେ । ଏପରି ଚର୍ମ କ୍ଷେତ୍ରରେ ସନବର୍ନର ଉପଚାର ପାଇଁ ଦିନକୁ ୨ଥର ୩-୪ ମିନିଟ୍ ଲେଖାଏଁ ସନବନ ହୋଇଥିବା ସ୍ଥାନରେ ଆଇସକ୍ୟୁବ ଧୀରେଧୀରେ ଘଷନ୍ତୁ ।



ତ୍ୱଚାର କଣ୍ଡିସନିଂ କରିବା ଲାଗି ସେଠାରେ ଘିକୁଆରୀ ଜେଲ ଲଗାଇବେ । ରାତିରେ ଏହି ଜେଲ ଲଗାଇ ଶୋଇପଡ଼ିଲେ ସକାଳୁ ଫରକ ଅନୁଭବ କରିପାରିବେ । ଯେଉଁମାନଙ୍କ ଚର୍ମ ସମ୍ବେଦନଶୀଳ, ସେମାନଙ୍କଠାରେ ଆଲର୍ଜି ହେବାର ଅଧିକ ଆଶଙ୍କା ଥାଏ । ଏପରିକି କୌଣସି ନୂଆ ଉତ୍ପାଦ ବ୍ୟବହାର କଲେ ମଧ ପାର୍ଶ୍ୱପ୍ରତିକ୍ରିୟା ଦେଖାଯାଇପାରିବ । ଏପରି କ୍ଷେତ୍ରରେ ଚର୍ମରୋଗ ବିଶେଷଜ୍ଞଙ୍କ ସହ ପରାମର୍ଶ କରି ପଦକ୍ଷେପ ଗ୍ରହଂଣ କରିବା ଉଚିତ । ମିଶ୍ରିତ ବା କମ୍ବିନେସନ ପ୍ରକାରର ଚର୍ମ ହୋଇଥିଲେ ମୁଣ୍ଡ ଓ ନାକର 'ଟି' ଜୋନ ତେଲିଆ ଦେଖାଯାଏ । ଗାଲ ତେଲିଆ ନଚେତ ଶୁଷ୍କ ରହେ ଏବଂ ଓଠ କୋଣ ଶୁଖିଲା ହୋଇଯାଏ । ଏପରି ଚର୍ମରେ ସନବର୍ନ ହେଲେ ଘରୋଇ ପ୍ରସ୍ତୁତ ସ୍କ୍ରବ୍ କିମ୍ବା ମଏଶ୍ଚରାଇଜର ବ୍ରଭାବିତ ସ୍ଥାନରେ ବ୍ୟବହାର କରି ଭଲଭାବେ ମାଲିସ କରନ୍ତୁ ଏହାଦ୍ୱାରା ମୃତକୋଷଗୁଡ଼ିକୁ ସଫା କରିବା ସହଜ ହେବ ।

### ଚର୍ମର ସୁରକ୍ଷା ପାଇଁ:

ଅତିବାଇଗଣି ରଶ୍ମିର ସୁରକ୍ଷା ପାଇବା ଲାଗି ଖରାରେ ବାହାରିବାର ଅଧଘଣ୍ଟା ପୂର୍ବରୁ ସବୁବେଳେ ତ୍ୱଚାରେ ସନସକ୍ରିନ୍ ଲୋସନ ଲଗାନ୍ତୁ । ବାହାରକୁ ଯିବାବେଳେ ଟୋପି କିମ୍ବା ଛତା ରଖିବେ । ସକାଳ ୧୦ଟାରୁ ଅପରାହ୍ନ ୪ଟା ଭିତରେ ସୂର୍ଯ୍ୟକିରଣ ପ୍ରଖର ଥିବାରୁ ବାହରକୁ ନଯିବା ଭଲ। ଚର୍ମକୁ ଜଳଶୁଷ୍କତାରୁ ରକ୍ଷା କରିବା ତଥା ସଫା ରଖିବା ଲାଗି ପର୍ଯ୍ୟାପ୍ତ ପାଣି ପିଅନ୍ତୁ । ପ୍ରଭାବଶାଳୀ ଖାଦ୍ୟ:



ସୂର୍ଯ୍ୟକିରଣର କ୍ଷତିକାରକ ପ୍ରଭାବରୁ ସୁରକ୍ଷା ଦେବା ଲାଗି କେତେକ ଶୀଳତା କମିଯାଏ ଏବଂ ଦାଗ ଓ କୁଞ୍ଚନ ଦୂର ହୁଏ ।

### ଥଣ୍ଡାକ୍ଷୀର:

ଏହା ଚର୍ମର ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପକାରୀ । କ୍ଷୀରରେ ଲାକ୍ଟୋପିଲିୟୋ ଥିବାରୁ ଏହା ତ୍ୱଚାକୁ ସୁରକ୍ଷିତ ରଖିବା ସହିତ ମୃତ କୋଷ ବାହାର କରି ନୂଆ କୋଷ ସୃଷ୍ଟି କରିଥାଏ ।



ଏକ ପାତ୍ରରେ ଥଣ୍ଡା କ୍ଷୀର ରଖି ସେଥିରେ ତୁଳା ପକାଇ ଚର୍ମରେ ଲଗାନ୍ତୁ ।

### ପାଣି:

ସନବର୍ନରୁ ସୁରକ୍ଷା ଲାଗି ପର୍ଯ୍ୟାପ୍ତ ପାଣି ପିଇବା ଜରୁରୀ । ଏହା ଚର୍ମର ଜଳୀୟଅଂଶ ଠିକ୍ ରଖି ଏହାକୁ ଆର୍ଦ୍ର ଏବଂ ନରମ ରଖେ ।

# ଘଣ୍ଟାଏରୁ ଅଧିକ ଟିଭି ଦେଖା ପିଲାଙ୍କୁ ବିପଦ

**ଆଜିକାଲିର ପିଲାମାନଙ୍କ ପାଇଁ ଟିଭି, ଲାପଟପ୍ ଓ ମୋବାଇଲ ବେଶ୍ ଗୁରୁତ୍ୱପୂର୍ଣ ହୋଇପଡ଼ିଲାଣି । ଅବଶ୍ୟ ପିଲାମାନଙ୍କର ଏହି ଅଭ୍ୟାସ ପାଇଁ ଅଭିଭାବକମାନେ ହିଁ ଦାୟୀ । କିନ୍ତୁ ୫ବର୍ଷ ବୟସରୁ କମ ପିଲାମାନେ ୧ଘଣ୍ଟାରୁ ଅଧିକ ସମୟ ସମୟ କୌଣସି ସ୍କ୍ରିନ୍ ଥିବା ଗ୍ୟାଜେଟ୍ ଦେଖିବା କ୍ଷତିକାରକ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ କହାଯାଇଛି ।**




### ଶାରିରୀକ ଓ ମାନସିକ ବିକାଶରେ ବାଧା:-

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ପିଲାଙ୍କ ମୋଟାପଣରୁ ବଢୁଥିବା ରୋଗର କାରଣ ଓ ସ୍ୱାସ୍ଥ୍ୟ ବିକାଶକୁ ନେଇ ଏକ କ୍ୟାମ୍ପେନ ଆରମ୍ଭ ହୋଇଛି । ଏଥିରେ ରଖାଯାଇଥିବା ଗାଇଡଲାଇନରେ ଦର୍ଶାଯାଇଛି ଯେ ୫ ବର୍ଷରୁ କମ ପିଲାମାନେ ଏକ ଘଣ୍ଟାରୁ ଅଧିକ ଟିଭି ବା ମୋବାଇଲ ସ୍କ୍ରିନକୁ ଦେଖିବା ଦ୍ୱାରା ସେମାନଙ୍କ ମାନସିକ ଓ ଶାରିରୀକ ବିକାଶ ବାଧାପ୍ରାପ୍ତ ହୋଇଥାଏ ।

### ଟିଭି ସ୍କ୍ରିନ ନୁହେଁ, ଖେଳନା :-

ଡବ୍ଲୁଏଚ ଓ ପକ୍ଷରୁ କୁହାଯାଇଛି ୫ବର୍ଷ ବୟସରୁ କମ ପିଲାମାନେ ସ୍କ୍ରିନ ସାମ୍ନାରେ ଅଧିକ ସମୟ ବିତାଇବା ଅନୁଚିତ୍ । ବରଂ ଦିନ ସାରା ଟିଭି ବା ମୋବାଇଲ ଆଗରେ ବସି ରହିବା ଅପେକ୍ଷା ବହି ପଢ଼ିବା ଓ ଖେଳିବା ଓ ଶୋଇବାରେ ସମୟ ବିତାଇଲେ ଭଲ । ଡବ୍ଲୁଏଚଓର ଡାଇରେକ୍ଟର ଜେନେରାଲ କହିଛନ୍ତି, 'ସୁସ୍ଥ ରହିବା ତଥା ବିକାଶ ପାଇଁ ଜୀବନରେ ଆଦର୍ଶ ଅପଣାଇବା ଜରୁରି ।' ମୋବାଇଲ, ଟିଭି, ଲାପଟପ ଯୋଗୁ ବଢୁଛି ମୋଟାପଣ ଡବ୍ଲୁଏଚଓ ଅନୁସାରେ ପିଲାମାନେ ଟିଭି, ମୋବାଇଲ ଓ ଲାପଟପ ଭଳି ଗ୍ୟାଜେଟ୍ ଯୋଗୁ କ୍ରମଶଃ ନିଷ୍କ୍ରିୟ ହୋଇପଡୁଛନ୍ତି । ଯାହା ଫଳରେ ମୋଟାପଣ ବଢୁଛି । ଏହାଠାରୁ ଦୂରେଇବା ପାଇଁ ହେଲେ ପିଲାମାନେ ଖେଳକୁଦ ଓ ଅନ୍ୟାନ୍ୟ ଶାରିରୀକ ସକ୍ରିୟତା ବି ଜରୁରି । ପିଲାମାନେ ନିଷ୍କ୍ରିୟ ହେବା ଦ୍ୱାରା ଭଲ ନିଦ ବି ହୋଇନ ଥାଏ ।

### ଡବ୍ଲୁଏଚ ଓ ଗାଇଡଲାଇନ୍ସ:-

ଏକ ବର୍ଷରୁ କମ ପିଲାମାନଙ୍କୁ ସ୍କ୍ରିନଠାରୁ ଦୂରେଇ ରଖନ୍ତୁ ।
୧-୨ ବର୍ଷର ପିଲାମାନଙ୍କୁ କିଛି ସମୟ ପାଇଁ ଟିଭି ବା ମୋବାଇଲ ଦେଖିବାର ସୁଯୋଗ ଦିଅନ୍ତୁ । ମାତ୍ର ଅଧିକ ସମୟ ବା ଅଭ୍ୟସ୍ତ କରନ୍ତୁ ନାହିଁ ।
୩-୪ ବର୍ଷର ପିଲାଙ୍କୁ ଏକ ଘଣ୍ଟାରୁ ଅଧିକ ସମୟ ଟିଭି ଦେଖିବାକୁ ଦିଅନ୍ତୁ ନାହିଁ ।

# କେଶ ଓ ସ୍କିନର ଯତ୍ନ

ଆପଣ ଘର ଭିତରେ ରୁହନ୍ତୁ ବାମ ବାହାରେ ବାୟୁ ପ୍ରଦୂଷଣରେ ରୁହନ୍ତୁ ଆପଣ ସ୍କିନ୍ ଓ କେଶର ବିଶେଷ ଧ୍ୟାନ ରଖିବା ଉଚିତ୍ । ମନେରଖନ୍ତୁ ଏସି, ରେଫ୍ରିଜରେଟର ଓ ମାଇକ୍ରୋୱେଭରୁ ବାହାରୁଥିବା ଗ୍ୟାସ୍ ଆପରଙ୍କ ସ୍କିନ ଓ କେଶ ପାଇଁ କ୍ଷତିକାରକ ହୋଇଥାଏ । ଖରା ହେଉ ବା ବର୍ଷା ଆପଣ ପ୍ରଦୂଷଣରୁ ଆପଣଙ୍କ ସ୍କିନ ଓ କେଶକୁ ରକ୍ଷା କରିବା ପଶଇଁ ବିଶେଷ ଧ୍ୟାନ ଦିଅନ୍ତୁ । ସ୍କିନ୍‌ଓେ କେଶକୁ କ୍ଲୋଜିଙ୍ଗ, ଟୋନିଙ୍ଗ ଓ ମଇଷ୍ଟରାଇଜିଙ୍ଗ କରନ୍ତୁ । କେଶକୁ ଭରପୂର ମାତ୍ରାରେ ପୋଷଣ ଦିଅନ୍ତୁ ଯାହା ଦ୍ୱାରା କେଶ ଯେପରି ରୁକ୍ଷ ହୋଇପନଯାଏ । ବାହାରକୁ ଯିବା



ସମୟରେ ଆପଣଙ୍କ କେଶକୁ ପ୍ରଦୂଷଣରୁ ରକ୍ଷା କରିବାକୁ ବିଶେଷ ସ୍କୋର ବ୍ୟବହାର କରନ୍ତୁ । ସ୍କିନରେ ସମରସ୍କ୍ରିନ୍ , ଏଲୋଭେରା ଜେଲ ଲଗାନ୍ତୁ । ଏଥିରେ ଆପଣଙ୍କ ସ୍କିନ ୬ରୁ୭ ଘଣ୍ଟା ପର୍ଯ୍ୟନ୍ତ ପ୍ରଦୂଷଣରୁ ରକ୍ଷା ପାଇ ପାରିବ ।

# ବ୍ରଣ ସମସ୍ୟାରେ ଚିନ୍ତିତ କି, ଆପଣାନ୍ତୁ ଏହି ଘରୋଇ ଉପଚାର











ଆମେ ନିଜ ମୁହଁକୁ ଗୋରା ସୁନ୍ଦର କରିବା ପାଇଁ ପ୍ରତିଦିନ କିଛି ନାଁ କିଛି କରିଥାଉ । ମୁହଁ ଯେତେ ଗୋରା ଓ ସୁନ୍ଦର ହୋଇଥାଉ ନାଁ କାହିଁକି ଗୋଟିଏ ମାତ୍ର ବ୍ରଟ ହିଁ ସବୁ ସୁନ୍ଦରତାକୁ ନଷ୍ଟ କରିଦିଏ । ଏଥିରୁ ରକ୍ଷା ପାଇବା ପାଇଁ ଆମେ ବିଭିନ୍ନ ବିଜ୍ଞାପନ ଦେଖି ବିଭିନ୍ନ ପ୍ରକାର ଦାମୀ କ୍ରିମ ସବୁ କିଣିଥାଏ । ଏହା ବ୍ରଣ ଦୂର କରିବା ବଦଳରେ ଆମ ସମସ୍ୟା ବଢ଼ାଇଥାଏ । କିନ୍ତୁ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଯେ, ଏହି କ୍ରିମଠାରୁ ମଧ ଅଧିକ ଉପକାରୀ ଘରୋଇ ଉପଚାର । ଆମ ହାତ ପାଖରେ ମିଳୁଥିବା ଏହି ସବୁ ଜିନିଷ ବ୍ୟବହାର କଲେ ବ୍ରଣ ସମସ୍ୟା ଠାରୁ ରକ୍ଷା ମିଳିଥାଏ ।

ବରଫ: ବ୍ରଣ ଦୂର କରିବା ପାଇଁ ବରଫ ମସାଜ ଏକ ସରଳ ଉପାୟ । ଗୋଟିଏ ବରଫ ଖଣ୍ଡକୁ କପଡ଼ାରେ ବାନ୍ଧି ବ୍ରଣ ଉପରେ ଧିରେ ଧିରେ ପ୍ରାୟ ଗୋଟିଏ ମିନିଟ ମସାଜ କଲେ ବହୁତ ଶିଘ୍ର ବ୍ରଣ ଭଲ ହୁଏ ।

ଲେମ୍ବୁ: ଲେମ୍ବୁରେ ସାଇଟ୍ରିକ୍ ଏସିଡ୍ ଥାଏ । ଏଥିରେ ଆହୁରି ଅନେକ ଉପକାରୀ ଗୁଣ ଅଛି ଯାହା ତ୍ୱଚା ପାଇଁ ଲାଭକାରୀ ହୋଇଥାଏ । ତୁଳାକୁ ଲେମ୍ବୁ ରସରେ ଭିଜାଇ ରାତିରେ ବ୍ରଣ ଉପରେ ଲଗାଇ ସକାଳେ ଥଣ୍ଡା ପାଣିରେ ଧୋଇଲେ ବ୍ରଣ କମ ହେବା ସହ ବ୍ରଣ ଦାଗ ମଧ ଦୂର ହୋଇଥାଏ ।

ଘିକୁଆଁରୀ: ଘିକୁଆଁରୀ ଆମ ଶରୀର ପାଇଁ କେତେ ଉପକାରୀ ଏହା ତ ପ୍ରାୟ ସମସ୍ତେ ଜାଣିଥାନ୍ତି । ଘିକୁଆଁରୀକୁ ତ୍ୱଚାର ଡାକ୍ତର ବୋଲି ମଧ କୁହାଯାଏ । ବ୍ରଣ ସହିତ ଏହା ସନବର୍ଣ୍ଣ ମଧ ଦୂର କରିଥାଏ ।

ମହୁ: କିଛି ମହୁ ନେଇ ବ୍ରଣ ଉପରେ ଲଗାନ୍ତୁ । ମହୁ ତ୍ୱଚା ପାଇଁ ବହୁତ ଉପକାରୀ ହୋଇଥାଏ । ଆପଣ ଚାହିଁଲେ ସମ୍ପୂର୍ଣ୍ଣ ମୁହଁରେ ମୁହକୁ ଫେସ ମାସ୍କ ଭାବେ ଲଗାଇ ପାଣିବେ । ଏହି ମାସ୍କକୁ ୫ ମିନିଟ ରଖି ନଖ ଉଷୁମ ପାଣିରେ ମୁହଁ ଧୋଇ ଦିଅନ୍ତୁ । ଏହା ମୁହଁରୁ ବ୍ରଣ ଦୂର କରିବା ସହ ତ୍ୱଚାକୁ ଉଜ୍ଜ୍ୱଳ କରିଥାଏ ।

କାକୁଡ଼ି: କାକୁଡ଼ିରେ ଥିବା ଉପାଦାନ ଆମ ତ୍ୱଚାର ସବୁ ପ୍ରକାର ଫୁଲା ଓ ଦାଗ ଦୂର କରିଥାଏ । ଏହା ବ୍ରଣ ଓ କଳାଦାଗ ଠିକ୍ କରିବାରେ ସାହାଯ୍ୟ କରେ । ଏହା ତ୍ୱଚାକୁ ଥଣ୍ଡା ରଖିବା ସହ ଉଜ୍ଜ୍ୱଳ ମଧ କରିଥାଏ । ଖଣ୍ଡେ କାକୁଡ଼ିକୁ ବ୍ରଣ ଉପରେ ରଖିଲେ ବହୁତ ଶିଘ୍ର ବ୍ରଣ ଦୂର ହୋଇଥାଏ ।

# ଶିଶୁଙ୍କ ସ୍ୱାସ୍ଥ୍ୟର ଯତ୍ନ

ନବଜାତ ଶିଶୁଙ୍କୁ ସ୍ତନ୍ୟପାନ କରାଇବା ଜରୁରୀ ନୁହେଁ, ବରଂ ପ୍ରମୁଖ ଆବଶ୍ୟକତା ବୋଲି ବିଶେଷଜ୍ଞଙ୍କ ମତ । ଜନ୍ମଠାରୁ ଅତିକମ୍‌ରେ ୫-୬ ମାସ ପର୍ଯ୍ୟନ୍ତ ପିଲା ମା ଖିର ଖାଇବା ତା ଦେହ ପାଇଁ ଭଲ । ଏହା ପରେ ପିଲାକୁ ଡାକ୍ତରଙ୍କ ପରାମର୍ଶରେ ଅନ୍ୟ ଖାଦ୍ୟ ଧୀରେ ଧୀରେ ଦେବା ଉଚିତ । ପିଲା କ'ଣ ଖାଇଲେ ଦାନ୍ତ ଶକ୍ତ ହେବ, ଅବା ସେ କେଉଁ ସମୟରେ ଚୋବାଇ ଖାଇପାରିବ, ଏ ବାବଦରେ ଜାଣିବା ଆବଶ୍ୟକ ।
କୁନି ଶିଶୁ କେଉଁ ପ୍ରକାର ଖାଦ୍ୟ ଖାଇଲେ ତାହା ହଜମ କରିପାରିବ, ତାହା ଭଲଭାବେ ତର୍ଜମା କରନ୍ତୁ । ତରବରରେ କୌଣସି ପ୍ୟାକେଟ୍ ଖାଦ୍ୟ ଅବା ଅନ୍ୟ ଖାଦ୍ୟର ଆରମ୍ଭ କରିବା ଶିଶୁର ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇପାରେ ।
ପିଲାଙ୍କୁ ସବୁବେଳେ କୋଳରେ ରଖିବା ଭଲ ଅଭ୍ୟାସ ନୁହେଁ। ଏପରି କରିବା ଦ୍ୱାରା ସେମାନଙ୍କ ଶାରୀରିକ ବିକାଶ ଭଲଭାବେ ହୋଇପାରେ ନାହିଁ । ବୋଲି ବିଭିନ୍ନ ପରୀକ୍ଷାରୁ ପ୍ରମାଣିତ ହୋଇଛି।



# ଖରାଦିନ ପାଇଁ ପମ୍‌ପମ୍ କୁର୍ତ୍ତା

ଗ୍ରୀଷ୍ମର ଆସର ସବୁଠୁ ଅଧିକ ସପିଂ ମଲରେ ଜମିଲାଣି । ବିଭିନ୍ନ ଡିଜାଇନର ଓ କପଡ଼ାର ପୋଷାକ ଭିଡ଼ରେ ଯୁବତୀ, ମହିଳାଙ୍କ ପ୍ରିୟ ଏଥରକ 'ପମପମ କୁର୍ତ୍ତା' । ଲମ୍ବା ଏଇ କୁର୍ତ୍ତା ସାମାନ୍ୟ ଢ଼ିଲା ହୋଇଥିବାରୁ ତାହା ଗରମରେ ପିନ୍ଧିଲେ ଆରାମ ଲାଗିଥାଏ । ରେୟନ, ସୂତା କପଡ଼ାରେ ସଂଖ୍ୟାଧିକ ହିଜାଇନରେ ଏହି କୁର୍ତ୍ତା ବଜାରରେ ଓ ଅନ-ଲାଇନ ସାଇଟରେ ମିଳିଥାଏ । ୬୦୦ ଟଙ୍କାରୁ ଆରମ୍ଭ ହୋଇ ୨,୭୦୦ ଟଙ୍କା ପର୍ଯ୍ୟନ୍ତ ପମପମ କୁର୍ତ୍ତା ଉପଲବ୍ଧ । ସିନେତାରକା କରୀନା କପୁର ଖାନ, ଆଲିୟା ଭଟ୍ଟ, କ୍ୟାଟ୍ରିନା କେଫ୍ ପମପମ କୁର୍ତ୍ତା ବରାବର ପିନ୍ଧିଥିବାର ବିଭିନ୍ନ କାର୍ଯ୍ୟକ୍ରମରେ ଦେଖାଯାଇଛି । କଲେଜପଢୁଆ ଯୁବତୀ, ଗୃହିଣୀ, କର୍ମଜୀବୀ ମହିଳା ସମସ୍ତ ବର୍ଗ ନିମନ୍ତେ ଏହା ଏକ ସୁନ୍ଦର ଡିଜାଇପର କୁର୍ତ୍ତା ବୋଲି ଫେସନ ଡିଜାଇନର ମନିଷ ମଲହୋତ୍ରା ପ୍ରକାଶ କରିଛନ୍ତି ।



# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୧୨ ଅପ୍ରେଲ ୨୦୨୧, ସୋମବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ବଢୁଥିବା କରୋନା ଉପରେ ଗୁରୁତ୍ୱ....

ଦେଶରେ ଦିନକୁ ଦିନ ବୃଦ୍ଧି ପାଉଥିବା କରୋନା ସଂକ୍ରମଣ ସ୍ଥିତିକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁଖ୍ୟମନ୍ତ୍ରୀମାନଙ୍କ ସହ ଜରୁରି ଆଲୋଚନା କରିଛନ୍ତି। ଏବେ କରୋନାର ଦ୍ୱିତୀୟ ଲହର ସାରା ଦେଶକୁ ଆଚ୍ଛନ୍ନ କରି ରଖିଛି। ପୂର୍ବ ଲହର ତୁଳନାରେ ଏହା ଢ଼େର ଗୁଣରେ ଅଧିକ। ଯେକୌଣସି ରାଷ୍ଟ୍ର ତୁଳନାରେ ଏହା ସର୍ବାଧିକ। ଏହାକୁ କିପରି ଭାବେ ନିୟନ୍ତ୍ରଣ କରାଯିବ ତାହା ଏବେ ସରକାର, ସ୍ୱାସ୍ଥ୍ୟକର୍ମୀ ଓ ସାଧାରଣ ଜନତାଙ୍କୁ ଚିନ୍ତାରେ ପକାଇ ଦେଇଛି। ତେଣୁ ଏହାର ମୁକାବିଲା ସକାଶେ ମିଳିତ ପ୍ରୟାସ ନିମନ୍ତେ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏଭଳି ମିଳିତ ପ୍ରୟାସ ମଧ୍ୟରେ ସତର୍କତା ଅବଲମ୍ବନ ସହ ଟେଷ୍ଟିଂ, ଟ୍ରେସିଂ ଏବଂ ଟ୍ରିଟମେଂଟ ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଆରୋପ କରିଛନ୍ତି। ବାସ୍ତବ ସ୍ଥିତିକୁ ଲକ୍ଷ୍ୟ କଲେ ଏହା ସହଜରେ ଅନୁମାନ କରିହେବ ଯେ, ଗତବର୍ଷ ପ୍ରାୟ ଏହି ସମୟରେ ଯେତେବେଳେ ଦେଶକୁ କରୋନା ଆକ୍ରାନ୍ତ କରିଥିଲା, ସେତେବେଳେ ଜନସାଧାରଣଙ୍କ ମନରେ ଏହାକୁ ନେଇ ଅହେତୁକ ଆତଙ୍କ ସୃଷ୍ଟି ହୋଇଥିଲା। ତେଣୁ ଲକ୍‌ଡାଉନ୍ ବେଳେ ସୁଦ୍ଧା ଲୋକ ନିଜ ନିଜ ଘର ଭିତରେ ଆବଦ୍ଧ ରହି ଏହି ମାରାତ୍ମକ ସଂକ୍ରମକ ରୋଗ ଭୂତାଣୁଠାରୁ ଦୂରେଇ ରହିବାକୁ ସକଳ ପ୍ରକାର ପ୍ରୟାସ କରିଥିଲେ। ଏହାକୁ ଜନସହଯୋଗ ଭାବେ ଆଖ୍ୟା ଦିଆଯାଇଥିଲା। କିନ୍ତୁ ଏକବର୍ଷ ପରେ ଯେତେବେଳେ ଦେଶରେ ପ୍ରାୟ ୧ ଲକ୍ଷ ୭୦ ହଜାର ପର୍ଯ୍ୟନ୍ତ ଲୋକଙ୍କ ପ୍ରାଣନାଶ ଘଟି ସାରିଲାଣି ଏବଂ କାୟା ପରିବର୍ତ୍ତନ ସହ ଦ୍ୱିତୀୟ ଭୟଙ୍କର ଲହର ଦେଶକୁ ଆଚ୍ଛନ୍ନ କଲାଣି, ସେତେବେଳେ ଜନସାଧାରଣ ଏହାକୁ ହେୟଜ୍ଞାନ କରିବା କ୍ଷୋଭର ବିଷୟ। ଏକଥା ସତ ଯେ, ପ୍ରାୟ ଆଠ ଦଶଟି ରାଜ୍ୟରେ ସ୍ଥିତି ଭୟଙ୍କର ରହିଛି। କିନ୍ତୁ ଏହାର ଅର୍ଥ ନୁହେଁ ଯେ, ଅନ୍ୟ ରାଜ୍ୟରେ ସ୍ଥିତି ସ୍ୱାଭାବିକ ଅବା ନିୟନ୍ତ୍ରଣାଧୀନ ଅଛି। ତେଣୁ ସର୍ତକତା ଅବଲମ୍ବନ ଜରୁରି। ଏ ପର୍ଯ୍ୟନ୍ତ କରୋନା ମହାମାରୀର ସୃଷ୍ଟି, ସ୍ୱରୂପ ଓ ସଂକ୍ରମଣର ଗତି ପ୍ରକୃତିକୁ ନେଇ କେହି ବାସ୍ତବ ଆକଳନ କରିପାରିନାହାଁନ୍ତି। ତେଣୁ ଏହା ସମୂଳେ ଧ୍ୱଂସ ନହେବା ପର୍ଯ୍ୟନ୍ତ ସତର୍କତା ଗ୍ରହଣ ଏକାନ୍ତ କାମ୍ୟ। ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ ଅନୁସାର, ଆମକୁ 'ଦବାଇ ଭି, କଡ଼ାଇ ଭି' ପନ୍ଥା ଅବଲମ୍ବନ କରିବାକୁ ହେବ। ପ୍ରତିଷେଧକ ଟିକା ଗ୍ରହଣ ସତ ସର୍ତକତା ଅବଲମ୍ବନ ହିଁ କାମ୍ୟ। ଭାରତରେ ଏବେ ବିଶ୍ୱର ସର୍ବବୃହତ ଟିକାଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ବର୍ତ୍ତମାନ ତୃତୀୟ ପର୍ଯ୍ୟାୟରେ ୪୫ରୁ ଉର୍ଦ୍ଧ୍ୱ ବୟସର ନାଗରିକଙ୍କୁ ବ୍ୟାପକ ଟିକାଦାନ କାର୍ଯ୍ୟ ହାତକୁ ନିଆଯାଇଛି। କାରଣ ବୟସ୍କଙ୍କଠାରେ କରୋନା ସଂକ୍ରମଣର ଆଶଙ୍କା ସର୍ବାଧିକ। ଶିଶୁ ଓ ଯୁବକଙ୍କଠାରେ ରୋଗପ୍ରତିରୋଧକ ଶକ୍ତି ଅଧିକ ଥିବାରୁ ସେମାନେ ପରବର୍ତ୍ତୀ ପର୍ଯ୍ୟାୟରେ ଟିକାକରଣରେ ସାମିଲ ହେବେ। ତେବେ ଟିକାକରଣକୁ ବ୍ୟାପକ କରାଯାଉଥିବାବେଳେ ଏଭଳି ଟିକାର ଅଭାବ ମଧ୍ୟ ଦେଖାଦେଇଛି। କିନ୍ତୁ କେନ୍ଦ୍ର ସରକାର ନିର୍ଭର ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି ଯେ, ଏହାର କୌଣସି ଅଭାବ ନାହିଁ। ସମସ୍ତଙ୍କ ଆବଶ୍ୟକତା ମୁତାବକ ଟିକା ଯୋଗାଇ ଦିଆଯିବ। ତେବେ ଟିକା ନଷ୍ଟ ମାତ୍ରାକୁ ସର୍ବନିମ୍ନ ରଖିବାକୁ ସରକାର ବାରମ୍ବାର ପରାମର୍ଶ ଦେଇ ଚାଲିଛନ୍ତି। ବାସ୍ତବିକ, ବିଶ୍ୱ୍ୟାପୀ ଯେତେବେଳେ ଏଭଳି ଜୀବନ ରକ୍ଷାକାରୀ ଟିକାର ସର୍ବାଧିକ ଚାହିଦା ରହିଛି, ସେତେବେଳେ ଯେକୌଣସି କାରଣରୁ ହେଉନା କାହିଁକି, ଏଭଳି ଟିକା ନଷ୍ଟ ହେବା ଦୁଃଖଦାୟକ ହେବ। ଏବେ ଅନେକ ରାଜ୍ୟ ପ୍ରତିବେଶୀ ରାଜ୍ୟମାନଙ୍କ କରୋନା ସ୍ଥିତିକୁ ନେଇ ସୀମା ସିଲ୍ କରିବା ଆରମ୍ଭ କରିଛନ୍ତି। ଛତିଶଗଡ଼ ଓ ମଧ୍ୟପ୍ରଦେଶ ସରକାର ମହାରାଷ୍ଟ୍ର ସୀମା ସିଲ କରିଥିବାବେଳେ, ଓଡ଼ିଶା ମଧ୍ୟ ଛତିଶଗଡ଼ ସୀମାକୁ ସିଲ୍ କରୁଛି। ଏହାଦ୍ୱାରା ଜନ-ଆତଯାତ ମାତ୍ରା ହ୍ରାସ ପାଇବ ଓ ସଂକ୍ରମଣ ମାତ୍ରା ମଧ୍ୟ କମିବ।

# ମହାଜ୍ଞାନୀମାନଙ୍କ ଅଜ୍ଞାନତା



ଗୋପାଳ ମହାପାତ୍ର

ଭାରତ ଏକଦା ବିଶ୍ୱଗୁରୁ ଥିଲା ବୋଲି କୁହାଯାଏ। ବିଶ୍ୱଗୁରୁ ଭାରତର ଶିଷ୍ୟ ଦେଶ କିଏ ସବୁଥିଲେ ସେ ବାବଦରେ କିଛି ତଥ୍ୟ ବା ସଠିକ୍ କଥା ନାହିଁ କିନ୍ତୁ ଭାରତ ବିଶ୍ୱଗୁରୁ ଥିଲା ଓ ଏବେ କିଛି ବର୍ଷ ଭିତରେ ପୁନର୍ବାର ବିଶ୍ୱଗୁରୁ ହେବାକୁ ଯାଉଛି ବୋଲି ଅନେକ ନେତା ତାଙ୍କର ଭାଷଣ ପ୍ରସଙ୍ଗରେ କହିଛନ୍ତି ଓ କହୁଛନ୍ତି ମଧ୍ୟ। ଗତ କିଛି ବର୍ଷ ହେବ କିଛି ନେତା, ଚିନ୍ତକ ଓ ଲେଖକମାନେ କହିବାରେ ଓ ଲେଖିବାରେ ଲାଗିଛନ୍ତି ଯେ ଭାରତ ବିଶ୍ୱଗୁରୁ ହେବାକୁ ଯାଉଛି। ଭାରତବାସୀଙ୍କ ପାଇଁ ଏହା ଗର୍ବର ବିଷୟ ନିଶ୍ଚୟ। କିନ୍ତୁ ଯେଉଁ ନେତାମାନେ ଭାରତକୁ ବିଶ୍ୱଗୁରୁ ହେବା କଥା ଜନତାଙ୍କୁ କହୁଛନ୍ତି ସେମାନଙ୍କ ମହାଜ୍ଞାନ ବିଷୟରେ ଦେଶର ଜନତା ଜାଣିବା ଜରୁରୀ। ଯେଉଁମାନଙ୍କ ଉପରେ ଭାରତକୁ ବିଶ୍ୱଗୁରୁ କରିବାର ଦାୟୀତ୍ୱ ରହିଛି ସେମାନଙ୍କର ବିଜ୍ଞାନ ଓ ଇତିହାସ ବାବଦରେ କେତେ ଜ୍ଞାନ ରହିଛି ସେ ବାବଦରେ ଜାଣିବା ପାଇଁ ଉଦ୍ୟମ ହେବା ଆବଶ୍ୟକ। ପ୍ରଥମେ ହିନ୍ଦୁ ହୃଦୟର ସମ୍ରାଟ ବୋଲି କୁହାଯାଉଥିବା ଆମ ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଗାଧ ଜ୍ଞାନ ସମ୍ପର୍କରେ ଜାଣିବା ଆବଶ୍ୟକ। ପ୍ରଧାନମନ୍ତ୍ରୀଙ୍କ ବକ୍ତବ୍ୟର କିଛି ଏମିତି ଅଂଶ ଏଠାରେ ଅବତାରଣା କରାଯାଉଛି ଯାହାର ସିଧାସଳଖ ସମ୍ପର୍କ ଆମ ଦେଶର ଭବିଷ୍ୟତ ଅର୍ଥାତ୍ ଛାତ୍ରମାନଙ୍କ ସହ ରହିଛି। ପ୍ରଧାନମନ୍ତ୍ରୀ ଛାତ୍ରମାନଙ୍କୁ ତାଙ୍କ ମନ୍ କି ବାତ୍‌ରେ ଅନେକ କଥା କହିଥାନ୍ତି। ସରକାରଙ୍କ ପକ୍ଷରୁ ମଧ୍ୟ ଅନେକବାର ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍ କୁ ସ୍କୁଲରେ ପିଲାମାନଙ୍କୁ ଶୁଣାଇବା ପାଇଁ ବ୍ୟବସ୍ଥା କରାଯାଇଛି। ଏହାର ଅର୍ଥ ହେଉଛି ପ୍ରଧାନମନ୍ତ୍ରୀଙ୍କର ନିଜ ଉପରେ ସମ୍ପୂର୍ଣ୍ଣ ଭରଷା ରହିଛି ଯେ, ସେ ଜଣେ ଗୁରୁ, ଅଧ୍ୟାପକ, ମାର୍ଗଦର୍ଶକ ବା ପ୍ରେରଣାଦାୟକ ଭାବରେ ଦେଶର ଭବିଷ୍ୟତ ବା ଛାତ୍ରମାନଙ୍କୁ ମାର୍ଗଦର୍ଶନ ଦେଇପାରିବେ। କେବଳ ଆମ ଦେଶର ଛାତ୍ରଛାତ୍ରୀମାନଙ୍କୁ ନୁହେଁ ବରଂ ବଡ଼ ବଡ଼ ବିଶ୍ୱବିଦ୍ୟାଳୟ ଓ ରାଷ୍ଟ୍ରୀୟ ଆନ୍ତର୍ଜାତୀୟ ମଞ୍ଚରେ ଦେଶ ଏବଂ ଦୁନିଆକୁ ସମ୍ବୋଧିତ କରୁଛନ୍ତି ଏବଂ ନିଜର ଜ୍ଞାନ ଦେଶ ଦୁନିଆକୁ ବାଣ୍ଟୁଛନ୍ତି। କିନ୍ତୁ କେତେକ ସମୟରେ ଆମ ପ୍ରଧାନମନ୍ତ୍ରୀ ଜାଣତରେ ହେଉ ବା ଅଜାଣତରେ ହେଉ ଏମିତି କିଛି କଥା କହି ଦେଉଛନ୍ତି ଯାହା ସତ୍ୟ ଠାରୁ ବହୁ ଦୂରରେ ଏବଂ ବିଜ୍ଞାନ ଓ ଇତିହାସ ସହ ତାର ମେଳ ଖାଉନାହିଁ। ଏଣୁ ଛାତ୍ର ବା ଜନସାଧାରଣ ଭ୍ରମିତ ହେବେ ବା ହେଉଥିବେ ନିଶ୍ଚୟ। ଉଦାହରଣ ହେଉଛି ଆମେରିକାରେ ଏକ ଭାଷଣ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ କୋଣାର୍କର ୭୦୦ବର୍ଷ ପ୍ରାଚୀନ ସୂର୍ଯ୍ୟମନ୍ଦିରକୁ ୨୦୦୦ବର୍ଷର ପ୍ରାଚୀନ ବୋଲି କହିଥିଲେ। ତେବେ କାହା କଥା ସତ? ଇତିହାସର କଥା ନା ପ୍ରଧାନମନ୍ତ୍ରୀଙ୍କ କଥା? ଆଉ ଏକ ଭାଷଣ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ତକ୍ଷଶିଳା ବିହାରରେ ଥିବା କଥା କହିଥିଲେ କିନ୍ତୁ ତକ୍ଷଶିଳା ଏବେ ପାକିସ୍ଥାନର ପାବ ଅଞ୍ଚଳରେ ରହିଛି। ଦେଶର ଛାତ୍ର ଓ ଯୁବକମାନଙ୍କୁ ଉଦବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଥିଲେ ଯେ ଦେଶ ସ୍ୱାଧୀନ ହେବା ସମୟରେ ଡଲାର ଓ ଟଙ୍କାର ବିନିମୟ ମୂଲ୍ୟ ସମାନ ଥିଲା। କିନ୍ତୁ ତଥ୍ୟ ଅନୁସାରେ ସେ ସମୟରେ ଏକ ଟଙ୍କାର ମୂଲ୍ୟ ୩୦ ସେଣ୍ଟ ପାଖାପାଖି ଥିଲା ଓ ସେ ସମୟରେ ଏକ ଟଙ୍କା ଏକ ପାଉଣ୍ଡ ସହ ସମାନ ଥିଲା। ସେହିଭଳି ଚନ୍ଦ୍ରଗୁପ୍ତଙ୍କ ରାଜନୀତି ସମ୍ପର୍କରେ କହିବା ବେଳେ ପ୍ରଧାନମନ୍ତ୍ରୀ ଚନ୍ଦ୍ରଗୁପ୍ତଙ୍କ ଶାସନକାଳ ଗୁପ୍ତ ସମ୍ରାଜ୍ୟ ବୋଲି କହିଥିଲେ କିନ୍ତୁ ସେ ଯେଉଁ ଚନ୍ଦ୍ରଗୁପ୍ତ ଓ ତାଙ୍କ ଶାସନକାଳ କଥା କହୁଥିଲେ ତାହା ମୌର୍ଯ୍ୟ ବଂଶର ଥିଲା। ଚନ୍ଦ୍ରଗୁପ୍ତ ଗୁପ୍ତ ସାମ୍ରାଜ୍ୟର ଶାସକ ଥିଲେ ବୋଲଇ ଇତିହାସରେ କେଉଁଠି ଲେଖା ନାହିଁ। ୨୦୧୪ ଫେବୃୟାରୀ ମାସରେ ମିରଟ ଠାରେ ଏକ ନିର୍ବାଚନୀ ସଭାରେ ଭାଷଣ ଦେଇ ପ୍ରଧାନମନ୍ତ୍ରୀ ସ୍ୱାଧୀନତାର ପ୍ରଥମ ଲଢ଼େଇ କଂଗ୍ରେସ ମିରଟରୁ ୧୮୫୭ରେ ଆରମ୍ଭ କରିଥିଲା ବୋଲି କହିଥିଲେ। କିନ୍ତୁ କଂଗ୍ରେସ ପାର୍ଟିର ସ୍ଥାପନା ୧୮୮୫ରେ ହୋଇଥିଲା। ଆଉ ଏକ ନିର୍ବାଚନୀ ସଭାରେ ଭାଷଣ ଦେଇ ପ୍ରଧାନମନ୍ତ୍ରୀ କହିଥିଲେ ଯେ, ସିକନ୍ଦର (ଆଲୋକଜାଣ୍ଡର)ଙ୍କ ସେନା ସାରା ବିଶ୍ୱକୁ ଜିଣିଥିଲେ କିନ୍ତୁ ଯେତେବେଳେ ବିହାରରେ ପହଞ୍ଚିଥିଲେ ଓ ବିହାରୀମାନଙ୍କ ସହ ଲଢ଼େଇ କରିଥିଲେ ସେତେବେଳେ ହାରିଯାଇଥିଲେ। କିନ୍ତୁ ଇତିହାସରେ ସିକନ୍ଦର କେବେ ବିହାର ଆସିଥିବା କଥା ଉଲ୍ଲେଖ ନାହିଁ। ତେବେ କାହା କଥାକୁ ଗ୍ରହଣ କରାଯିବା ଇତିହାସକୁ ନା ପ୍ରଧାନମନ୍ତ୍ରୀଙ୍କ କଥାକୁ?

ସେହିପରି ପାକିସ୍ଥାନର ବାଲାକୋଟ୍‌ରେ ଭାରତୀୟ ବାୟୁସେନା ପକ୍ଷରୁ ହୋଇଥିବା ଏୟାର ଷ୍ଟ୍ରାଇକ ପରେ ଏକ ସାକ୍ଷାତକାରରେ ପ୍ରଧାନମନ୍ତ୍ରୀ କହିଥିଲେ - ସେ ଦିନ ମୁଁ ଦିନ ସାରା ବ୍ୟସ୍ତ ଥିଲି ରାତି ୯ଟା ବେଳେ ରିଭ୍ୟୁ (ଏୟାର ଷ୍ଟ୍ରାଇକର ପ୍ରସ୍ତୁତିର) କରିଥିଲି, ପୁଣି ୧୨ଟଶବେଳେ ରିଭ୍ୟୁ କରିଥିଲି। ଆମ ସମ୍ମୁଖରେ ସମସ୍ୟା ଥିଲା। ସେ ସମୟର ପାଣିପାଗ ଅଚାନକ ଖରାପ ହୋଇ ଯାଇଥିଲା। ବହୁତ ବର୍ଷା ହୋଇଥିଲା। ବିଶେଷଜ୍ଞ ଷ୍ଟ୍ରାଇକର ତାରିଖ ପରିବର୍ତ୍ତନ ପାଇଁ ଚାହୁଁଥିଲେ, କିନ୍ତୁ ମୁଁ କହିଥିଲି ଏତେ ମେଘ ଅଛି ଓ ବର୍ଷା ହେଉଛି ତେଣୁ ଏହାର ଫାଇଦା ହେଉଛି ପାକିସ୍ଥାନ ରାଡ଼ାର ଆମ ବିଷୟରେ ଜାଣିପାରିବ ନାହିଁ। ସମସ୍ତେ ଦ୍ୱନ୍ଦ୍ୱରେ ଥିଲେ ଯେ କ'ଣ କରାଯିବ। ସେତେବେଳେ ମୁଁ କହିଲି ମେଘ ଅଛି ଷ୍ଟ୍ରାଇକ ଆରମ୍ଭ କର- ଆଉ ସେମାନେ (ସେନା) ଷ୍ଟ୍ରାଇକ ଆରମ୍ଭ କରିଦେଲା। ପ୍ରଧାନମନ୍ତ୍ରୀଙ୍କ ବୟାନ ପୁରା ବିଜ୍ଞାନ ଜଗତକୁ ଚକିତ କରିଦେବା ଭଳି ନିଶ୍ଚୟ। ସେତେବେଳେ ଅନେକ ବିଶେଷଜ୍ଞ ତର୍ଜମା ଆରମ୍ଭ କରିଦେଲେ ଯେ ମେଘ ଥିଲେ ରାଡ଼ାର କାମ କରେ ନା ନାହିଁ? ପ୍ରଧାନମନ୍ତ୍ରୀଙ୍କ ବକ୍ତବ୍ୟରୁ ସ୍ପଷ୍ଟ ଯେ ବାଲାକୋଟ ଆକ୍ରମଣ ଘଟଣାରେ ବାୟୁସେନାକୁ ବିଶେଷ ଭାବେ ଆକାଶରେ ମେଘ ଛାଇ ହୋଇ ରହିଥିବାର ଲାଭ ମିଳିଥିଲା ଓ ମେଘ ଯୋଗୁଁ ବାୟୁସେନାର ମିରାଜ ବିମାନକୁ ପାକିସ୍ଥାନ ରାଡ଼ାର ଦେଖି ପାରି ନଥିଲା। ଯେଉଁଥିପାଇଁ ବାଲାକୋଟ ଆକ୍ରମଣ (ଏୟାର-ଷ୍ଟ୍ରାଇକ) ସଫଳ ହୋଇଥିଲା। କିନ୍ତୁ ବୈଜ୍ଞାନିକମାନଙ୍କ ମତ ହେଉଛି ରାଡ଼ାର ସବୁ ପାଗରେ କାମ କରେ ଏବଂ ଏହାର ସୂକ୍ଷ୍ମ ତରଙ୍ଗ ଦ୍ୱାରା ଏହାର ଧାର୍ଯ୍ୟ ସୀମାରେ ଆସୁଥିବା ଯେକୌଣସି ବିମାନ ବାବଦରେ ସୂଚନା ପାଇପାରେ। ପ୍ରଧାନମନ୍ତ୍ରୀଙ୍କ ଏହି ବୟାନ ବୈଜ୍ଞାନିକ ଏବଂ ଟେକିନିକାଲ୍ କାରଣରୁ ଭୁଲ୍ ନିଶ୍ଚୟ। କିନ୍ତୁ ପ୍ରଧାନମନ୍ତ୍ରୀ ଆତ୍ମବିଶ୍ୱାସର ସହ ଏଭଳି କଥା ସବୁ କହୁଛନ୍ତି। ଏହା ଜ୍ଞାନ ବା ଅଜ୍ଞାନତା?

ପ୍ରଧାନମନ୍ତ୍ରୀଙ୍କ ଭଳି ତାଙ୍କ ଦଳର ଅନେକ ନେତା ମଧ ଏଭଳି କଥା କହୁଛନ୍ତି। ଉତ୍ତରାଖଣ୍ଡର ମୁଖ୍ୟମନ୍ତ୍ରୀ ତୀରଥ ସିଂହ ରଓତ ଭାରତକୁ ୨୦୦ବର୍ଷ ପର୍ଯ୍ୟନ୍ତ ଆମେରିକା ଶାସନ କରୁଥିଲା ବୋଲି କହିଥିଲେ। ଏହି କଥା ଶୁଣିବା ପରେ ଉତ୍ତରାଖଣ୍ଡର ଜନସାଧାରଣ ଓ ଦେଶର ଜନସାଧାରଣ ତାଙ୍କୁ ଶିକ୍ଷିତ ଓ ସଂସ୍କାରିତ ବୋଲି ଭାବିଥିବେ ତ? ଚୀନ ସେନା ଲଦାଖ ଅଞ୍ଚଳରେ ଅନୁପ୍ରବେଶ କରିବା ପାଇଁ କରିଥିବା ଉଦ୍ୟମ ଓ ଚୀନ - ଭାରତ ସେନା ମୁହାଁମୁହିଁ ହୋଇଥିବାବେଳେ ସଂଘର ଜଣେ ନେତା ଭାରତୀୟ ସୀମାରୁ ଚୀନସେନାକୁ ଘଉଡ଼ାଇବା ପାଇଁ ମନ୍ତ୍ର ଓ ଶ୍ଳୋକ ପଢିବା ପାଇଁ ପରାମର୍ଶ ଦେଇଥିଲେ। ଏବେ ଦେଶରେ ଏଭଳି ଜ୍ଞାନୀ ବ୍ୟକ୍ତିଙ୍କ ସଂଖ୍ୟା ବଢିବାରେ ଲାଗିଛି ଓ ଏମାନେ ଦେଶର ଲୋକଙ୍କୁ ଜ୍ଞାନ ବାଣ୍ଟି ଚାଲିଛନ୍ତି। କ'ଣ ଏଭଳି ମହାଜ୍ଞାନୀମାନଙ୍କର ଜ୍ଞାନ ଭାରତକୁ ବିଶ୍ୱ ଗୁରୁ କରାଇପାରିବ?

+ରାମଚନ୍ଦ୍ରପୁର, ରଣପୁର

ମୋ: ୯୪୩୮୪୮୫୦୯୪

# ସଂକ୍ଷିପ୍ତ ରାମାୟଣ

ଶଙ୍କର ଚରଣ ରାଉତ



ଶ୍ରୀ ଶଙ୍କର ଚରଣ ରାଉତ ଏକାଧାରାରେ ଜଣେ କବି ଓ ଲେଖକ। ଉତ୍କଳ ସମ୍ମିଳନି ଓ ଉତ୍ତର ଓଡ଼ିଶା ସାହିତ୍ୟ ସମ୍ମିଳନୀର ସଭ୍ୟ। ଭାଗବତଗୀତାରେ ପତ୍ର ମାଧ୍ୟମରେ ପଢ଼ି ସାର୍ଟିଫିକେଟ୍ ପାଇବାରେ ଯୋଗ୍ୟ ବ୍ୟକ୍ତି। ଧର୍ମ ବିଷୟରେ ସେ ଦଶଖଣ୍ଡ ପୁସ୍ତକ ରଚନା କରି ପରିଚିତ ହୋଇପାରିଛନ୍ତି। ରାମଚରିତ ମାନସ ଓ ଭାଗବତ ପ୍ରବଚନର ସେ ଜଣେ ପ୍ରବକ୍ତା। ଏହି ସଂକ୍ଷିପ୍ତ ରାମାୟଣକୁ ସେ ବୃହତ୍ ଆକାରରେ ବହୁ ପୂର୍ବରୁ ଲେଖିଥିଲେ। ଯାହାକି ତତ୍‌କାଳିନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମାନ୍ୟବର ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଦ୍ୱାରା ଭୁବନେଶ୍ୱର ଠାରେ ଉଦ୍‌ଘାଟିତ ହୋଇଥିଲା। ବର୍ତ୍ତମାନ ସଂକ୍ଷିପ୍ତ ଆକାରରେ ତାହା ପ୍ରକାଶିତ ହେଉଛି।

ଭାଗ -୧୧

ପ୍ରଭୁ ଶ୍ରୀ ରାମ

(୭ମ ଅବତାର)

ନୀଳାମ୍ବୁଜ ଶ୍ୟାମଳ କୋମଳାଙ୍ଗମ୍।
ସୀତା ସମରୋପିତ ବାମଭାଗମ।
ପାଣୌ ମହାଶାୟକ ଚାରୁଚାପଂ
ନମାମି ରାମଂ ରଘୁବଂଶ ନାଥମ।
ନମାମି ଭକ୍ତ ବତ୍ସଳଂ
କୃପାଳୁଶୀଳ କୋମଳଂ
ଭଜାମି ତେ ସଦାମ୍ବୁ
ଜମକାମିନଂ ସ୍ୱଧାମଦମ୍।
ନିକାମ ଶ୍ୟାମ ସୁନ୍ଦରଂ
ଭବାମ୍ବୁନାଥ ମନ୍ଦରଂ
ପ୍ରଫୁଲ୍ଲ କଞ୍ଜଲୋଚନଂ
ମଦାଦି ଦୋଷ ମୋଚନମ୍।
ସୂର୍ଯ୍ୟ ବଂଶ

ଅଯୋଧ୍ୟାରେ ରଘୁ ନାମକ ଜଣେ ରାଜା ଥିଲେ। ତାଙ୍କ ନାମ ଅନୁସାରେ ଶ୍ରୀରାମଙ୍କ ନାମ ରଘୁନାଥ ହୋଇଥିଲା ଏବଂ ବଂଶର ନାମ ରଘୁବଂଶ ହୋଇଥିଲା। ତାଙ୍କ ପୁତ୍ର ଅଜ। ଅଜଙ୍କ ପତ୍ନୀ ଇନ୍ଦ୍ରମଣୀଙ୍କ ଗର୍ଭରୁ ଦଶରଥ ଜନ୍ମ ଗ୍ରହଣ କରିଥିଲେ। ତାଙ୍କର ସ୍ତ୍ରୀଙ୍କ ନାମ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା ଥିଲା। ବହୁ ଦିନ ଧରି ତାଙ୍କର ସନ୍ତାନ ନ ହେବାରୁ ସେ ଗୁରୁ ବିଶିଷ୍ଠଙ୍କୁ ଏହାର ପ୍ରତିକାର ପାଇଁ ପ୍ରସ୍ତାବ ଦେଲେ। ସେ ଋଷ୍ୟ ଶୃଙ୍ଗ ମୁନିଙ୍କୁ ଆଣି ପୁତ୍ରେଷ୍ଟି ଯଜ୍ଞର ଆୟୋଜନ କରି ଯଜ୍ଞ ଶେଷରେ ଚରୁ ନେଇ ରାଣୀ କୈଶଲ୍ୟାଙ୍କୁ ଦେଲେ। କୌଶଲ୍ୟା ତାକୁ ଦୁଇଟି ଭାଗକରି କୈକେୟୀଙ୍କୁ ଦେଲେ। ତାପରେ ସୁମିତ୍ରା ଆସିବାରୁ କୌଶଲ୍ୟା ତାଙ୍କ ଭାଗରୁ ଅଧେ ଏବଂ କୈକେୟୀ ତାଙ୍କ ଭାଗରୁ ଅଧେ ସୁମିତ୍ରାଙ୍କୁ ପ୍ରଦାନ କଲେ। ରାଣୀ କୈଶଲ୍ୟାଙ୍କଠାରୁ ଶ୍ରୀ ରାମ, କୈକୟୀଙ୍କଠାରୁ ଭରତ, ଏବଂ ସୁମିତ୍ରାଙ୍କଠାରୁ ଲକ୍ଷ୍ମଣ ଏବଂ ଶତ୍ରୁଘ୍ନ ଜନ୍ମ ନେଲେ।

ରାମଙ୍କ ଜନ୍ମ- ଚୈତ୍ର ମାସ ଶୁକ୍ଳପକ୍ଷ ନବମୀ ତିଥି ଅଭିଜାତ ନକ୍ଷତ୍ର ସିଂହ ଲଗ୍ନ ପ୍ରୀତି ଯୋଗ ମଧାହ୍ନ।

ଭଏ ପ୍ରଗଟ କୃପାଲା
ଦୀନଦୟାଲା କୈଶଲ୍ୟ ହୀତକାରୀ
ହରଷିତ ମହକାରୀ ମୁନୀ
ମନହାରୀ ଅଦ୍ଭୁତ ରୂପ ବିଚାରୀ।

ତେଣୁ ସେମାନେ ଖେଳକୁଦ କରିବା ସମୟରେ ରାମ-ଲକ୍ଷ୍ମଣ ଏକ ପଟରେ ଏବଂ ଭରତ-ଶତ୍ରୁଘ୍ନ ଅନ୍ୟ ପଟେ ଖେଳୁଥିଲେ।

ଏହି ଚାରି ଭାଇ ଗୁରୁ ବଶିଷ୍ଠଙ୍କଠାରୁ ସମସ୍ତ ସାଧାରଣ ବିଦ୍ୟା, ଧର୍ମ ବିଦ୍ୟା ଏବଂ ଧର୍ନୁବିଦ୍ୟା ଶିକ୍ଷା କଲେ। ଏହିପରି ୧୫-୧୬ ବର୍ଷ ଅତୀତ ହେବାପରେ ଦିନେ ଋଷି ବିଶ୍ୱାମିତ୍ର ଆସି ପହଞ୍ଚିଲେ। ସେ ଦଶରଥଙ୍କୁ କହିଲେ ନିକଟରେ ମୋର ହେଉଥିବା ଯଜ୍ଞକୁ ତାଡକା ଏବଂ ତାର ଦୁଇ ପୁତ୍ର ସୁବାହୁ ଏବଂ ମାରିଚ ନଷ୍ଟ କରି ଦେଇଛନ୍ତି। ଶ୍ରୀ ରାମଙ୍କୁ ମୋ ସାଙ୍ଗରେ ପଠାଇ ମୋ ଯଜ୍ଞକୁ ରକ୍ଷା କରନ୍ତୁ। ବଶିଷ୍ଠଙ୍କ ପରାମର୍ଶରେ ଦଶରଥ-ରାମ-ଲକ୍ଷ୍ମଣକୁ ତାଙ୍କ ସହିତ ପଠାଇଲେ। ଶ୍ରୀରାମ ତାଡ୍‌କା ଏବଂ ସୁବାହୁକୁ ମାରିଦେଇ ମାରିଚକୁ ଇନ୍ଦ୍ରପ୍ରସ୍ଥକୁ ପଠାଇଲେ।

(କ୍ରମଶଃ)

+ମଣ୍ଡଗାଁ, ବରୁଣସିଂ, ବାଲେଶ୍ୱର

# ନରୱେର ପ୍ରଧାନମନ୍ତ୍ରୀ ଏର୍ଣ୍ଣା ସୋଲବର୍ଗ ସାରା ପୃଥିବୀର ମୁଖ୍ୟଙ୍କ ଆଗରେ ବିରଳ ଦୃଷ୍ଟାନ୍ତ ରଖିଲେ

ସୁବ୍ରତ କର



ନରୱେ ହେଉଛି ଉତ୍ତରୋପର ଏକ ଛୋଟ ଦେଶ ଏବଂ ନରୱେ, ସୁଇଡେନ ଏବଂ ଫିନଲାଣ୍ଡ ଏହି ତିନି ଦେଶ ସ୍କାଣ୍ଡିନେଭିଏନ ଦେଶରେ ନାମିତ। ଏହି ତିନି ଦେଶ ପୃଥିବୀର ସବୁ ପ୍ରକାରର ମାନ୍ୟତାରେ ଅନ୍ୟ ଦେଶଠୁ ଆଗରେ। ମୁଁ ଜାଣେ ନାହିଁ ସେ ଯେଉଁ ଆଜି ସମସ୍ତଙ୍କ ପାଖରେ ଦୃଷ୍ଟାନ୍ତ ରଖିଲେ ଅନ୍ୟ ଦେଶର ମୁଖିଆମାନେ କରିପାରିବେ କି? ତାଙ୍କ ଦେଶରେ କରୋନା ସମୟରେ ନିୟମ କରିଛନ୍ତି ଯେ କୌଣସି କାର୍ଯ୍ୟକ୍ରମରେ ସରକାରୀ ବା ବେସରକାରରୀ ସ୍ତରରେ ଏକାଠି ୧୦ଜଣଠୁ ବେଶି ଏକତ୍ରୀତ ହୋଇପାରିବେ ନାହିଁ। କିନ୍ତୁ ନରୱେର ପ୍ରଧାନମନ୍ତ୍ରୀଙ୍କ ଜନ୍ମ ଦିନରେ ସେ ତାଙ୍କର ବନ୍ଧୁ ଏବଂ ଆତ୍ମୀୟସ୍ୱଜନଙ୍କୁ ମିଶାଇ ୪୦ଜଣଙ୍କୁ ନିମନ୍ତ୍ରଣ କରିଥିଲେ। ଏହା ତାଙ୍କର ଏକ ଫାର୍ମ ହାଉସରେ ହେଉଥିଲା। ସେହି ସମୟରେ ପୁଲିସ ଖବର ପାଇଁ ତାଙ୍କର ଫାର୍ମ ହାଉସରେ ଚଢ଼ାଉ କରିଥିଲେ ଏବଂ ତାଙ୍କୁ ତାଙ୍କର ଏହି ଭୁଲ ପାଇଁ ଏକ ଲକ୍ଷ ୭୫ ହଜାର ଟଙ୍କା ଫାଇନ୍ କରି ଆଇନ୍ ଅନୁସାରେ ଦଣ୍ଡିତ କରିଥିଲେ। ଏହି କାର୍ଯ୍ୟଟି ଆଉ କେହି କରିଥିଲେ ପୁଲିସ ତାଙ୍କୁ ସତର୍କବାଣୀ ଶୁଣାଇ ଛାଡ଼ି ଦେଇଥାଆନ୍ତେ। କିନ୍ତୁ ଏହି ଭୁଲଟି ଦେଶର ପ୍ରଧାନମନ୍ତ୍ରୀ କରିଛନ୍ତି ଏବଂ ତାଙ୍କର ଏହି ଭୁଲ ପାଇଁ ଖାଲି ଟଙ୍କା ଦେଲେ ତ। ନୁହଁ ସେ ସମସ୍ତ ଦେଶବାସୀଙ୍କ ପାଖରେ ଭୁଲ କରିଛନ୍ତି ବୋଲି କ୍ଷମା ଭିକ୍ଷା କରିଛନ୍ତି।

ଏହି ଦୃଷ୍ଟାନ୍ତକୁ ଆମ ଦେଶକୁ ଆଣିବା ଏବଂ ଆମ ଦେଶର ସେହି ସ୍ତରର ନେତା ସେ ଦେଶର ହୁଅନ୍ତୁ ବା ରାଜ୍ୟର ଏହିଭଳି କରିପାରି ଥାଆନ୍ତେ କି? ଆମ ଦେଶର ଏବେ କରୋନା ଯେଉଁ ପ୍ରକାରର ରୂପ ନେଲାଣି ଏହାକୁ ଆମର ନେତାମାନେ ସମ୍ଭାଳି ପାରିବେ ତ? ଏବେ ଗୁଡ଼ାଏ ରାଜ୍ୟରେ ଭୋଟ ହେଲା ଏବଂ ଏ ପର୍ଯ୍ୟନ୍ତ ସରିନାହିଁ ଏବଂ ଯାହା ଆମେ ଦେଖୁଛୁ ଦେଶର ହେଉ ବା ରାଜ୍ୟରେ ହେଉ କେହି କିଛି ମାନିବା ପାଇଁ ପ୍ରସ୍ତୁତ ନୁହଁନ୍ତି। ଆମ ରାଜ୍ୟରେ ସଭା ସମିତିରେ ୨୦୦ ଲୋକରୁ ବେଶି ହେବା କଥା ନୁହେଁ କିନ୍ତୁ କିଏ ମାନୁଛି ଏବଂ ଆଇନ୍ କାନୁନ୍ ପ୍ରତି ମୁହୂର୍ତ୍ତରେ ବଦଳି ଯାଉଛି। ନା ମାସ୍କ ନା ଦୂରତା। କେହି କିଛି ମାନିବାର ନାହାନ୍ତି ଏବଂ ଏହାର ମୂଳ କାରଣ ଯେଉଁ ରାଜ୍ୟ ଗୁଡ଼ିକରେ ଭୋଟ ହେଲା ସେଠାରେ ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ସମସ୍ତେ ଏକଜୁଟ୍ ହେଉଥିଲେ ଏବଂ ଏବେ ମଧ୍ୟ ହେଉଛି। ଅନ୍ୟ ନେତାଙ୍କ କଥା ଛାଡ଼ନ୍ତୁ। ଆମ ପୁଲିସ ପ୍ରଧାନମନ୍ତ୍ରୀ କିମ୍ବା ମୁଖ୍ୟମନ୍ତ୍ରୀଙ୍କୁ ଆଇନ ଭାଙ୍ଗିଲେ ଫାଇନ୍ କରି ପାରିବେ କି? ସାହସ ଅଛି? ବମ୍ବେର ଗୋଟିଏ ମନ୍ତ୍ରୀଙ୍କୁ ସମ୍ଭାଳି ପାରୁ ନାହାଁନ୍ତି ଆଉ ଦେଶକୁ ସମ୍ଭାଳିବେ? ଅସମ୍ଭବ।



## ଏହି ମୋ ଗାଆଁ ...



ଧ୍ରୁବ ଚରଣ ବେହେରା

ଯେଉଁ ଗାଆଁ କୋଳେ ଜନମ ମୋର
ତା ପାଣି ପବନ ଲାଗେ ମଧୁର।
ସକାଳ ସୂରୁଜ ହସଇ ଉଇଁ
ସୁନାର ମୁରୁଜ ଦିଏ ବିଛାଇ।
ସବୁଜିମା ରାଜି କ୍ଷେତ ସମ୍ଭାର
ନଈ ନାଳ ବିଲ ନଦୀର ଧାର।
ନାନା ପ୍ରଜାପତି ଉଡି ବୁଲନ୍ତି
ଫୁଲ ବଗିଚାରେ ଶୋଭା ପାଆନ୍ତି।
ଆମ୍ବ ତୋଟା ମାଳେ କୋଇଲି ନାନୀ
କୁହୁ ତାନେ ଗାଏ ମଧୁର ଧ୍ୱନି।
ବସନ୍ତ ଆସେ ଫଗୁ ବରଷେ
ନାନା ଫୁଲ ଫଳ ବାସ ଚହଟେ।
କୃଷ୍ଣଚୂଡ଼ା ହସେ ନିଦାଘେ ରହି
ମୃଦୁ ମଳୟର ଶୀତଳ ପାଇ।
ଜୁଈ ଜାଇ ହେନା ଟଗର ନିତି
ଝରା ଶେଫାଳିର ଝରେ ପୀରତି।
ଗୋଧୂଳି କୋଳେ ମୋ ସୁନ୍ଦର ଗାଆଁ
ଗେଣ୍ଡାଳିଆ ଉଡେ ନଭରେ ଆହା।
ନୀଳ ଆକାଶର ନୀଳିମା କୋଳେ
ହସନ୍ତି ତପନ ଭାଲେରୀ ଡୋଳେ।
ଚିଲିକା ଜଳ ଯେ ଅତି ସୁନୀଳ
ଦୂରୁ ଦିଶୁଥାନ୍ତି ତରଣି ମାଳ।
ଝରେ ମୋ ଗାଆଁରେ ଜହ୍ନ ଜୋଛନା
ପ୍ରକୃତି ର ଶୋଭା କଳି ହୁଏନା।
ବିତିଛି ମୋହର ଶୈଶବ ଏଠି
ସାଙ୍ଗ ସାଥି ମେଳେ ଥିଲୁ ଏକାଠି।
ଖେଳି ଥିଲୁ କେତେ ଧୂଳିର ଘର
ବୋହୂ ଚୋରି ପୁଣି ଡାହି ମାଙ୍ଗଡ।
ଗାଆଁ ଶେଷ ମୁଣ୍ଡେ ଉଡାଇ ଗୁଡି
ଚକା ପିଟା ଖେଳ ପୁଣି କବାଡି।
ଦେଖିଥିଲୁ ଯାତ ଫଗୁଣ ମେଳା
ଠାକୁରାଣୀ ପୂଜା ପାଇକ ଖେଳା।
ଭଗିଆ ନନାର ଶଗଡ ଗାଡି
ଗାଆଁ ଦାଣ୍ଡେ କେତେ ଯାଇଛି ଗଡି।
ଆସିବନି ଫେରି ସେହି ରାଇଜ
ବନ୍ଧୁ ସାଙ୍ଗ ମେଳ ରଙ୍ଗ ମଉଜ।
ଡାକୁ ଅଛି ତାକୁ ଅତି ନିକଟେ
ଅତୀତ ତ ସ୍ମୃତି ଫେରିଛି ବାଟେ।
ଯେଉଁ ଗାଆଁ ଦିନେ ଥିଲା ମୋ ସାଥି
ଦୂରେ ଥାଇ ତାକୁ ଭାଳଇ ନିତି।
ଧନ୍ୟ ମୋ ଜନନୀ ଧନ୍ୟ ମୋ ଗାଆଁ
ପାଠ ପଢି ତାର ରଖିବା ନାଆଁ।
ହସିବ ସଂସାର ଆମ ଦୁନିଆଁ
ଗାନ୍ଧିଜୀଙ୍କ ସ୍ୱପ୍ନ ଏହି ମୋ ଗାଆଁ।

+ଅଠରବାଟିଆ, ବାଲୁଗାଁ, ଖୋର୍ଦ୍ଧା

ମୋ:୮୩୨୮୯୩୦୫୫୪



## ଆହ୍ୱାନ ...

ବେଣୁଧର ସୁରୁଜାଲ

ଗାଅ ନାହିଁ କବି ଆଜ
ପ୍ରେମର ଏ ମିଳନ-ବିରହ ଗାନ,
ଦେଖ ସେଠି ବାଦଲର କିଆଁ
ଛଳଛଳ ଅଶ୍ରୁପୂର୍ଣ୍ଣ ହେଉଛି ନୟନ।

ଶତଦଳ ପଙ୍କେ ଯୁଗେଯୁଗେ ଯିଏ
ଜୀବନ ଯନ୍ତ୍ରଣା ସଦା ଭୋଗୁଛନ୍ତି,
ତୁମ ନୂଆ କ୍ରାନ୍ତିର ଛନ୍ଦରେ
ମୁକ୍ତିର ପଥ ସିଏ ଖୋଜୁଛନ୍ତି।

ସବୁରି ନୟନେ ବହୁଛି ଗଂଗା
ଛଳକୁଛି କିଆଁ ଆଜି ଯମୁନା,
ମେଣ୍ଟାଇ ପାରୁନି ଗଂଗା ଜଳ ଛିଟା
ଆମ ଦେଶ-ଜାତିର ସବୁ ତୃଷା।

ପେଟର କ୍ଷୁଧାକୁ ମେଣ୍ଟାଇବା ପାଇଁ
ବିକଳିତ କୋଟି କୋଟି ମଣିଷ,
ହୃଦୟରୁ ନିଜ ରକ୍ତ ଦେଇ ପୁଣି
ତୃପ୍ତ କରାନ୍ତି ନର-ରାକ୍ଷସ।

କ୍ଷୁବ୍ଧ ଆଜି ନିରୀହ ଜାତି
ରୁଗ୍ଣ ଯେଣୁ ମାନସିକତା,
ରୁଦ୍ଧ ଆଜି କଣ୍ଠସ୍ୱର
ସ୍ତବ୍ଧ ଦେଖି ଏ ଅରାଜକତା।

ଜାଗ୍ରତ ହୁଅ ଜାତିର ନେତା
ଶାଣିତ କର ନିଜ ଦକ୍ଷତା,
ନିର୍ଭୀକ ହୋଇ କର ସଂଗ୍ରାମ
ବଢାଅ ଜାତିର ସାହସିକତା।

ଆସ ଏ ଜାତିର ନିର୍ମାଣ ଯଜ୍ଞେ
ଢାଳିବା ସଭିଙ୍କ ଆଖିରୁ ପାଣି,
ସୁସଜ୍ଜିତ ହେବ ନବ ନିର୍ମାଣ
ଜଳାଇ ବିପ୍ଳବ ବହ୍ନି।

ତୁମରି କଲମ ଗାରର ବୀରତ୍ୱ
କର ଖଣ୍ଡା ଠାରୁ ବଳିୟାନ,
ଦୋହଲାଇ ଦିଅ ଶୋଷକଙ୍କ ଗଡ଼
ଅନୀତି ଦୁର୍ନୀତି ହେଉ ଦମନ।

ଆଗେଇ ଆସ ହେ ଦରଦୀବନ୍ଧୁ
ଆମ ନୂତନ ସମାଜ କର ସର୍ଜନା,
ଜଳାଞ୍ଜଳି ଦିଅ ସ୍ୱାର୍ଥ ଅହମିକା
ତବ କଣ୍ଠୁ ଝରୁ ମୁକ୍ତି-ମୂର୍ଚ୍ଛନା।

ଲେଖନୀ ମୁନେ
ଭାଂଗିଦିଅ ଲୁଟେରାଙ୍କ
ସୁନାଚାନ୍ଦୀରେ ଗଢ଼ା
ପାଚେରୀ କାନ୍ଥ,
ଧ୍ୱଂସ କରିଦିଅ ପୁଂଜୀବାଦୀଙ୍କ
ସବୁ ପୁଂଜିଭୂତ ଅମାରତ।

ସମାଜେ ସମତା ନିର୍ମାଣ ଯଜ୍ଞେ
ତୁମ ଅର୍ନ୍ତଜ୍ୟୋତିକୁ କର ଜାଗ୍ରତ,
ଘରେ ଘରେ ଖୁସି ଫେରାଇ ପାରିଲେ
ତେବେ ଜାତି ହେବ ବିଶ୍ୱେ ସମ୍ରାଟ।

ସୁଖ ସମୃଦ୍ଧିରେ ପରିପୂର୍ଣ୍ଣ ହେଉ
ସ୍ୱେଚ୍ଛାଚାର, ଦୁର୍ନୀତି ହେଉ ଦମନ,
ଶାନ୍ତି, ମୈତ୍ରୀ, ପ୍ରୀତି ହୋଇ ସ୍ଥାପନ
ଜାଜ୍ୱଲ୍ୟମାନ ହେଉ ଜାତିର ନାମ।

+ଉଲୁଣ୍ଡା, ସୁବର୍ଣ୍ଣପୁର

ମୋ: ୯୭୭୮୮୮୧୭୭୪

## ଭାବନାର ନାହିଁ ପୂର୍ଣ୍ଣଚ୍ଛେଦ....

ତପନ କୁମାର ସାହୁ

ମସ୍ତିଷ୍କରେ ଚାଲିଥିବା ଅହରହ
ଚିନ୍ତନ ହିଁ ତ ଭାବନା
ତାହା କେବେ ହାରେନା କେବେ
ଥକେନା
ଶରୀରରେ ଜୀବନ ଥିବା ଯାଏଁ
ଝରୁଥାଏ ହୋଇ ଅଳସୀ ଝରଣା!
କବିର ମନ ଉଦ୍ୟାନରେ ପ୍ରସ୍ଫୁଟିତ ପୁଷ୍ପ
ଶବ୍ଦ ମାନଂକୁ ଯୋଡି ଧାଡ଼ିରେ ଧାଡି
ବାନ୍ଧି ଛିଡା କରିବା
ମନ ଗହନ ରେ ଉଠୁ ଥିବା ଢେଉକୁ
ସାଧା କାଗଜ ର କୂଳ ଛୁଆଁଇବା
ହିଁ ତା ଭାବନା!
ପର୍ଦ୍ଧା ଆକାଶ ଦେହରେ
ଶବ୍ଦ ବ୍ରହ୍ମାଣ୍ଡରୁ ଶବ୍ଦ ବ୍ରହ୍ମକୁ ରଙ୍ଗ
ତୋଳିରେ ଭରି
ଶବ୍ଦ ରଙ୍ଗରେ ଇନ୍ଦ୍ରଧନୁ ଆଙ୍କିବାର ସେ
ରମଣୀୟ ଆକର୍ଷଣର କଳାକୃତି
ହିଁ ତ ଭାବନା!
ସୁଖା ନଇଁ ଦେହରେ
ଶୁଖି ଯାଇ ଥିବା ଅନେକ ଶ୍ରାବଣ କୁ
ଶୂନ୍ୟ ରୁ କଳ କଳ ଶବ୍ଦ ନାଦ ସୃଷ୍ଟି କରି
ପୁଣି ଥରେ ଶବ୍ଦ ବନ୍ୟାର ପ୍ରଚେଷ୍ଟା
ହିଁ ତ ଭାବନା!
ଫଟା ମୃଦଙ୍ଗ ଦେହରେ
ଲୀନ ହୋଇଥିବା ପ୍ରଭୁ କୀର୍ତ୍ତନର ତମାମ
ସନ୍ଧ୍ୟାକୁ
ପୁଣି ଥରେ ଶବ୍ଦ ସ୍ୱରରେ
ବାନ୍ଧିବାର ପ୍ରୟାସ
ହିଁ ତ ଭାବନା!
ଏ ଭାବନା କେବେ ଥକେନା
ସୃଷ୍ଟି କରେ ନୂଆ ନୂଆ ଚେତନା
ଧାଡ଼ି ପରେ ଧାଡ଼ି
ବଂଶୀ ଦେହେ ସ୍ୱନର ମଧୁର ମୂର୍ଚ୍ଛନା
ଶୂନ୍ୟରେ ସୃଷ୍ଟି କରୁ ଥିବା ପ୍ରେମ
ହିଁ ତ ଭାବନା!

+ ବେଲଗାଁ, କଳାହାଣ୍ଡି

ମୋ:୯୦୧୯୩୧୧୮୬୮

● ଧାରାବାହିକ ଆତ୍ମଜୀବନୀ ●

ଭାଗ-୧୧

# ମୋ ସାହିତ୍ୟ ସାଧନା: ତିକ୍ତ ମଧୁର ଅନୁଭବ

ରମାକାନ୍ତ ବେହେରା



**(ପୂର୍ବ ପ୍ରକାଶିତ ଉତ୍ତାରୁ)**

ଆଉ ଥରେ ସିକନ୍ଦର ଆଲାମ ଜଗନ୍ନାଥଙ୍କୁ ଭଜନ ଶୁଣାଇବା ପାଇଁ ନିବେଦନ କଲେ- ମୁଁ କହିଲି - ସିଧାଯିବ, ଗାଇବ, ଅନୁମତି ଦରକାର ନାହିଁ।

ସେ ମଧୁର କଣ୍ଠରେ ଅଶ୍ରୁ ଗଦ୍ ଗଦ୍ ସ୍ୱରରେ ଚମତ୍କାର ଭଜନ ଗାଇଲେ ଶ୍ରୀମନ୍ଦିର ଯେମିତି ଉଚ୍ଛୁଳି ଉଠିଲା- ସଭିଙ୍କ ମନରେ ପ୍ରଶ୍ନ - କିଏ ଏ ମହାନ ଗାୟକ- ସେତେବେଳକୁ ସେ ଚମ୍ପଟ୍।

ମୁଁ ଦେଖିଲି ସମସ୍ତେ ମନ୍ତ୍ରମୁଗ୍ଧ, ହିପ୍ନୋଟାଇଜଡ୍, ଏଠି ଯୁକ୍ତିର ଅର୍ଥ ଅନର୍ଥ।

ଏ ପ୍ରସଙ୍ଗରେ ଆଉ ଏକ ସ୍ମୃତି ବଖାଣୁଛି। ମହାନ ପଣ୍ଡିତ ଗୌରୀ କୁମାର ବ୍ରହ୍ମା, ସଦାଶିବ ରଥଶର୍ମା ଏବଂ ଅନ୍ୟ ମୂର୍ଦ୍ଧନ୍ୟ ପଣ୍ଡିତମାନେ ପ୍ରବଚନ ଦେଉଥାନ୍ତି। ମୁଁ ଶ୍ରୋତା ହିସାବରେ ଯୋଗ ଦେଇଥାଏଁ। ଶେଷଦିନ ସଭା ପରେ ହଠାତ୍ ମଞ୍ଚରୁ ଆହ୍ୱାନ ଆସିଲା କାହାରି କିଛି ବୁଝିବାର ଥିଲେ ସଂକ୍ଷେପରେ କହିପାରନ୍ତି।

ମୋ ନାମ ଡାକି ପଣ୍ଡିତ ରଥଶର୍ମା କହିଲେ - ବାବା ତୁମେ କିଛି ପଚାରିପାର।

ମୁଁ ସଭିଙ୍କୁ ନମ୍ର ପ୍ରଣତି ଜଣାଇ କହିଲି - ତିନିଦିନ ପ୍ରବଚନରେ ଆମେ ସମସ୍ତେ ମନ୍ତ୍ରମୁଗ୍ଧ ହୋଇଛୁଁ- କିନ୍ତୁ ମୋ ମନରେ ଗୋଟିଏ ସଂଶୟ ରହିଲା, ତାର ଉତ୍ତର ଏ ସମସ୍ତ ପ୍ରବଚନରୁ ପାଇନି। ଦିନେ ଯେଉଁ ସଂସ୍କୃତ ଶାସ୍ତ୍ର ଓ ମନ୍ତ୍ର ଜ୍ଞାନ ବିଶ୍ୱ ବିଜୟର ଗୌରବ କେତନ ଉଡ଼ାଇ ଥିଲା ସେ ଦେଶ କାହିଁକି ହଜାରେ ବର୍ଷ ପରାଧୀନ ହେଲା, ଦ୍ୱିତୀୟ କଥା- ବାଲ୍ମୀକି, ବ୍ୟାସ, ପରାଶର, ବଶିଷ୍ଠ, ବିଶ୍ୱାମିତ୍ର ମହର୍ଷି ମନୁଙ୍କ ଭାଷା ଯାହା ବିଶ୍ୱଭାଷାର ଜନନୀ, ତାହା ସମଗ୍ର ଦେଶର ନହେଉ ଏକ କ୍ଷୁଦ୍ର ରାଜ୍ୟର ଜାତୀୟ ଭାଷାର ମାନ୍ୟତା ପାଇଲା ନାହିଁ।

ସେମାନଙ୍କ ରକ୍ତଧାରୀ ମହାନ ସଂସ୍କୃତଜ୍ଞ ମାନେ କେବଳ ଜନ୍ମ ପାଇଁ ଘୃଣା ଭେଦଭାବ ସୃଷ୍ଟି କରି ଧର୍ମର ଧ୍ୱଂସ ସାଧନ କରି ନାହାନ୍ତି କି? ବିଦେଶୀ ବିଧର୍ମୀ ଆକ୍ରମଣୀ କାରୀଙ୍କଠାରୁ ଏମାନେ ଅଧିକ କ୍ଷତି କରୁ ନାହାନ୍ତିକି? କ'ଣ ଏହାର ଉତ୍ତର ତିନି ଦିନର ପ୍ରବଚନର ପ୍ରବଳ ବନ୍ୟା ପ୍ଲାବନ ମଧ ଏହାର ଉତ୍ତର କାହାରି ଆଲୋଚନାରେ ନଥିଲ। ଏହା ହିଁ ଦୁର୍ଭାଗ୍ୟ, ମୋ ପ୍ରଶ୍ନ କାହାକୁ ଆଘାତ ଦେବା ପାଇଁ ନୁହେଁ, ଏହାର ଉତ୍ତର ହିଁ ରାଷ୍ଟ୍ରୀୟ ଆବଶ୍ୟକତା।

ହଠାତ୍ ରଥଶର୍ମା ଉଠିପଡ଼ି କହିଲେ - ସମ୍ମିଳନୀ ଗୋଟିଏ ଦିନ ବଢ଼ିଲା, ଆମେ ତ ଆଜି ରାତ୍ରିରୁ ଯିବୁଁ, କାଲି ଏହାର ଉତ୍ତର ସେ ନିଜେ ଦେବେ। ସେ ହିଁ କାଲି ସଭାର ଏକମାତ୍ର ବକ୍ତା।

ଅବଶ୍ୟ ପରଦିନ ଜନ୍ମଦିନ ପାଇଁ ଜାତ୍ୟାଭିମାନ, ଅନ୍ୟକୁ ଘୃଣା ବିଶ୍ୱବ୍ୟାପ୍ତ ସନାତନ ହିନ୍ଦୁ ଧର୍ମର ଚରମ କ୍ଷତି ଘଟାଇଛି, କାଶ୍ମୀର ପଣ୍ଡିତଙ୍କ ଦୁର୍ଦ୍ଦଶା ସହ ଇତିହାସର କିଛି ଦୃଷ୍ଟାନ୍ତ ଅବତାରଣା କଲି, ମୋର ବକ୍ତବ୍ୟକୁ ଅନେକ ତାରିଫ କଲେ, କିନ୍ତୁ ଜନ୍ମ ସୂତ୍ରେ ନିଜକୁ ଶ୍ରେଷ୍ଠ ମଣୁଥିବା ତଥାକଥିତ ମହାପଣ୍ଡିତ ବ୍ରାହ୍ମଣ ମାନେ କି ପ୍ରକାର ଗ୍ରହଣ କଲେ ଜାଣି ପାରିଲି ନାହିଁ। ମୁଁ ଜାଣେ 'ଅଙ୍ଗାର ଶତ ଧୌତେନ...'

କିନ୍ତୁ ପରେ ପରମ ସମ୍ମାନୀୟ ରଥଶର୍ମାଙ୍କୁ ଏକ ରେଜେଷ୍ଟ୍ରି ଚିଠିରେ ମୋର ଜିଜ୍ଞାସା ତଥ୍ୟ ଜଣାଇଲି, ଆଜ୍ଞା ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି ଗୁଣ କର୍ମାନୁସାରେ ଚାରି ବର୍ଣ୍ଣର ସୃଷ୍ଟି, ଜନ୍ମ ଅନୁସାରେ ନୁହେଁ। ତାଛଡ଼ା କେଉଁ ଶାସ୍ତ୍ରରେ ଅଛି ଜଣକୁ ଜନ୍ମ ପାଇଁ ଘୃଣା କରିବା? ଯଦି ଜାତି ନିର୍ବିଶେଷରେ ସମସ୍ତଙ୍କର ବେଦ ପଢ଼ିବା, ଗୀତା ଗାୟତ୍ରୀ ମନ୍ତ୍ର ପଢ଼ିବା, ସନାତନ ହିନ୍ଦୁ ଧର୍ମର ସୁରକ୍ଷାର ବାଧକ ତେବେ ପ୍ରଥମେ ଶ୍ରୀମନ୍ଦିର ପଣ୍ଡିତ ମହାସଭା ଦ୍ୱାରା ବଳରାମ ଦାସଙ୍କ ଲକ୍ଷ୍ମୀପୁରାଣ ନିଷିଦ୍ଧ ହେଉନାହିଁ କାହିଁକି? ଚଣ୍ଡାଳ ଘରକୁ ଲକ୍ଷ୍ମୀ ଗଲେ ବୋଲି ବଡ଼ଭାଇ ବୁଦ୍ଧିରେ ଜଗନ୍ନାଥ ଲକ୍ଷ୍ମୀଙ୍କୁ ତ୍ୟାଗ କଲେ- ତାପରେ ଶ୍ରୀ ଜଗନ୍ନାଥ, ବଳଭଦ୍ର ଲକ୍ଷ୍ମୀଛଡ଼ା ହେଲେ, ସେମାନଙ୍କୁ ଅନ୍ନଜଳ ମିଳିଲା ନାହିଁ। ଶେଷରେ ସେଇ ଚଣ୍ଡାଳ ଘରେ ଅନ୍ନ ଖାଇଲେ। ଶ୍ରୀଜଗନ୍ନାଥଙ୍କ ଅପାର ମହିମା ପ୍ରଚାର ପାଇଁ ଲକ୍ଷ୍ମୀପୁରାଣ ସ୍ୱୀକୃତ ହେବ, ଦାସିଆ ବାଉରୀ, ସାଲବେଗ, କୁଷ୍ଠ ବ୍ୟାଧିଗ୍ରସ୍ତ ଶୂଦ୍ର କବି ଦୀନକୃଷ୍ଣଙ୍କୁ ପରମ ଶ୍ରଦ୍ଧା ସମ୍ମାନ ଦିଆଯିବ, ଅଥଚ ଜନ୍ମ ପାଇଁ ହରିଜନଙ୍କୁ ଘୃଣା, ବାସନ୍ଦ କରାଯିବ, ଆପଣ ମହାମହିମ ହିନ୍ଦୁ ଧର୍ମର ରକ୍ଷକ ଶଙ୍କରାଚାର୍ଯ୍ୟଙ୍କୁ ପଚାରି ପାରିଥାନ୍ତେ, କେଉଁ ଶାସ୍ତ୍ରରେ ଅଛି ଶୂଦ୍ର ମାନଙ୍କ ଗୀତା ଗାୟତ୍ରୀ ଅଧ୍ୟୟନ କରିବାର ଅଧିକାର ନାହିଁ?

ତାପରେ କୌଣସି ଉତ୍ତର ପାଇଲି ନାହିଁ। ସାକ୍ଷାତରେ ପଚାରି ଜାଣିଲି ସେ ଏଭଳି କୌଣସି ରେଜେଷ୍ଟ୍ରି ଚିଠି ପାଇନାହାନ୍ତି। ଏହାହିଁ ଏ ମହାଜାତିର ଦୁର୍ଭାଗ୍ୟ ତଥାପି ମହାମାନ୍ୟ ପଣ୍ଡିତ ରଥଶର୍ମାଙ୍କ ପ୍ରତି ମୋର ସମ୍ମାନ ଅକ୍ଷୁଣ୍ଣ ରହିଛି। ତାଙ୍କ ପାଇଁ ଓଡ଼ିଶାର ବହୁ ପ୍ରାନ୍ତରରେ 'ଚାରଣଙ୍କ ସଭାରେ ଯୋଗ ଦେଇଛି। ମୋ ପ୍ରତି ମଧ ତାଙ୍କର ଶ୍ରଦ୍ଧା ଆର୍ଶୀବାଦ ଅତୁଟ ଥିଲା। ତାଙ୍କ ପୁତ୍ର ପଣ୍ଡିତ ସୂର୍ଯ୍ୟନାରାୟଣ ରଥଶର୍ମା, ଏବଂ ତାଙ୍କର ଭକ୍ତ ପ୍ରବଚକ ଶ୍ରୀରାମ ଦାସଙ୍କ ଜାତ୍ୟାଭିମାନ, ଘୃଣାବିଦ୍ୱେଷ ଭାବ ଅଛି କି ନାହିଁ ଜାଣେନା।

ଏମିତି ଅସଂଖ୍ୟ ଦୃଷ୍ଟାନ୍ତ ଲମ୍ୱିପାରେ। ଏ ମହାଜ୍ଞାନୀମାନଙ୍କୁ କ'ଣ କହିବା? ନା, କିଛି ଦ୍ୱେଷ ମୂଳକ ଶବ୍ଦ ଉଚ୍ଚାରଣ କରିବି ନାହିଁ। ଏମାନଙ୍କ ଜ୍ଞାନକୁ ମୋର କୋଟି ପ୍ରଣାମ। କିନ୍ତୁ ଏଇମାନଙ୍କ ପୂର୍ବଜ ଋଷିଙ୍କ ଦିବ୍ୟଜ୍ଞାନ ବିଶ୍ୱକୁ ଆଦ୍ୟ ଦିଗଦର୍ଶନ ଦେଇଥିଲା ଅବଶ୍ୟ ଅନ୍ୟମାନଙ୍କର ମଧ ଅସାମାନ୍ୟ ଅବଦାନ ଥିଲା- କିନ୍ତୁ ଏଇମାନେବି ଦିନେ ଜାତିର ପତନର ମୁଖ୍ୟ ହେତୁ ହେଲେ- ନିଜ ଭାଷାରେ କହୁନାହିଁ, ଯୁଗସ୍ରଷ୍ଟା କବିବର ରାଧାନାଥଙ୍କ 'ମହାଯାତ୍ରା'ରୁ କିଛି ପଂକ୍ତି ସ୍ମରଣ କରୁଛି-

"ବ୍ରହ୍ମଚର୍ଯ୍ୟ ତେଜି ବିପ୍ରେ
ହେଲେ କଳିଯୁଗେ
ଲୋଭ-ମୋହ-ଜାଲେ ପଡ଼ି
ଅବିଦ୍ୟା ସେବକ
ଚନ୍ଦ୍ରିକା-ପୀୟୂଷ-ପାୟୀ-ଚକୋର ଔରସେ
ଜନ୍ମିଲେ ଉଲୁକ, ଅମାତିମିର ପ୍ରଣୟୀ
ଅକର୍ମଣ୍ୟ ଦ୍ୱି ଜାତିର ହେବ ଅବଶେଷେ
ଷଟ୍‌କର୍ମେ ଷଣ୍ଢକର୍ମ ଏକମାତ୍ର ବ୍ରତ
ଶତ ଶତ ଉପଜାତି ସୃଜିବେ ବ୍ରାହ୍ମଣେ
ଭେଦବୁଦ୍ଧି ଉପୁଜାଇ ମାନବେ ମାନବେ
ବ୍ରାହ୍ମଣର ତପଫଳେ ଲଭିଥିଲେ ଯେହୁ
ଭାରତର ଲୀଳାକ୍ଷେତ୍ର ସେ ଭାରତ ଏବେ
ହେବ ପରିଣତ ସେହି ବ୍ରାହ୍ମଣର ପାପେ
ଅଜ୍ଞାନ ଅଙ୍ଗାରମୟ ଭୀଷଣ ଶ୍ମଶାନେ।"

କେତେ ବାସ୍ତବ, ନିରାଟ ସତ୍ୟ ଏ ପ୍ରସଙ୍ଗରେ ଇତିହାସରୁ କିଛି ଦୁଃଖଦ ଘଟନା ସ୍ମରଣ କରୁଛି।

କଳାପାହାଡ଼କୁ ଯେଉଁମାନେ ଭର୍ତ୍ସନା କରି ମାଡ଼ମାରି, ତାର ସ୍ତ୍ରୀ ନବାବ କନ୍ୟା ଦୁଲାଲୀକୁ ବେଇଜ୍ଜତ କରି ବଡ଼ଦାଣ୍ଡରୁ ଘଉଡ଼ାଇ ଦେଇଥିଲେ, ସେ ପାଇଁ ଓଡ଼ିଶାର ଇତିହାସ ବହୁମୂଲ୍ୟ ଦେଇଛି। ସେଇ ଭାଣ୍ଡ ପଣ୍ଡିତଙ୍କ ରକ୍ତଜ ଏବେବି କିଛି ଶିକ୍ଷା ଲାଭ କରି ନାହାନ୍ତି।

ସେତେବେଳେ ଧର୍ମାନ୍ତର ବା ଏକାଥରେ ବହୁ ସଂଖ୍ୟାରେ ହିନ୍ଦୁ ଜାତିଚ୍ୟୁତ ବା ମୁସଲମାନ ହେବାରେ ତଥକଥିତ ଭାଣ୍ଡ ପଣ୍ଡିତ କଣ୍ଡଜ୍ଞାନ ହୀନ ବ୍ରାହ୍ମଣଙ୍କ କୁସଂସ୍କାରଛନ୍ନ ଅନ୍ଧବିଶ୍ୱାସ ମଧ ବହୁ ପରିମାଣରେ ଦାୟୀ। ସମସ୍ତ ମୁସଲମାନ ହୋଇଥିବା ହିନ୍ଦୁ ଯେ ଅତ୍ୟାଚରିତ ହୋଇ ବା ଖଣ୍ଡାଚୋଟ ପ୍ରାଣ ଭୟରେ ବା ଉଚ୍ଚ ପଦବୀ ଲୋଭରେ ମୁସଲମାନ ହେବାକୁ ବାଧ ହୋଇଥିଲେ ତାହା ନୁହେଁ, ସେମାନେ ଅଧିକାଂଶ ଅଜ୍ଞାତ ଭାବେ ଅନିଚ୍ଛା ସତ୍ତ୍ୱେ ଘୋର ଷଡ଼ଯନ୍ତ୍ରର ମଧ ଶିକାର ହୋଇଥିଲେ। ଯେଉଁମାନେ ମୁସଲମାନରୁ ହିନ୍ଦୁ ହୋଇ ପାରିଲେ ନାହିଁ ସେମାନେ କଳାପାହାଡ଼ ଭଳି ଅସ୍ତ୍ର ନଧରି ପ୍ରତିଶୋଧ ପରାୟଣ ହୋଇ ଭିନ୍ନ କୌଶଳ ଅବଲମ୍ୱନ କଲେ। ସେତେବେଳେ ସମସ୍ତେ ପୁଷ୍କରିଣୀ ବା କୂଅର ପାଣି ବ୍ୟବହାର କରୁଥିଲେ। ଯେଉଁମାନଙ୍କ ମୁହଁ ଚାହିଁଲେ ଛାୟା ପଡ଼ିଲେ ବ୍ରାହ୍ମଣ ମହାପଣ୍ଡିତମାନେ ସ୍ନାନ କରୁଥିଲେ ସେମାନଙ୍କ ପୁଷ୍କରିଣୀ ବା କୂଅରେ ଗୋପନରେ ଗୋରୁହାଡ଼ ଫିଙ୍ଗିଦେଉଥିଲେ, ଯେତେବେଳେ ଜଣାପଡ଼ିଲା ଗୋରୁହାଡ଼ ପଡ଼ିଛି, ସମଗ୍ର ଅଞ୍ଚଳର ହଜାର ହଜାର ହିନ୍ଦୁ ଜାତିଚ୍ୟୁତ ହୋଇ ମୁସଲମାନ ହେଉଥିଲେ, ସେମାନଙ୍କ ଭିତରେ ବ୍ରାହ୍ମଣ ବି ଥିଲେ। ନିଜ କୁରାଢ଼ିରେ ନିଜ ଗୋଡ଼ରେ ଚୋଟ ଦେବାର ଫଳ ଏମିତି ଅନେକ ଘଟଣା ଆତ୍ମ ଅପରାଧ ପାଇଁ ମୁସଲମାନ ହୋଇଥିଲେ।

ଆଉ ଏକ ଦୃଷ୍ଟାନ୍ତ- ଦିଲ୍ଲୀ ଫୁଟପାଥରେ ସ୍ୱାଧୀନତା ପୂର୍ବରୁ ଏଯାବତ୍ ପୁତ୍ରପୌତ୍ରାଦି କ୍ରମେ ଗଡୁଥିବା କାଶ୍ମୀର ପଣ୍ଡିତମାନେ ସେମାନଙ୍କ ପୂର୍ବଜଙ୍କ ସଂକୀର୍ଣ୍ଣତା, ଜାତ୍ୟାଭିମାନ ଏବଂ ଅପରିମାଣଦର୍ଶିତା ପାଇଁ ହିଁ ଏ ଦଣ୍ଡ ଭୋଗୁଛନ୍ତି। ଯେତେବେଳେ କାଶ୍ମୀର ହିନ୍ଦୁ ରାଜା ହରି ସିଂହଙ୍କ ପୂର୍ବଜ ରାଜା ରଣବୀର ସିଂହଙ୍କ ପାଖରେ ହଜାର ହଜାର ଧର୍ମାନ୍ତରିତ ମୁସଲମାନ ସେମାନଙ୍କ ପୂର୍ବଧର୍ମ ଅର୍ଥାତ୍ ହିନ୍ଦୁ ଧର୍ମକୁ ଫେରିବା ପାଇଁ ନିବେଦନ କଲେ ସେତେବେଳେ କାଶ୍ମୀରର ପଣ୍ଡିତମାନେ ଚିତ୍କାର କରି ଉଠିଲେ, 'ଯେଉଁମାନେ ଥରେ ଧର୍ମତ୍ୟାଗ କରିଛନ୍ତି ଯେକୌଣସି କାରଣ ପାଇଁ ହେଉ ସେମାନେ ହିନ୍ଦୁ ହେବେ? ନୈବ ନୈବଚ!

ରାଜା ମୂର୍ଦ୍ଧନ୍ୟ ପଣ୍ଡିତମାନଙ୍କୁ ବହୁତ ବୁଝାଇଲେ, 'ଏମାନେ ଆକ୍ରମଣକାରୀଙ୍କ ଦ୍ୱାରା ଉତ୍ପୀଡ଼ିତ ହୋଇ, ହାଣଖାଇ, ଧର୍ଷିତ ହୋଇ ଇଚ୍ଛାବିରୁଦ୍ଧରେ ମୁସଲମାନ ହୋଇଥିଲେ, ତାଛଡ଼ା କୌଣସି ହିନ୍ଦୁ ଶାସ୍ତ୍ରରେ ନାହିଁ କେହି ଅନ୍ୟ ଧର୍ମରୁ ହିନ୍ଦୁ ହୋଇ ପାରିବନାହିଁ। କିନ୍ତୁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଲା କାଶ୍ମୀର ହେଲା ଭାରତର ପ୍ରବେଶଦ୍ୱାର, ବହିଃଶତ୍ରୁ ଏଇ ରାଜ୍ୟ ଦେଇ ସମଗ୍ର ଭାରତକୁ ଗ୍ରାସ କରିବେ, ତେଣୁ ଏ ରାଜ୍ୟ ହିନ୍ଦୁ ବହୁଳ ହୋଇ ରହିବା ରାଷ୍ଟ୍ରୀୟ ହିତ ପାଇଁ ଏକାନ୍ତ ଆବଶ୍ୟକ। ଆପଣମାନେ ଆମ ପୂର୍ବଜମାନଙ୍କୁ ସାଦରେ ଗ୍ରହଣ କରନ୍ତୁ।

ମାତ୍ର ମହାରାଜାଙ୍କ ସମସ୍ତ ନିବେଦନ ବ୍ୟର୍ଥହେଲା, ମୂଢ଼ ପଣ୍ଡିତମାନେ ଜିଦ୍‌ରେ ଅଟଳ ରହିଲେ। କିନ୍ତୁ ମହାରାଜା ରାଷ୍ଟ୍ରହିତ ପାଇଁ ସେମାନଙ୍କୁ ହିନ୍ଦୁଧର୍ମକୁ ପରିବର୍ତ୍ତନ ପାଇଁ ପ୍ରସ୍ତୁତ ହେଲେ। ଏଥିରେ ପଣ୍ଡିତମାନେ ପ୍ରଚଣ୍ଡ କ୍ରୋଧିତ ହୋଇ ସମବେତ ଭାବେ ଶତଦ୍ରୁ ନଦୀରେ ଗଳାଯାଏଁ ବୁଡ଼ି ରାଜାଙ୍କୁ ଅଭିଶାପ ଦେଲେ- ହେ ରାଜା ଆମେ ସମସ୍ତେ ଆତ୍ମହତ୍ୟା କରିବୁଁ, ବ୍ରହ୍ମହତ୍ୟାର ମହାପାପ ଆପଣଙ୍କ ଉପରେ ପଡ଼ିବ।'

ମହାରାଜା ବାଧହୋଇ ପରିବର୍ତ୍ତନ ବନ୍ଦ କଲେ, ଫଳରେ ସେହି ଧର୍ମାନ୍ତରିତ ମୁସଲମାନମାନେ କଳାପାହାଡ଼ ଭଳି ପ୍ରତିଶୋଧ ଅଗ୍ନିରେ ଜଳି ଉଠିଲେ ଏବଂ ହଣାକଟା ଆରମ୍ଭ ହେଲା। ରାଜାଙ୍କ ଅଣାୟତ୍ତ ହେଲା, ପୂର୍ବପୁରୁଷର ଡ଼ିପା ଘର ସମସ୍ତ ସ୍ଥାବର ଅସ୍ଥାବର ସମ୍ପତ୍ତି ତ୍ୟାଗକରି ପଣ୍ଡିତମାନେ ଦିଲ୍ଲୀ ଫୁଟପାଥରେ ପଡ଼ିଲେ - ଗଡୁଥିବ ଅନନ୍ତକାଳ।

ଏହାହିଁ ହେଲା ଭ୍ରାନ୍ତ ଜାତ୍ୟାଭିମାନ, ଅନ୍ୟକୁ ଜନ୍ମପାଇଁ ଘୃଣା କରିବାର ପରିଣତି- ଦୁର୍ଭାଗ୍ୟ ଏ ବଦ୍‌ରକ୍ତ ବର୍ତ୍ତମାନ ମଧ ନିଶେଷ ହୋଇନାହିଁ କେତେକ ଅହଂମନ୍ୟ ପଣ୍ଡିତଙ୍କ ମଗଜରୁ, ପ୍ରତ୍ୟେକ ଦିନ ପ୍ରତି ମୁହୂର୍ତ୍ତରେ ଉପଗ୍ରନ୍ଥୀଙ୍କ ଦ୍ୱାରା ସାଧାରଣ ଜନତା ତଥା ସୀମାନ୍ତ ରକ୍ଷୀ ଯବାନମାନେ ସହିଦ ହେଉଛନ୍ତି- ଜାତିବାଦ, ଘୃଣାଭାବର ଏ ଫଳିତ ବାସ୍ତବ ଦେଖି ମଧ ଆମ ମୂର୍ଦ୍ଧନ୍ୟ ତଥକଥିତ ବ୍ରାହ୍ମଣ ମହାପଣ୍ଡିତଙ୍କ କାଣ୍ଡଜ୍ଞାନ ଆସିନାହିଁ। ଏଇମାନଙ୍କ ପାଇଁ ଗାନ୍ଧି ଗୋପବନ୍ଧୁ ଦୟାନନ୍ଦ, ବିବେକାନନ୍ଦ ଏମିତି ଅସଂଖ୍ୟ ଯୋଗଜନ୍ମାଙ୍କ ସଂସ୍କାର ସାଧନା ସଫଳ ହୋଇପାରିନାହିଁ। ଏହା ଏ ମହାଜାତିର ଏବେବି ସେଇ ଦୂର ଦୃଷ୍ଟିହୀନ ମୂଢ଼ କାଶ୍ମୀରୀ ପଣ୍ଡିତହିଁ ତଥକଥିତ ଜନ୍ମଜାତି ସର୍ବସ୍ୱ ମୂର୍ଖ ପଣ୍ଡିତ ନିର୍ବିଶେଷରେ ଅଧିକାଂଶ ବ୍ରାହ୍ମଣଙ୍କ ଆଦର୍ଶ, ଗାନ୍ଧି ଗୋପବନ୍ଧୁ ନୁହନ୍ତି।

ଭ୍ରାନ୍ତ ଜ୍ୟାତିଭିମାନର ଅନ୍ୟ ଏକ ଦୃଷ୍ଟାନ୍ତ 'ଦାଶ' ପଦବୀ, 'ଦାସ' ପଦବୀ ଅନ୍ୟ ଜାତିର ରହିଛି। ତେଣୁ ପଦବୀରୁ ନିଜର ଶ୍ରେଷ୍ଠତ୍ୱ ଦେଖାଇବା ପାଇଁ ଜାତ୍ୟାମିମାନୀ ଦାସ ପଦବୀ ଧାରୀ 'ସ' ପରିବର୍ତ୍ତେ 'ଶ' ପରମ୍ପରା ସୃଷ୍ଟି କଲେ। ପ୍ରକୃତରେ ଈଶ୍ୱରଙ୍କ ପୂଜକ ବା ସେବକ ହୋଇଥିବାରୁ 'ଦାସ' ହିଁ ହେବା କଥା, ମାତ୍ର ବୃଥା ପୌଢ଼ୀ ପ୍ରଦର୍ଶନ ପାଇଁ 'ସ' ସ୍ଥାନରେ 'ଶ' ଲେଖିଲେ ଯାର ଅର୍ଥ କୈବର୍ତ୍ତ। ଏ ଆତ୍ମଜ୍ଞାନ ବି ହରାଇଲେ।

(କ୍ରମଶଃ)


+ସାଧନାଳୟ, ବିକାଶନଗର,
ବାଲେଶ୍ୱର, ମୋ: ୯୪୩୭୭୫୪୭୯୬


● ଆଜିର ଗଳ୍ପ ●

# ଏତଲା


ଭାସ୍କର ଚନ୍ଦ୍ର ବିଶ୍ୱାଳ
ଖରିଦ୍ ମୁଖୁରା, ଗୋବିନ୍ଦପୁର, ରେମୁଣା, ବାଲେଶ୍ୱର-୭୫୬୦୧୯
ଫୋ: ୦୬୭୮୨-୨୭୫୭୦୭
ମୋ: ୮୧୭୮୨୫୬୪୦୦




ଏତଲା- ଏହାର ଉତ୍ପତ୍ତି ଯେଉଁଠୁ ହୋଇଥାଉ ନା କାହିଁକି, ଏହାର ଆକ୍ଷରିକ ଅର୍ଥ ଭାଷାକୋଷରେ ଯେପରି ଲେଖାଥାଉ ନା କାହିଁକି, କିନ୍ତୁ ଏହାର ବହୁଳ ବ୍ୟବହାର ହେତୁ କି ସହର କି ମଫସଲ ସମସ୍ତେ ଏହାର ଆକ୍ଷରିକ ଅର୍ଥ ବୁଝିଗଲେଣି । କାରଣ ଆଜିର ସମାଜରେ ନିହାତି ଛୋଟ ଛୋଟ କଥାରେ ଏଇ ଶବ୍ଦଟିର ବ୍ୟବହାର କରିବାକୁ ପଡୁଛି । କିଏ କାହାର ବାଡ ହଣି ପକାଇଲେ, ବାଡିରୁ କଦଳୀ କାନ୍ଧିଟେ ଚୋରି କରିନେଲେ, ଜଣକର ଛେଳି ଅନ୍ୟ ବାଡିରେ ପଶି ବାଇଗଣ ଗଛଟେ ଖାଇଗଲେ, ପିଲାଙ୍କ କଳିରେ ଘରଣୀମାନେ ଭାଗ ନେଇ ଝଗଡ଼ା କଲେ, କାହା ଅନ୍ଧିଲିରେ ପଡିଥିବା ମାଛକୁ ଅନ୍ୟ କିଏ ନେଇଗଲେ ଜଣେ ଅନ୍ୟ ଜଣକ ନାମରେ ଏତଲା ଦେବାକୁ ପଡୁଛି । କେତେବେଳେ ଅନ୍ୟ ଉପରେ ପ୍ରତିଶୋଧ ନେବା ପାଇଁ ତ କେତେବେଳେ ଆତ୍ମସମ୍ମାନ ରକ୍ଷା ପାଇଁ ତ କେତେବେଳେ ସାଙ୍ଗସାଥୀ ବା ଗୃହୀଣିଙ୍କ ବୁଦ୍ଧିରେ ପଡି ଏପରି ଏତଲା ଦେବାକୁ ପଡିଥାଏ । କେଉଁ ପ୍ରକାର କ୍ଷତି ପାଇଁ ଏତୋଲା ଦିଆହେଉଛି ବା ଏହାର ପରିମାଣ କଣ ହେବ- ଏତାଲା ଦେବା ଲୋକ ପ୍ରଥମେ ଏ କଥା ବୁଝିବାକୁ ଚେଷ୍ଟା କରି ନଥାଏ ।

ଏପରି ଏକ ଘଟଣା ଘଟିଛି ଗୋପାଳବାବୁଙ୍କ ଜୀବନରେ । ଗୋପାଳବାବୁ ଜଣେ ସାଧାସିଧା ଲୋକ । କିରାଣୀ ଚାକିରୀ କରନ୍ତି । ସକାଳେ ଯାଇ ରାତିରେ ଫେରନ୍ତି । ଘରଠାରୁ ଅଫିସ୍ ପ୍ରାୟ ୧୨ କି.ମି ଦୂର । ପ୍ରତିଦିନ ଯିବାଆସିବା କରିବା ତାଙ୍କ ଅଭ୍ୟାସରେ ପରିଣତ ହୋଇଗଲାଣି । କେବଳ ତାଙ୍କର ଗୋଟିଏ ଖରାପ ଗୁଣ- ସେ ହଠାତ୍ ରାଗି ଯାଆନ୍ତି । ଅବଶ୍ୟ ରାଗଟା ବେଶୀ ସମୟ ରହେ ନାହିଁ ।

ଆଜି ଗୋପାଳବାବୁଙ୍କ ଫେରିବାଟା ଡେରି ହେଲାଣି । ଅଫିସ୍‌ରେ କଣ ଗୋଟିଏ ଜରୁରୀ କାମ ଥିଲା ଯେ- ସରିବାକୁ ଡେରି ହେଲା । ସେଇଥିରେ ପୁଣି ବଡ଼ବାବୁଙ୍କ ରାଗ । କାମଟା ଠିକ୍ ସମୟରେ ସରି ନଥିବାରୁ ସେ କୁଆଡ଼େ ଅଫିସରଙ୍କଠାରୁ ଗାଳି ଶୁଣିବା ପରେ ସେଇ ରାଗଟା ଗୋପାଳବାବୁଙ୍କ ଉପରେ ଶୁଝାଇ ଦେଲେ । ତୁମେ ଗୋଟାଏ ୟୁସ୍‌ଲେସ୍ । ତୁମ ଦ୍ୱାରା କିଛି କାମ ହୋଇପାରିବ ନାହିଁ । ଦିନଯାକ ଏଇ ଛୋଟିଆ କାମଟା କରିପାରିଲ ନାହିଁ ଇତ୍ୟାଦି ଇତ୍ୟାଦି ଯାହା ମନକୁ ଆସିଲା ବକି ହେଇ ଗଲେ । ସବୁ ଗାଳିକୁ ହଜମ କରି ମନ କଷ୍ଟରେ ଘରେ ପହଞ୍ଚିଲା ବେଳକୁ ଦାଣ୍ଡରୁ ଗୃହିଣୀ ସୁନନ୍ଦା ଦେବୀଙ୍କର ପଞ୍ଚମ ତାନର ସ୍ୱର ଶୁଣାଗଲା । ମୋତେ କଣର ବୋଲି ଭାବିଛନ୍ତି କି? ତମେ ଜାତିରେ ହରିଜନ ହେଲ ବୋଲି କଣ ସମସ୍ତଙ୍କର ମୁଣ୍ଡ କିଣି ନେଇଛ? ତମ ଯୋଗୁଁ କଣ କେହି ଗାଁରେ ରହିବେ ନାହିଁ । ଏ ସରକାର ତ ସେମିତି । ଭୋଟ୍ ଖଣ୍ଡେ ପାଇବେ ବୋଲି ତୁମକୁ ମୁଣ୍ଡରେ ମୁଣ୍ଡେଇଛନ୍ତି । ତମେ ସବୁ ଯାହା କଲେ ବି ତିନି ଖୁଣ ମାଫ୍ । କିନ୍ତୁ ମୁଁ ତୁମକୁ ଛାଡ଼ିବି ନାହିଁ । ସମସ୍ତଙ୍କୁ ନେଇ ଥାନାରେ ଚକି ପେଶେଇବି ।

ଏଇ ସମୟରେ ଘର ଭିତରକୁ ପଶି ଆସିଲେ ଗୋପାଳ ବାବୁ! କଣ ହେଇଚି! ଏତେ ବଡ଼ ପାଟି କରି ଦାଣ୍ଡ ଘାଟ କମ୍ପଉଛ କାହିଁକି? ହଁ-ମୋହରି ପାଟି ତୁମକୁ ଶୁଭୁଛି । ଆଉ ଲୋକ ଯାହା କହୁଛନ୍ତି, ଯାହା କରୁଛନ୍ତି ସେ ସବୁ କଣର ତୁମ କାନକୁ ଶୁଭୁଛି ନା ଆଖିକୁ ଦେଖାଯାଉଛି । ଆରେ କଣ ହେଇଛି କହିଲେ ସିନା ଜାଣିବି । ମୁଁ ତ ଦିନ ଯାକ ଘରେ ନଥିଲି। ଜାଣିବି କେମିତି? ଏଇ ପଡ଼ିଶା କଣ୍ଡରା ଘର । ସେମାନେ ହରିଜନ ହେଲେ ବୋଲି ଆମକୁ ରଖେଇ ଦେବେନି । କହୁଛନ୍ତି କଣ ନା ସରକାର ତାଙ୍କର କିଛି କରିପାରିବେ ନାହିଁ ।

-କଣ କରିଛନ୍ତି କହୁନ । ଖାଲି ପାଟି କଲେ କଣଟା ବୁଝିବି ।

-ତମେ ଯେଉଁ ମାଇ କୁକୁଡ଼ାଟା ପାଳିଥିଲ, ସେଇଟାକୁ ଏଇ ମଳିକ ଘର ମାରି ଦେଇ ଆମ ବାଡିକୁ ଫିଙ୍ଗି ଦେଲେ ।

-କୁକୁଡ଼ାଟାକୁ ମାରି ଦେଲେ? କାହିଁକି?

-ସେ କୁଆଡ଼େ ତାଙ୍କ ବାଡ଼ିରେ ପଶି ବାଇଗଣ ଗଛ ଖାଇଗଲା । କେତେ ଆଦରରେ କୁକୁଡ଼ାଟିକୁ ପାଳିଥିଲି । ତାକୁ ପିଟି ପିଟି ଯଉ କଦର୍ଯ୍ୟ ଭାବରେ ମାରିଲେ ।

ନା- ତମେ ହେଇଥିଲେ ମୋତେ ସହି ପାରିନଥାନ୍ତ । ସେ ଯେତେବେଳେ ଆମ ବାଡ଼ିକୁ ଫିଙ୍ଗିଦେଲେ ମୁଁ କଣ ଛାଡ଼ିବା ଲୋକ । ସାଙ୍ଗେ ସାଙ୍ଗେ ତାଙ୍କ ବାଡ଼ିକୁ ଫିଙ୍ଗିଦେଲି ।

-ଭଲ କଲ । ସେମାନେ ତ ଆରାମରେ ମାଂସଭାତ କରି ଖାଇଥିବେ । କୁକୁଡ଼ା ପରଗୁଡ଼ାକ ଆମର ବାଡ଼ କଡ଼ରେ ତ ପକାଇଛନ୍ତି ।

-ଖାଇଥିବେ । ତା ବୋଲି ସେମାନେ ମାରିଥିବା କୁକୁଡ଼ାକୁ ମୁଁ କଣ ଖାଇଥାନ୍ତି ।

-ହଉ ଆଉ ପାଟି ନ କରି ଯାଅ, ଶୋଇପଡ଼।

-କଣ କହିଲ? ଶୋଇ ପଡ଼ିବି । ତୁମେ ପୁରୁଷଟି! ତୁମ ଦେହରେ କଣ ରକ୍ତମାଂସ ନାହିଁ। ଏତେ ବଡ଼ କାଣ୍ଡଟା ସେମାନେ କରିଦେଲେ । ଚୋରି, ହତ୍ୟା, କଳି, ପୁଣି ମୋତେ ମାରିବାକୁ ଦୌଡ଼ି ଆସୁଛନ୍ତି । ଏଥିରେ ତୁମେ ମୋତେ ଶୋଇବାକୁ କହୁଛ ।

-ତାହେଲେ ତୁମେ କଣ କରିବାକୁ ଭାବୁଛ?

-ତୁମେ ଏଇକ୍ଷଣି ଥାନାକୁ ଯାଅ । ସେମାନଙ୍କ ନାଁରେ ବିଭିନ୍ନ ଦଫା ଲଗାଇ ପୋଲିସ୍‌ରେ ଏମିତି ଏତାଲା ଦିଅ ଯେ ପୋଲିସ୍ ସେମାନଙ୍କୁ ବାନ୍ଧି ନେଇ ଥାନାରେ ଆଣ୍ଠେଇ ଦେଇ ମନ ଇଚ୍ଛା ଛେଚିବ, ସେଇ ବ୍ୟବସ୍ଥା କର। ତା ହେଲେ ଯାଇ ମୋ ମନ ଶାନ୍ତ ହେବ।

-ଆଜି ରାତି ୮ଟା ବାଜିଲାଣି । ଏତେବେଳେ ଥାନାକୁ ଯିବା ଠିକ୍ ନୁହେଁ । ରାତି ପାହୁ ପାହୁ ଯାହା ବ୍ୟବସ୍ଥା କରିବା ।

ରାତିରେ ମାଂସ ରନ୍ଧାର ମହକ ଆଉ ମାଂସ ଭାତ ଖାଇବା ବେଳେ ପଡ଼ିଶା ଘରର ହସଖୁସି ଶୁଣି ଗୋପାଳବାବୁଙ୍କ ସ୍ତ୍ରୀ ଦେହରୁ ଛୁଞ୍ଚି ଫୋଡ଼ିଗଲା ଭଳି ଲାଗୁଥାଏ । ସକାଳ ହେବା ମାତ୍ରେ ସେ ଆଉ ସ୍ୱାମୀଙ୍କୁ ଘରେ ରଖେଇ ଦେଲେନି । ନିତ୍ୟକର୍ମ ସାରି ଲମ୍ୱା ଦରଖାସ୍ତଟିଏ ଲେଖି ଦିନ ୮ଟା ସୁଦ୍ଧା ଗୋପାଳବାବୁ ଥାନାରେ ହାଜର । ଶୀଘ୍ର କାମ ସାରି ଫେରିଲେ ଗାଧୋଇ ଖାଇ ଅଫିସ୍ ଯିବେ ।

ଥାନାରେ ପହଞ୍ଚି ଦେଖିଲେ କେହି ନାହାନ୍ତି। ରାତିରେ ଜଗିଥିବା କନେଷ୍ଟବଳଟି ପିଣ୍ଡା ବେଞ୍ଚରେ ବସି ଢୁଳାଉଛି । ଘଣ୍ଟାଏ ଖଣ୍ଡେ ଅପେକ୍ଷା କରିବା ପରେ ବାଧ ହୋଇ ସୁଖ ନିଦ୍ରା ଯାଇଥିବା କନେଷ୍ଟବଳକୁ ଡାକିଲେ । ଆଜ୍ଞା ଟିକିଏ ଶୁଣିବେ । ଦୁଇଚାରିଥର ଏମିତି ଡାକିବା ପରେ ମହାଦେବଙ୍କ ଧାନ ଭଙ୍ଗ ହେବା ଭଳି ଲୋକଟି ଆଖି ମଳି ମଳି ବିରକ୍ତିଆ ସ୍ୱରରେ କହିଲା- କଣ କହୁଛ?

- ଆଜ୍ଞା! ବଡବାବୁ ଅଛନ୍ତି?

-କଣ ଦେଖାଯାଉନି? ଅଫିସ୍‌ରେ କେହି ନାହାନ୍ତି ।

-ବଡ଼ବାବୁ କେତେବେଳେ ଆସିବେ?

-ସେ କଥା ମୁଁ କେମିତି ଜାଣିବି? ତା'ଛଡ଼ା ଅଫିସ୍ ବେଳ କଣ ହେଲାଣି । କାଲି ରାତି ଡିଉଟିରେ ଯାଇଥିଲେ । ଉଠିବାକୁ ଡେରି ହୋଇଥିବ । ତା'ପରେ ସେ ହେଲେ ଧର୍ମପ୍ରାଣ ଲୋକ । ଆଗରେ ଯେଉଁ ମନ୍ଦିର ଦେଖୁଛ- ସେଠାରେ ଶିବପୂଜା, ଘରେ ଠାକୁରପୂଜା, ନବଗ୍ରହ ପୂଜା- ଏସବୁ ସାରିଲେ ତ ଆସିବେ। ଏତକ କହି ପୁଣି ଲୋକଟା ଧାନମଗ୍ନ ହୋଇଗଲା। କଣ କରିବେ ଚିନ୍ତା କରି ନ ପାରି ଆଖି ବୁଜିଥିବା ବାବୁଙ୍କୁ କହିଲେ- ଆଜ୍ଞା! ଏଇ ଦଶ ଟଙ୍କା ନିଅନ୍ତୁ । ମୋ କଥା ଟିକେ ଥାନା ବାବୁଙ୍କୁ କହିବେ। ଲୋକଟି ମୁହଁ ଛିଞ୍ଚାଡ଼ି କହିଲା- ଚାହା କପ୍ ପରା ୫ ଟଙ୍କା ହେଲାଣି। ୧୦ ଟଙ୍କା କଣ କରିବି । ବାଧ ହୋଇ ଆଉ ଦଶଟଙ୍କା ବଢ଼େଇଲେ । ଏପାଖ ସେପାଖ ଚାହୁଁ ଚାହୁଁ ଜଣେ ଗୈରିକ ବସ୍ତ୍ରଧାରୀ ବ୍ୟକ୍ତି ସାମନାରେ ମହାଦେବ ମନ୍ଦିରର କବାଟ ଖୋଲି ଭିତରକୁ ପଶିବାର ଦେଖିଲେ । ଗୋପାଳବାବୁଙ୍କ ମନରେ ଆଶା ସଞ୍ଚାର ହେଲା । ଏଇ ନିଶ୍ଚୟ ଥାନାବାବୁ ହୋଇଥିବେ। ଧର୍ମପ୍ରାଣ ବ୍ୟକ୍ତି ତ! ଶିବପୂଜା ଓ ଠାକୁର ପୂଜା ସାରି ନିଶ୍ଚୟ ଅଫିସ୍ ଆସିବେ । ହୁଏତ ଅଧଘଣ୍ଟାଏ ଡେରି ହୋଇପାରେ । ତେଣୁ କାମଟା ସାରିଦେଇ ଯିବେ ଭାବି ଥାନା ପିଣ୍ଡାରେ ବସିଲେ ।

ଗୋପାଳବାବୁ ବସି ବସି ଭାବୁଥାନ୍ତି- ଆଜିକାଲି ପ୍ରତ୍ୟେକ ଥାନରେ ଏମିତି ଗୋଟେ ଗୋଟେ ଶିବମନ୍ଦିର ନିର୍ମାଣ ହେଲାଣି । ସବୁ ଥାନା ବାବୁ ମାନେ ପ୍ରତିଦିନ ପୂଜା କରୁଛନ୍ତି, ଗେରୁଆ ବସ୍ତ୍ର ପିନ୍ଧୁଛନ୍ତି । ତାହାଲେ ସମସ୍ତେ କଣ ଧର୍ମପରାୟଣ- ଈଶ୍ୱର ଭକ୍ତ । ଏମାନେ ତ ସମାଜର ରକ୍ଷକ- ସର୍ବସାଧାରଣଙ୍କର ବନ୍ଧୁ, ହିତାକାଂକ୍ଷୀ ।

ତାହେଲେ ଏମାନେ କଣ ସମାଜର ଅନ୍ୟାୟ, ଅଧର୍ମ, ବ୍ୟଭିଚାର, ଭ୍ରଷ୍ଟାଚାର, ଅତ୍ୟାଚାର, ଅନୀତି, ଦୁର୍ନୀତି ଠାରୁ ଦୂରରେ। ନିଜର ଅନ୍ତରାତ୍ମାକୁ ଶୁଦ୍ଧ କରି ସମାଜ ସେବା କରିବା ପାଇଁ ଏହା ତାଙ୍କର ଅସଲି ରୂପ ନା ଛଦ୍ମବେଶ । ଏ ପ୍ରକାର ଦୈନନ୍ଦିନ କାମ ତ୍ୟାଗ ପାଇଁ ନା ଭୋଗ ପାଇଁ?

**(କ୍ରମଶଃ)**

# ଅମାନିଆ ସାବଧାନ, ଜଗିଛି ସିସିଟିଭି



ଭୁବନେଶ୍ୱର,୧୧/୪ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ କୋଭିଡ୍ ଅମାନିଆଙ୍କୁ ସାବାଡ଼୍ କରିବା ପାଇଁ ଗଠନ ଗଲା ସ୍ୱତନ୍ତ୍ର ଟିମ୍। ସିସିଟିଭି ଆଧାରରେ ଅମାନିଆଙ୍କଠାରୁ ଫାଇନ୍ କାଟିବ ପୁଲିସ। ନିୟମ ଉଲ୍ଲଙ୍ଘନ ହେଉଥିଲେ ସିସିଟିଭି ଆଧାରରେ ପୁଲିସ ସେଠାରେ ପହଞ୍ଚିବ ଓ ନୂଆ ନିୟମ ଅନୁସାରେ ଫାଇନ କାଟିବ। ଏନେଇ ସୂଚନା ଦେଇଛନ୍ତି ଭୁବନେଶ୍ୱର ଡିସିପି ଉମାଶଙ୍କର ଦାସ।

ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଞ୍ଚଳରେ ମହାମାରୀ କରୋନା ବ୍ୟାପି ଚାଲିଛି। ଅମାନିଆଙ୍କୁ ସାବାଡ଼ କରିବା ପାଇଁ ରାଜ୍ୟ ସରକାର ଓ କମିଶନରେଟ୍ ପୁଲିସ ବହୁ କଟକଣା ଲଗାଇଛି। ହେଲେ ଅମାନିଆମାନେ ସାବାଡ଼ ହେଉନାହାନ୍ତି। ବିନା ମାସ୍କରେ ବୁଲା ବୁଲି କରୁଛନ୍ତି। ଯାହାଫଳରେ ରାଜଧାନୀରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଗତ ୪ ଦିନ ଧରି ରାଜଧାନୀରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୦୦ ଅତିକ୍ରମ କରିଛି। ଯାହାକୁ ନେଇ ବିଏମ୍‌ସି ପ୍ରଶାସନ ଚିନ୍ତାରେ ପଡ଼ି ଯାଇଛି।

ସେପଟେ କରୋନା ସଂକ୍ରମଣରେ ବ୍ରେକ୍ ଲଗାଇବା ପାଇଁ ୧୪ ଦିନିଆ ମାସ୍କ ଅଭିଯାନ ଆରମ୍ଭ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆହ୍ୱାନ ଦେଇଥିଲେ। କରୋନାକୁ ହରାଇବାକୁ ହେଲେ ସମସ୍ତେ ମାସ୍କ ପିନ୍ଧିବା ପାଇଁ ସଂକଳ୍ପ ନେବା ଦରକାର ଏବଂ ମାସ୍କକୁ ସଠିକ୍ ଭାବେ ପିନ୍ଧିବା ଦରକାର ବୋଲି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ମାସ୍କକୁ ବେକରେ ନ ଝୁଲାଇ ନାକକୁ ଘୋଡ଼ାଇ ପିନ୍ଧିବା ପାଇଁ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ପରେ ରାଜ୍ୟ ସରକାର ଜାରି କରିଥିଲେ ନୂଆ ନିର୍ଦ୍ଦେଶନାମା। ନୂଆ ନିୟମ ଅନୁସାରେ ମାସ୍କ ନପିନ୍ଧିଲେ ଦେବାକୁ ପଡ଼ିବ ଦୁଇଗଣା ଜରିମାନା। ଅର୍ଥାତ ଯେଉଁ ଅମାନିଆ ବିନା ମାସ୍କରେ ବୁଲୁଛନ୍ତି, ସେମାନଙ୍କୁ ମୋଟା ଅଙ୍କର ଫାଇନ୍ ଦେବାକୁ ପଡ଼ିବ। ଜଣେ ବ୍ୟକ୍ତି ପ୍ରଥମ ଓ ଦ୍ୱିତୀୟଥର ବିନା ମାସ୍କରେ ଧରା ପଡ଼ିଲେ ୨୦୦୦ ଟଙ୍କା ଜରିମାନା ଦେବାକୁ ପଡ଼ିବ। ତେବେ ପରବର୍ତ୍ତୀ ଥର ଧରାପଡ଼ିଲେ ୫୦୦୦ ଟଙ୍କା ଜରିମାନା ଦେବାକୁ ପଡ଼ିବ। ପୂର୍ବରୁ ପ୍ରଥମ ଓ ଦ୍ୱିତୀୟଥର ପାଇଁ ଜରିମାନା ୧୦୦୦ ଟଙ୍କା ଥିଲା। ଯାହାକୁ ଏବେ ଡବଲ କରିଦିଆଯାଇଛି। ତେବେ ରାଜ୍ୟ ସରକାରଙ୍କ ଏହି ନୂଆ ଗାଇଡ୍‌ଲାଇନ୍ ଅମାନିଆଙ୍କୁ ସାବାଡ଼ କରିବା ପାଇଁ କେତେ ଫଳପ୍ରଦ ହେଉଛି, ତାହା ସମୟ କହିବ।

# ନୂଆ ପିପିଲି ଗଠନ ପାଇଁ ପିପିଲିବାସୀ ନୀରବ ବିପ୍ଳବରେ ନିଜକୁ ସାମିଲ କରିସାରିଲେଣି : ସମୀର ମହାନ୍ତି

ଭୁବନେଶ୍ୱର,୧୧/୪ (ନି.ପ୍ର): ରାଜ୍ୟ ରାଜଧାନୀ ଠାରୁ ମାତ୍ର ୨୫ କିମି ଦୂରରେ ଥିବା ପିପିଲି ନିର୍ବାଚନମଣ୍ଡଳୀରେ ରାଜ୍ୟ ସରକାରଙ୍କ ଦୃଷ୍ଟି ପଡୁନାହିଁ । ପିପିଲି ଡେଲାଙ୍ଗବାସୀ ସେମାନଙ୍କ ମୌଳିକ ଅଧିକାରରୁ ବଂଚିତ ରହୁଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ବିକାଶରେ ଅନୁପ୍ରାଣିତ ହୋଇ ପିପିଲିବାସୀ ପରିବର୍ତ୍ତନ ମୁହାଁ ହୋଇଛନ୍ତି । ନୂଆ ପିପିଲି ଗଠନ ପାଇଁ ପିପିଲିବାସୀ ନୀରବ ବିପ୍ଳବରେ ନିଜକୁ ସାମିଲ କରିସାରିଲେଣି । ପିପିଲିବାସୀ ବିଜେପିକୁ ବିଜୟୀ କରାଇବେ ଏବଂ ଆଗାମୀ ୨୦୨୪ ନିର୍ବାଚନର ରୋଡମ୍ୟାପ ପିପିଲି ଡେଲାଙ୍ଗ ମାଟିରୁ ଆରମ୍ଭ ହେବ ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି ପିପିଲି ଉପନିର୍ବାଚନ ପ୍ରଚାର ସମୟରେ କହିଛନ୍ତି । ଶ୍ରୀ ମହାନ୍ତି କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ଯେଉଁ ମା’ ଭଉଣୀମାନଙ୍କୁ ସଶକ୍ତିକରଣ କରିବା ନେଇ ସ୍ୱଂୟ ସହାୟିକା ଗୋଷ୍ଠୀ ଗଠନ କରିଥିଲେ ସେହି ମାନଙ୍କୁ ନେଇ ଭୋଟ ବ୍ୟାଙ୍କ ରାଜନୀତି କରୁଛନ୍ତି । ଏହା ଅତ୍ୟନ୍ତ ଲଜ୍ଜାଜନକ । ନିଜ ଦଳ ପାଇଁ ସରକାରୀ ଅର୍ଥକୁ ବ୍ୟବହାର କରିବା ଅତ୍ୟନ୍ତ ନିନ୍ଦନୀୟ ଘଟଣା ।୨୦୧୫ ମସିହା ପରଠାରୁ ରାଜ୍ୟରେ ଯେଉଁଠି ନିର୍ବାଚନ ହେଉଛି ସେଠି ବିଜେପି ଓ ବିଜେଡି ଦ୍ୱିମୁଖୀ ଲଢେଇ ହେଉଛି । ଆଗାମୀ ଉପନିର୍ବାଚନରେ କଂଗ୍ରେସ ଦୌଡରେ ନାହିଁ । ପିପିଲିବାସୀ ପ୍ରଧାନମନ୍ତ୍ରୀଙ୍କ ସବକା ସାଥ, ସବକା ବିକାଶ ଏବଂ ସବକା ବିଶ୍ୱାସ ନୀତିକୁ ଆପଣାଇଛନ୍ତି । ପିପିଲିରେ ବିଜେପି ବିଜୟୀ ହେଲେ ସର୍ବପ୍ରଥମେ ପିପିଲି ଡେଲାଙ୍ଗବାସୀଙ୍କ ମୌଳିକ ଆବଶ୍ୟକତାକୁ ଗୁରୁତ୍ୱ ଦେଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କା ଘର, ଶୁଦ୍ଧ ପାନୀୟ ଜଳ, ଉନ୍ନତ ସ୍ୱାସ୍ଥ୍ୟସେବା, ଶିକ୍ଷା, ପ୍ରତି ଗାଁରେ ପକ୍କା ସଡକ, ବିଦ୍ୟୁତ ଯୋଗାଣ ଏବଂ ଚାଷୀ ଭାଇଙ୍କୁ ସମସ୍ତ କେନ୍ଦ୍ରୀୟ ଯୋଜନାରେ ସାମିଲ କରାଯିବ ବୋଲି ଶ୍ରୀ ମହାନ୍ତି ପ୍ରତିଶୃତି ଦେଇଛନ୍ତି । ଦଳୀୟ ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକଙ୍କ ପାଇଁ ଆଜି ରାଜ୍ୟ ସଭାପତି ସମୀର ମହାନ୍ତି ପିପିଲି ନିର୍ବାଚନମଣ୍ଡଳୀର ବିଭିନ୍ନ ପଂଚାୟତକୁ ଯାଇ ଘର ଘର ବୁଲି ପ୍ରଚାର କରିଛନ୍ତି । ଶ୍ରୀ ମହାନ୍ତି ବ୍ୟକ୍ତିଗତ ଭାବେ ପିପିଲିବାସୀଙ୍କୁ ଭେଟି ବିଜେପିକୁ ଆଶୀର୍ବାଦ କରିବା ପାଇଁ ଭୋଟର ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ କରିଛନ୍ତି । ଶ୍ରୀ ମହାନ୍ତି ପିପିଲି ନିର୍ବାଚନମଣ୍ଡଳୀ ଡେଲାଙ୍ଗ ବ୍ଲକର କଲ୍ୟାଣପୁର ପଂଚାୟତର ବେଲପଡା, ଶିଶୁଆପଡା, ରାଢୁଅ, ବାଲିଉଙ୍କା, ମୁନିଡା ପଂଚାୟତ ଏବଂ ମୁନିଡା ଗାଁ ସମେତ ବିଭିନ୍ନ ଗାଁ କୁ ଗାଁ ବୁଲି ପ୍ରଚାର କରିଛନ୍ତି ।

# ହାରିବା ଭୟରେ ବିଜେପିର ମିଛ ଅଭିଯୋଗ : ବିଜେଡି

ଭୁବନେଶ୍ୱର,୧୧/୪ (ନି.ପ୍ର): ପିପିଲି ଉପନିର୍ବାଚନରେ ହାରିବା ନିଶ୍ଚିତ ବୋଲି ଜାଣିବା ପରେ ବିଜେପି ଏବେ ବିଜେଡି ବିରୁଦ୍ଧରେ ହିଂସାକାଣ୍ଡ ଭଳି ମିଛ ଅଭିଯୋଗ ଲଗାଇବା ଆରମ୍ଭ କରିଛି । ବାସ୍ତବରେ ପିପିଲିରେ ବିଜେପି ହିଁ ବିଜେଡି ଉପରେ ଆକ୍ରମଣ କରିଛି ଏବଂ ଏ ସଂକ୍ରାନ୍ତରେ ବିଜେଡି ପକ୍ଷରୁ ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଛି ବୋଲି କହିଛନ୍ତି ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି । କିଛିଦିନ ତଳେ ପିପିଲିରେ ଦୁଇଜଣ ବିଜେପି ନେତାଙ୍କ ଠାରୁ ୫୦ଲକ୍ଷ ଟଙ୍କା ଜବତ ହୋଇଥିଲା । ପିପିଲି ନିର୍ବାଚନରେ ହାରିବା ଭୟରେ ବିଜେପି ବେଆଇନ ଅର୍ଥ ଜରିଆରେ ନିର୍ବାଚନକୁ ପ୍ରଭାବିତ ଲାଗି ଚେଷ୍ଟା କରୁଛି ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

# ଟ୍ରିବ୍ୟୁନାଲ ନାମରେ ପ୍ରହସନ ଚାଲିଛି: ଜଳପୁରୁଷ ରାଜେନ୍ଦ୍ର ସିଂ

ଭୁବନେଶ୍ୱର ,୧୧/୪ (ନି.ପ୍ର): ଟ୍ରିବ୍ୟୁନାଲ ନାମରେ ପ୍ରହସନ ଚାଲିଛି। ସରକାର କେବଳ ବିଚାରପତି, ଓକିଲଙ୍କୁ ଫିସ୍ ଦେଉଛନ୍ତି। ଜଷ୍ଟିସ ଗୌଡ଼ଙ୍କ ଅଧ୍ୟକ୍ଷତାରେ ମହାନଦୀ ସମସ୍ୟାର ଦ୍ୱିପାକ୍ଷିକ ଆଲୋଚନା ପାଇଁ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କୁ ୪ ଥର, ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କୁ ୩ ଥର ଅନୁରୋଧ କରାଯାଇ ସାରିଛି। ମାତ୍ର ଉଭୟ ମୁଖ୍ୟମନ୍ତ୍ରୀ ଏହାକୁ ଶୁଣିନାହାନ୍ତି। ଓଡ଼ିଶାର ମୃତ ନଦୀ ଶୀର୍ଷକ ଏକ ଭର୍ଚୁଆଲ ଆଲୋଚନାଚକ୍ରରେ ଏଭଳି ମତ ଦେଇଛନ୍ତି ‘ଜଳ ପୁରୁଷ’ ତଥା ମାଗାସେସ ପୁରସ୍କାର ବିଜେତା ରାଜେନ୍ଦ୍ର ସିଂ। ଶ୍ରୀ ସିଂ କହିଛନ୍ତି, ଆଉ ଏକ ଶୁଣାଣି ସ୍ଥଗିତ କରି ଟ୍ରିବ୍ୟୁନାଲ ପୁଣି ମହାନଦୀ ସମସ୍ୟା ସମାଧାନକୁ ବିଳମ୍ବିତ କରିଛି। ଏହା କାବେରୀ ଭଳି ଅବସ୍ଥାକୁ ଆସିବାରେ ଲାଗିଛି। ଅନ୍ୟଦିଗରେ ମହାନଦୀ ବର୍ତ୍ତମାନ କାରଖାନା ଜବରଦଖଲ, ପ୍ରଦୂଷଣ ସମସ୍ୟାର ସମ୍ମୁଖୀନ ହେଉଛି। ନଦୀରେ ଚାଷୀଙ୍କ ଅଧିକାର ନେଇ ବ୍ୟବସ୍ଥାର ଦୃଷ୍ଟିଭଙ୍ଗୀ ଗୁରୁତ୍ୱ ହ୍ରାସ ପାଉଛି। ଏହାକୁ ନେଇ ସ୍ୱର ଶାଣିତ ହୋଇ ପାରୁ ନାହିଁ। ସମୟ ଆସିଛି ଓଡ଼ିଶା, ଛତିଶଗଡ଼ ସିଭିଲ ସୋସାଇଟିର ଚାଷୀମାନେ ଏକାଠି ହେବା ଉଚିତ। ଏପରିକି ତଳମୁଣ୍ଡରେ ପାଣି ପହଞ୍ଚାଇବା ପାଇଁ କଲ୍‌ମା ବ୍ୟାରେଜ୍ ଗେଟ୍ ଖୋଲିବା ପାଇଁ ଛତିଶଗଡ଼ ଚାଷୀ ଆଗେଇ ଆସିବା ଉଚିତ। ମାତ୍ର ଜଳବାୟୁ ପରିବର୍ତ୍ତନ ଆନ୍ଦୋଳନ ସେତେ ସଶକ୍ତ ହୋଇ ପାରିନଥିବାରୁ ଏହା ହୋଇ ପାରୁନାହିଁ। ଆଲୋଚନାରେ ଭାଗ ନେଇ ଉଚ୍ଚତମ ନ୍ୟାୟାଳୟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ଗୋପାଳ ଗୌଡ଼ କହିଛନ୍ତି, ମହାନଦୀ ବିବାଦ ସମାଧାନ ପାଇଁ ଉଭୟ ଓଡ଼ିଶା, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଆଲୋଚନା କରିବା ଉଚିତ। ଉଚ୍ଚତମ ନ୍ୟାୟାଳୟ ମଧ୍ୟ ଏହା ଉପରେ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି। ମହାନଦୀ ଉପରେ ଶିଳ୍ପସଂସ୍ଥା ଶୋଷଣ ବନ୍ଦ ହେବା ଉଚିତ। ନ୍ୟାୟିକ ପ୍ରକ୍ରିୟା ସହିତ ଆନ୍ଦୋଳନ ଜରିଆରେ ମହାନଦୀ ସମସ୍ୟା ସମାଧାନ ପାଇଁ ସମସ୍ତ ପ୍ରକାର ଉଦ୍ୟମ ହେବା ଉଚିତ।

# ଏମ୍ସରେ ହେବ ୩ଟି ପରୀକ୍ଷଣ କେନ୍ଦ୍ର: ଭାଇରାଲ୍, ଫଙ୍ଗାଲ୍ ଇନ୍‌ଫେକସନ୍, କର୍କଟ ଚିହ୍ନଟ ହେବ ସହଜ




ଭୁବନେଶ୍ୱର ,୧୧/୪ (ନି.ପ୍ର): ଭାଇରାଲ୍ ଇନ୍‌ଫେକ୍‌ସନ୍, ଫଙ୍ଗାଲ୍ ଇନ୍‌ଫେକ୍‌ସନ୍ ଏବଂ ସାଧାରଣ କର୍କଟ ରୋଗର ଅଧ୍ୟୟନ ପାଇଁ ଏମ୍ସ ଭୁବନେଶ୍ୱରରେ ନୂତନ ପ୍ରକାର ୩ଟି ପରୀକ୍ଷଣକୁ ମିଳିଛି ଅନୁମୋଦନ। ଏଠାରେ ହେବ ଭାଇରାଲ୍ ରିସର୍ଚ୍ଚ ଡାଇଗ୍ନୋଷ୍ଟିକ ଲାବୋରୋଟାରି, ଆଡଭାନ୍ସ ମାଇକୋଲୋଜି(ଫିମ୍ପି ଅଧ୍ୟୟନ) ଡାଇଗ୍ନୋଷ୍ଟିକ ଆଣ୍ଡ ରିସର୍ଚ୍ଚ ସେଣ୍ଟର, ଡିଏଚ୍‌ଆର-ଆଇସିଏମ୍‌ଆର ଆଡଭାନ୍ସ ମଲିକ୍ୟୁଲାର ଅଙ୍କୋଲୋଜି ଡାଇଗ୍ନୋଷ୍ଟିକ ସର୍ଭିସ ସେଣ୍ଟର। ପ୍ରସ୍ତାବିତ ଭାଇରାଲ୍ ରିସର୍ଚ୍ଚ ଡାଇଗ୍ନୋଷ୍ଟିକ ଲାବୋରୋଟାରି ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ଗବେଷଣା ଏବଂ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ମାଇକ୍ରୋ ବାଇଲୋଜି ବିଭାଗକୁ ୧.୯୮ କୋଟି ଟଙ୍କା, ଇଣ୍ଡିଆନ କାଉନସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ ପକ୍ଷରୁ ମାଇକୋଲୋଜି ଡାଇଗ୍ନୋଷ୍ଟିକ ଆଣ୍ଡ ରିସର୍ଚ୍ଚ ସେଣ୍ଟର ପାଇଁ ୫ କୋଟି ଟଙ୍କା ଦିଆଯାଇଛି। ମଲିକ୍ୟୁଲାର ଅଙ୍କୋଲୋଜି ଡାଇଗ୍ନୋଷ୍ଟିକ ସର୍ଭିସ (ଡାଇମଣ୍ଡ)ରେ ସ୍ତନ କର୍କଟ, ଲଙ୍ଗ୍ସ କର୍କଟ ପରୀକ୍ଷଣ ହେବ। ଏହି କେନ୍ଦ୍ରଗୁଡ଼ିକ ଖୁବ ଶୀଘ୍ର କାର୍ଯ୍ୟ ହେବ ବୋଲି ଏମ୍ସ ପକ୍ଷରୁ କୁହାଯାଇଛି। ରାଜ୍ୟରେ ସ୍ଥିତ ବିଭିନ୍ନ ଡାକ୍ତରଖାନା ଏହାର ଲାଭ ମିଳିପାରିବ। ରୋଗୀଙ୍କୁ ଏଥିପାଇଁ ଦେୟ ଦେବାକୁ ପଡ଼ିବ ନାହିଁ। ରାଜ୍ୟରେ ଏମ୍ସ କୋଭିଡ-୧୯ ଆରଟିପିସିଆର ପରୀକ୍ଷଣ ଦ୍ୱିତୀୟ କେନ୍ଦ୍ର ଅଟେ। ଏହାର ତତ୍ୱାବଧାନରେ ୧୦ ମେଡିକାଲ କଲେଜରେ ପରୀକ୍ଷଣ କରାଯାଇ ପାରୁଛି।

# ରେଙ୍ଗାଲି ଦକ୍ଷିଣ ପାର୍ଶ୍ୱ କେନାଲ କାର୍ଯ୍ୟ ଅଗ୍ରଗତି ନେଇ ସମୀକ୍ଷା ବୈଠକ

ଭୁବନେଶ୍ୱର,୧୧/୪ (ନି.ପ୍ର): ରେଙ୍ଗାଲି ଦକ୍ଷିଣ ପାଶ୍ୱର୍ କେନାଲ ଖନନ କାର୍ଯ୍ୟ ଯୁଦ୍ଧକାଳୀନ ଭିତିରେ ସଂପୂର୍ଣ୍ଣ କରି ଆଠଗଡ଼ ଅଂଚଳକୁ ଜଳ ଯୋଗାଇବା ଉପରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଗୁରୁତ୍ୱାରୋପ କରିଛନ୍ତି । ଭିଡ଼ିଓ କନ୍‌ଫରେନ୍ସ ଜରିଆରେ ରେଙ୍ଗାଲି ଦକ୍ଷିଣ ପାଶ୍ୱର୍ କେନାଲ କାର୍ଯ୍ୟ ଅଗ୍ରଗତିର ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଶ୍ରୀ ସ୍ୱାଇଁ ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ କହିଛନ୍ତି । ଉପଯୁକ୍ତ ସମନ୍ୱୟ ରକ୍ଷା କରି ଜଙ୍ଗଲ ଜମି ହସ୍ତାନ୍ତର ସଂପର୍କିତ ସମସ୍ୟାଗୁଡ଼ିକର ଆଶୁ ସମାଧାନ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ପରାମର୍ଶ ଦେଇଛନ୍ତି । ପ୍ରଥମ ପର୍ଯ୍ୟାୟରେ ଜଙ୍ଗଲ ଅନୁମୋଦନ ମିଳିଥିବା ସମସ୍ତ ୨୬୧.୧୮୧୮ ହେକ୍ଟର ଜମି ହସ୍ତାନ୍ତର ସଂପର୍କରେ ଆଲୋଚନା କରାଯାଇଥିଲା । ସଂପୃକ୍ତ ତିନି ବନଖଣ୍ଡ ଅଧିକାରୀମାନେ ଆଗାମୀ ୭ ଦିନ ମଧ୍ୟରେ ସମସ୍ତ ଜମି ହସ୍ତାନ୍ତର କରିବା ସହିତ ଗ୍ରାମ୍ୟ ଜଙ୍ଗଲ କିସମ ଜମି ହସ୍ତାନ୍ତର ନିମନ୍ତେ ସଂପୃକ୍ତ ଜିଲ୍ଲାପାଳମାନଙ୍କୁ ଅବଗତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବୈଠକରେ ନିଷ୍ପତି ହୋଇଥିଲା । ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ସମସ୍ତ ୨୫୧.୧୯୮୭ ହେକ୍ଟର ଜଙ୍ଗଲ ଜମିର କ୍ଲିୟରାନ୍ସ ନିମନ୍ତେ ଆବଶ୍ୟକ ସର୍ଭେ ସହିତ ସମସ୍ତ ଦସ୍ତାବିଜ ଦାଖଲ ନିମନ୍ତେ ସମସ୍ତ କାର୍ଯ୍ୟକ୍ରମ ଆଗାମୀ ୧୨ ତାରିଖ ସୁଦ୍ଧା ସାରିବା ପାଇଁ ସଂପୃକ୍ତ ବନଖଣ୍ଡ ଅଧିକାରୀ ଏବଂ ରେଙ୍ଗାଲି ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କୁ କୁହାଯାଇଥିଲା । ଏଥି ସହିତ କପିଳାସ ବନ୍ୟପ୍ରାଣୀ ଅଭୟାରଣ୍ୟର ୭.୫୨ ହେକ୍ଟର ଜମି ହସ୍ତାନ୍ତର ସଂପର୍କରେ ଆଲୋଚନା ହୋଇଥିଲା । ଏ ବାବଦରେ ସମସ୍ତ ଦସ୍ତାବିଜ ଅନ୍‌ଲାଇନ୍ କରାଯିବା ସହିତ ଢେଙ୍କାନାଳ ବନଖଣ୍ଡ ଅଧିକାରୀ କ୍ଷେତ୍ର ପରିଦର୍ଶନ କରି ଗତ ୭ ତାରିଖରେ ଜଙ୍ଗଲ ବିଭାଗକୁ ରିପୋର୍ଟ ପ୍ରଦାନ କରିଛନ୍ତି ବୋଲି ପ୍ରକାଶ କରିଥିଲେ । ଏ ବାବଦରେ ଆବଶ୍ୟକ କାର୍ଯ୍ୟକ୍ରମ ଆଗାମୀ ୧୦ ଦିନ ମଧ୍ୟରେ ସଂପୂର୍ଣ୍ଣ ହେବ ବୋଲି ଜଙ୍ଗଲ ଓ ପରିବେଶ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ବୈଠକରେ କହିଥିଲେ । ଏଥି ସହିତ ହିତାଧିକାରୀଙ୍କ ପଟ୍ଟାରେ ଜଙ୍ଗଲ କିସମ ଲେଖାଯାଇଥିବା ୧୩ଟି ଗ୍ରାମର ୪୭.୨୪୬ ଏକର ଜମି ଅଧିଗ୍ରହଣ ସଂପର୍କରେ ବୈଠକରେ ଆଲୋଚନା ହୋଇଥିଲା । ରେଙ୍ଗାଲି ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଓ ଭୂଅର୍ଜନ ଅଧିକାରୀ ଏ ସଂପର୍କିତ ସମସ୍ତ ଦସ୍ତାବିଜ୍ ସହ ଜଙ୍ଗଲ ଓ ପରିବେଶ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ କାର୍ଯ୍ୟାଳୟରେ ଉପସ୍ଥିତ ହୋଇ ଆଗାମୀ ୧୦ ଦିନ ମଧ୍ୟରେ ଏହାର ସମାଧାନ କରିବା ପାଇଁ ବୈଠକରେ ନିଷ୍ପତି ହୋଇଥିଲା ।

# ସୁଦୃଢ଼ ଯୁବଶକ୍ତି ସମୃଦ୍ଧ ସମାଜର ଏକ ମୁଖ୍ୟ ମାନଦଣ୍ଡ : କ୍ରୀଡ଼ା ମନ୍ତ୍ରୀ



ଭୁବନେଶ୍ୱର,୧୧/୪ (ନି.ପ୍ର): ସୁଦୃଢ଼ ଯୁବଶକ୍ତି ସମୃଦ୍ଧ ସମାଜର ଏକ ମୁଖ୍ୟ ମାନଦଣ୍ଡ। ଦୃଢ଼ ସଂକଳ୍ପ ଓ ସ୍ୱପ୍ନକୁ ସାକାର କରିବାର ଇଚ୍ଛାକୁ ଆଧାର କରି ରାଜ୍ୟର ପ୍ରଗତିକୁ ଶୀର୍ଷ ସୋପାନରେ ପହଞ୍ଚାଇବାରେ ଯୁବଶକ୍ତି ଏକ ପ୍ରମୁଖ ମାଧ୍ୟମ ହୋଇପାରିବ ବୋଲି ଇଲେକ୍ଟ୍ରୋନିକ୍ସ, ସୂଚନା ପ୍ରଯୁକ୍ତି, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା ମତବ୍ୟକ୍ତ କରିଛନ୍ତି । ଆଜି ସ୍ଥାନୀୟ ରାଜ୍ୟ ଅତିଥି ଭବନଠାରେ ମନ୍ତ୍ରୀ ଶ୍ରୀ ବେହେରାଙ୍କ ସହ ନେହେରୁ ଯୁବ କେନ୍ଦ୍ରର ଆଞ୍ଚଳିକ ନିର୍ଦ୍ଦେଶକ ନବୀନ ନାୟକ ଏକ ସାକ୍ଷାତ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ଯୁବନୀତିର ସଠିକ ପ୍ରଣୟନ ସହ ନେହେରୁ ଯୁବକେନ୍ଦ୍ର ଅଧୀନରେ ଆସୁଥିବା ବିଭିନ୍ନ କେନ୍ଦ୍ରୀୟ ଯୋଜନାର ସଫଳ କାର୍ଯ୍ୟକାରିତା ନେଇ ଆଲୋଚନା ହୋଇଥିଲା। ଏଥି ସହିତ ଆଗାମୀ ଦିନରେ ନିଯୁକ୍ତି, ପ୍ରଶିକ୍ଷଣ, ଆତ୍ମରକ୍ଷା, ଦକ୍ଷତା ବିକାଶ, ଦୁଃସାହସିକ କ୍ରୀଡ଼ା ଏବଂ ଉନ୍ନତ କୌଶଳ ମାଧ୍ୟମରେ କିଭଳି ତୃଣମୂଳ ସ୍ତରରୁ ସମସ୍ତ ଯୁବକଯୁବତୀଙ୍କୁ ରାଜ୍ୟର ବିକାଶଧାରାରେ ସାମିଲ କରାଯାଇପାରିବ ସେ ନେଇ ବିସ୍ତୃତ ଆଲୋଚନା ହୋଇଥିଲା ।

ରାଜ୍ୟ ମୁଖ୍ୟାଳୟ ଏବଂ ଜିଲ୍ଲାସ୍ତରରେ ଯୁବଭବନ ପ୍ରତିଷ୍ଠା ସହ ବିଭିନ୍ନ ଯୁବକଲ୍ୟାଣ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ସହଯୋଗରେ କାର୍ଯ୍ୟ କରିବାକୁ ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ଆଗାମୀ ଦିନରେ ଜିଲ୍ଲାପାଳ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଏବଂ ନେହେରୁ ଯୁବକେନ୍ଦ୍ରର ଜିଲ୍ଲା ସଂଯୋଜକଙ୍କୁ ନେଇ ଜିଲ୍ଲାସ୍ତରରେ ଯୁବନୀତିର ସଠିକ୍ କାର୍ଯ୍ୟକାରିତା ନେଇ ବୈଠକ ଅନୁଷ୍ଠିତ ହେବ ବୋଲି ଆଲୋଚନା ହୋଇଥିଲା। ବୈଠକରେ କ୍ରୀଡ଼ା ଓ ଯୁବସେବା ବିଭାଗର ଉପଶାସନ ସଚିବ ବିଜୟାନନ୍ଦ ନାୟକ, ବିଭାଗୀୟ ଅଧିକାରୀ ଏବଂ ନେହେରୁ ଯୁବ କେନ୍ଦ୍ରର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ମୁଖ୍ୟ ଶାସନ ସଚିବଙ୍କର କଳାହାଣ୍ଡି ଜିଲ୍ଲା ଗସ୍ତ ଓ କୋଭିଡ୍ ପରିଚାଳନା ସମୀକ୍ଷା

ଭୁବନେଶ୍ୱର,୧୧/୪ (ନି.ପ୍ର): ସୀମାବର୍ତ୍ତୀ ଜିଲ୍ଲାମାନଙ୍କରେ କୋଭିଡ୍ ସଂକ୍ରମଣର ନିୟନ୍ତ୍ରଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଇଥିବା ନିର୍ଦ୍ଦେଶକ୍ରମେ ଆଜି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର କଳାହାଣ୍ଡି ଜିଲ୍ଲା ଗସ୍ତ କରି କୋଭିଡ୍ ସ୍ଥିତିର ସମୀକ୍ଷା କରିଛନ୍ତି । ପ୍ରଥମେ ମୁଖ୍ୟ ଶାସନ ସଚିବ ଭବାନୀପାଟଣା ସ୍ଥିତ କୋଭିଡ୍ ହସ୍ପିଟାଲ୍ ଯାଇ ସେଠାରେ ଉପଲବ୍ଧ ବେଡ୍, ଆଇ.ସି.ୟୁ, ଔଷଧ ଓ ଅନ୍ୟାନ୍ୟ ଚିକିତ୍ସା ସୁବିଧା ବିଷୟ ଅନୁଧ୍ୟାନ କରିଥିଲେ । ପରେ ପରେ ସ୍ଥାନୀୟ ନର୍ସିଂ ସ୍କୁଲ ସଭାକକ୍ଷରେ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ଜିଲ୍ଲାପାଳ ଡ. ଗୀଭାଲି ପରାଗ୍ ହର୍ଷଦଙ୍କ ସମତେ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ସହ ଆଲୋଚନା କରି କୋଭି୍ ସଂକ୍ରମଣ ରୋକିବା କ୍ଷେତ୍ରରେ ନିଆଯାଇଥିବା ପଦକ୍ଷେପ ଗୁଡ଼ଇକର ସମୀକ୍ଷା କରିଥିଲେ । କୋଭିଡ୍ ପ୍ରତିରୋଧ ଅଭିଯାନକୁ ଅଧିକ ଶାଣିତ କରିବା ନିମନ୍ତେ ଜିଲ୍ଲାରେ ଆବଶ୍ୟକ ପଡୁଥିବା ଭିତିଭୂମି ଓ ସମ୍ବଳର ମଧ୍ୟ ଆକଳନ କରାଯାଇଥିଲା । ବୈଠକ ଶେଷରେ ସାମ୍ବାଦିକମାନଙ୍କ ପ୍ରଶ୍ନର ଉତର ଦେଇ ଶ୍ରୀ ମହାପାତ୍ର କହିଥିଲେ ଯେ, ବର୍ତମାନ ପର୍ଯ୍ୟନ୍ତ କଳାହାଣ୍ଡି ଜିଲ୍ଲାରେ ସ୍ଥିତି ନିୟନ୍ତ୍ରଣାଧିନ ଅଛି । ଅନ୍ୟ ରାଜ୍ୟରୁ ଆସୁଥିବା ଲୋକ ଓ ପ୍ରବାସୀମାନଙ୍କର ଏକାନ୍ତବାସ, ଅଧିକାରୁ ଅଧିକ କରୋନା ପରୀକ୍ଷା, ହସ୍ପିଟାଲରେ ଆଇ.ସି.ୟୁ ସଂଖ୍ୟା ବୃଦ୍ଧି, କୋଭିଡ୍ କେୟାର ସେଂଟର ଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ଆଦିକୁ ତ୍ୱରାନ୍ୱିତ କରାଯିବ । ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ସହ ନିୟମ ପ୍ରବର୍ତନକୁ ମଧ୍ୟ କଡ଼ାକଡ଼ି କରାଯିବ । ଖୁବ୍ ଶୀଘ୍ର କଳାହାଣ୍ଡି ଜିଲ୍ଲାରେ ବିଶେଷଜ୍ଞ ଡାକ୍ତର ଯୋଗଦେବେ ଏବଂ ଜିଲ୍ଲାକୁ ଏକ ଆଧୁନିକ ଲାଇଫ୍-ସପୋର୍ଟ ଆମ୍ବୁଲାନ୍ସ ଯୋଗାଇ ଦିଆଯିବ ବୋଲି ମଧ୍ୟ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର କହିଥିଲେ । ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର, ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର, ସ୍ୱାସ୍ଥ୍ୟ ଶିକ୍ଷା ଓ ତାଲିମ ନିର୍ଦ୍ଦେଶକ ଡା. ସି.ବି.କେ ମହାନ୍ତି ଏହି ଗସ୍ତ ସମୟରେ ଉପସ୍ଥିତ ରହି ଆବଶ୍ୟକୀୟ ତଥ୍ୟ ଓ ସୂଚନା ଦେଇଥିଲେ ।

# ପୁଲିସ୍‌ର ସ୍ପେଶାଲ୍ ଡ୍ରାଇଭ: ୩୮.୯୮ ଲକ୍ଷ ଫାଇନ୍ ଆଦାୟ



ଭୁବନେଶ୍ୱର ,୧୧/୪ (ନି.ପ୍ର): ବେଶ୍ କିଛି ଦିନ ହେବ ରାଜ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ି ଚାଲିଛି। ଗତ ୨୪ ଘଣ୍ଟାରେ ରାଜ୍ୟରୁ ୧୩୭୪ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ତଥାପି ଜନସାଧାରଣଙ୍କର ଚେତା ପଶୁ ନାହିଁ।

ବାରମ୍ବାର ସଚେତନତା ଓ ମୁଖ୍ୟମନ୍ତ୍ରୀଙ୍କ କଡ଼ା ନିର୍ଦ୍ଦେଶ ସତ୍ତ୍ୱେ ଲୋକେ ଠିକ୍ ଭାବେ କୋଭିଡ ଗାଇଡ ଲାଇନ ମାନୁ ନାହାନ୍ତି। ମାସ୍କ ନି ପିନ୍ଧିଲେ ୨ ଗୁଣା ଜୋରିମାନା ଆଦାୟ କରାଯିବ ବୋଲି କୁହାଯିବା ସତ୍ତ୍ୱେ ଅମାନିଆଙ୍କ ସଂଖ୍ୟା ବଢ଼ି ଚାଲିଛି। ଓଡ଼ିଶା ପୁଲିସ୍ ପକ୍ଷରୁ କରାଯାଇଥିବା ଟ୍ୱିଟ୍‌ରୁ ଏହା ସ୍ପଷ୍ଟ ହେଉଛି।

ଓଡ଼ିଶା ପୁଲିସ୍ ପକ୍ଷରୁ ଟ୍ୱିଟ୍ କରି କୁହାଯାଇଛି, ସ୍ପେଶାଲ କୋଭିଡ୍ ଏନ୍‌ଫୋର୍ସମେଣ୍ଟ ଡ୍ରାଇଭର ତୃତୀୟ ଦିନରେ ମାସ୍କ ନ ପିନ୍ଧିବା ଓ ସାମାଜିକ ଦୂରତ୍ୱ ରକ୍ଷା ନ କରିବା ଯୋଗୁ ୧୨,୧୪୫ ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଆଉ ସେମାନଙ୍କ ଠାରୁ ଆଦାୟ କରାଯାଇଛି ୩୮ ଲକ୍ଷ ୯୮ ହଜାର ୨୫୦ ଟଙ୍କା। ଅନ୍ୟ ଏକ ଟ୍ୱିଟ୍‌ରେ କୁହାଯାଇଛି, ଏ ହ ି ସ୍ପେଶାଲ୍ ଡ୍ରାଇଭରେ ୩ ଦିନରେ ୩୩,୩୪୬ ଜଣଙ୍କ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସେମାନଙ୍କ ଠାରୁ ୯୦ ଲକ୍ଷ ୬୭ ହଜାର ୬୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଛି।

# ଟିକାର ଦୁଇଟି ଡୋଜ୍ ନେବା ପରେ ବି କରୋନାରେ ଚାଲିଗଲା ଯୁବ ଡାକ୍ତରଙ୍କ ଜୀବନ

ଭୁବନେଶ୍ୱର,୧୧/୪ (ନି.ପ୍ର): ରାଜଧାନୀ ଭୁବନେଶ୍ୱରର ଏକ ଘରୋଇ ହସପିଟାଲରେ ଜଣେ ଯୁବ ଡାକ୍ତରଙ୍କର ମୃତ୍ୟୁ ହୋଇଛି । ମୃତ ଡାକ୍ତରଙ୍କ ନାମ ହୃଦାନନ୍ଦ ଭୂୟାଁ । ସେ କୋଭିଡ୍ ଟିକାର ଦୁଇଟି ଡୋଜ୍ ନେଇଥିବା କୁହାଯାଉଛି । ଏହାପରେ ମଧ ତାଙ୍କୁ କରୋନା ସଂକ୍ରମଣ ହେବା ଏବଂ ମୃତ୍ୟୁ ହେବା ସୂଚନା, ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି । ତେବେ କିଛି ଦିନ ପୂର୍ବରୁ ୩୨ ବର୍ଷୀୟ ଡାକ୍ତର ଭୂୟାଁ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ । ସେ ସିକଲ ସେଲ୍ ରୋଗରେ ମଧ ପୀଡ଼ିତ ଥିଲେ । ଆଜି ସେ ପ୍ରାଣ ହରାଇଛନ୍ତି । ଡାକ୍ତର ହୃଦାନନ୍ଦ ଭୂୟାଁଙ୍କ ମୃତ୍ୟୁ ସଂପର୍କରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କିନ୍ତୁ କିଛି ସ୍ପଷ୍ଟ କରାଯାଇନାହିଁ । କରୋନାର ଦ୍ୱିତୀୟ ଲହରରେ ଦେଶରେ ଶତାଧିକ ଡାକ୍ତର, ଭୂତାଣୁରେ ସଂକ୍ରମିତ ହେବା ଚିନ୍ତା ବଢ଼ାଇଦେଇଛି । କେବଳ ଦିଲ୍ଲୀ ଏମ୍ସ ଓ ଗଙ୍ଗାରାମ ହସପିଟାଲରେ ୭୨ରୁ ଅଧିକ ଡାକ୍ତର କରୋନାରେ ଆକ୍ରାନ୍ତ ହୋଇଥିବା ଖବର ମିଳିଛି । ଉତ୍ତରପ୍ରଦେଶରେ ପ୍ରାୟ ୪୦ ଡାକ୍ତର କରୋନା ଭୂତାଣୁରେ ସଂକ୍ରମିତ ହୋଇଥିବା ବେଳେ ବିହାରରେ ମଧ ୨୬ରୁ ଅଧିକ ଡାକ୍ତର କରୋନାରେ ଆକ୍ରାନ୍ତ ହୋଇଥିବା ସୂଚନା ମିଳିଛି ।

# ବାରିପଦାରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ

## ମୋଟ ୩୫୨ଟି ବିଭିନ୍ନ ମାମଲାର ଫଇସଲା ହୋଇ ୩ କୋଟି ୬୦ଲକ୍ଷ ୬୩ ହଜାର ୩୫୪ ଟଙ୍କା ଆଦାୟ



ବାରିପଦା,୧୧/୦୪ (ନି.ପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବାରିପଦାରେ ରାଷ୍ଟ୍ରୀୟ ଲୋକ ଅଦାଲତ ଜିଲ୍ଲା ଦୌରା ଜଜ୍ କାର୍ଯ୍ୟାଳୟ ପରିସରରେ ତା.୧୦.୦୪.୨୦୨୧ ରିଖରେ ଅନୁଷ୍ଠିତ ହୋଇଯାଇଅଛି। ଜିଲ୍ଲା ଦୌରାଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧକ୍ଷ, ମୟୂରଭଞ୍ଜ ଶ୍ରୀ ସଂଜୟ ରଞ୍ଜନ ବହିଦାର ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଲୋକ ଅଦାଲତରେ ପ୍ରି ଲିଟିଗେସନ୍ ସମ୍ବନ୍ଧୀୟ ୨୫୮ ଟି ବ୍ୟାଙ୍କ ଋଣ ଆଦାୟ ମାମଲା ଏବଂ ଅନ୍ୟାନ୍ୟ ଫୌଜଦାରୀ ଓ ବିବାଦୀୟ ଦେୱାନୀ ସମ୍ବନ୍ଧୀୟ ୭ ଟି ମାମଲାର ଫଇସଲା କରାଯାଇ ମୋଟ ୧ କୋଟି ୪ ଲକ୍ଷ ୪୮ ହଜାର ୯୨୭ ଟଙ୍କା ଆଦାୟ କରାଯାଇଥିବା ବେଳେ ସେହିପରି ବକେୟା ଥିବା ବିଭିନ୍ନ ଶ୍ରେଣୀ ଭୁକ୍ତ ମାମଲା ମଧ୍ୟରେ ଫୌଜ୍‌ଦାରୀ ୧ ଟି, ଏନ୍‌ଆଇ ଆକ୍ଟ ଧାରା ୧୩୮ ଅନ୍ତର୍ଗତ ୧୩ ଟି ମାମଲା, ବ୍ୟାଙ୍କ ଋଣ ଆଦାୟ ୧୧ଟି ମାମଲା, ଏମ୍‌ଏସିଟି ମାମଲା ୩୬ଟି, ବୈବାହିକ ବିବାଦ ୬ଟି, ଅନ୍ୟାନ୍ୟ ଦେୱାନୀ ମାମଲା ୧୪ ଟି ଓ ଅନ୍ୟାନ୍ୟ ୬ ଟି ଫୌଜଦାରୀ ମାମଲା ସମେତ ମୋଟ୍ ୮୭ ଟି ମାମଲାର ଫଇସଲା କରାଯାଇ ୨ କୋଟି ୫୬ ଲକ୍ଷ ୧୪ ହଜାର ୪୨୭ ଟଙ୍କା ଆଦାୟ କରାଯାଇଥିବା ବେଳେ ସର୍ବମୋଟ୍ ୩୫୨ଟି ଉପରୋକ୍ତ ବିଭିନ୍ନ ମାମଲାର ଫଇସଲା ହୋଇ, ୩କୋଟି ୬୦ଲକ୍ଷ ୬୩ ହଜାର ୩୫୪ ଟଙ୍କା ଆଦାୟ ହୋଇଥିବା ଜଣାପଡିଛି। ଅନୁଷ୍ଠିତ ଏହି ଲୋକ ଅଦାଲତରେ ଅତିରିକ୍ତ ଜିଲ୍ଲା ଓ ସେସନ୍ସ ଜଜ୍ ତଥା ସତନ୍ତ୍ର ଭିଜିଲାନ୍ସ ଜଜ୍ ଶ୍ରୀ ପ୍ରଣବ କୁମାର ପାତ୍ର, ଫ୍ୟାମିଲି କୋର୍ଟ ଜଜ୍ ଶ୍ରୀ ରଶ୍ମି ମୋହନ ଆଚାର୍ଯ୍ୟ, ଅତିରିକ୍ତ ଜିଲ୍ଲା ଓ ସେସନ୍ସ ଜଜ୍ (ପ୍ରଥମ) ଚୌଧୁରୀ ପ୍ରବୀର କୁମାର, ଏଡିଜେ ତଥା ସତନ୍ତ୍ର ପୋକ୍ସୋ ଅଦାଲତ ଶ୍ରୀ ବିକାଶ ଚନ୍ଦ୍ର ଦେ, ଅତିରିକ୍ତ ଜିଲ୍ଲା ସେସନ୍ସ ଜଜ୍(ଦ୍ୱିତୀୟ) ଶ୍ରୀ ମହେନ୍ଦ୍ର କୁମାର ସୁତ୍ରଧର, ସିଜେଏମ୍ ଡ. ଦୀପକ ରଞ୍ଜନ ସାହୁ, ସହକାରୀ ସେସନ୍ସ ଜଜ୍(ଏସ୍‌ଟିସି) ତଥା ଟିଏମ୍‌ଜେଜେବି ତଥା ରେଜିଷ୍ଟ୍ରାର୍ ସିଭିଲ୍ କୋର୍ଟ ଶ୍ରମତୀ ଆଶାପୂର୍ଣ୍ଣା ମହାପାତ୍ର, ସନିୟର ସିଭିଲ୍ ଜଜ୍ ମିସ୍ ସୁଚରିତା ମହାନ୍ତି, ସିନିୟର ସିଭିଲ୍ ଜଜ୍ (ଏଲ୍‌ଆର୍) ମିସ୍ ଦୀପା ଦାସ, ଅତିରିକ୍ତ ସିନିୟର ବରିଷ୍ଟ ସିଭିଲ୍ ଜଜ୍ ଶ୍ରୀ ସିବାସିଶ୍ ଗିରି, ଅରିତିକ୍ତ ବରିଷ୍ଟ ସିଭଲ୍ ଜଜ୍ ମିସ୍ ଦେବଶ୍ରୀ ସାହୁ, ସେକ୍ରେଟାରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ମୟୂରଭଞ୍ଜ ସୌମ୍ୟରୂପ ସାହୁ, ଏସ୍‌ଡିଜେମ୍ ଡ. ରୀନତୀ ମିଶ୍ର, ଅତିରିକ୍ତ ସିଭିଲ୍ ଜଜ୍ ତଥା ଜେଏମ୍‌ଏଫ୍‌ସି ଶ୍ରୀ ଉମାକାନ୍ତ ବେହେରା, ମିସ୍ ପ୍ରିୟଦର୍ଶିନୀ ତ୍ରିପାଠୀ ଓ ଶ୍ରୀମତୀ ନୀଳିମା ଷଡଙ୍ଗୀ ପ୍ରମୁଖ ବିଚାରପତି ଓ ସ୍ଥାୟୀ ଲୋକ ଅଦାଲତର ଅଧକ୍ଷ ଶ୍ରୀ ବିଜୟ କୁମାର ମିଶ୍ର ସଂପୃକ୍ତ କୋର୍ଟରେ ଆଗତ ହୋଇଥିବା ମାମଲା ଗୁଡିକର ଫଏସଲା ହୋଇଥିଲା। ଉକ୍ତ ଅନୁଷ୍ଠିତ ଅଦଲତରେ ସରକାରୀ ଅଧିବକ୍ତା ଶ୍ରୀ ହିମାଂଶୁ ପାଣିଗ୍ରାହୀ ଓ ସ୍ଥାନୀୟ ଆଇନଜୀବୀ ଉପସ୍ଥିତ ରହି କାର୍ଯ୍ୟ ତୁଲାଇଥିଲେ। ଏଥିରେ ବିଭିନ୍ନ ରାଷ୍ଟ୍ରାୟତ / ଘରୋଇ ବ୍ୟାଙ୍କର ବ୍ୟାଙ୍କ ଅଧିକାରୀ / ସଂପୃକ୍ତ ବିଭାଗ ଅଧିକାରୀ ତଥା କର୍ମଚାରୀ ମାନେ ସହଯୋଗ କରିଥିଲେ।

## ଆଜି ରାଜ୍ୟରେ ୪୫୯ କରୋନା ଆକ୍ରାନ୍ତ ସୁସ୍ଥ ହେଲେ

ଭୁବନେଶ୍ୱର,୧୧/୦୪ (ନି.ପ୍ର): ଆଜି ରାଜ୍ୟରେ ୪୫୯ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏହାସହିତ ରାଜ୍ୟରେ ସୁସ୍ଥ ହୋଇଥିବା କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ୩,୪୦,୦୬୨ରେ ପହଂଚିଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି। ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ଖୋର୍ଦ୍ଧା ଜିଲ୍ଲାରୁ ୬୯ଜଣ ସୁସ୍ଥ ହୋଇଛନ୍ତି। ସେହିପରି ସୁନ୍ଦରଗଡ଼ରୁ ୬୨, କଳାହାଣ୍ଡିରୁ ୪୩ ଓ ନୂଆପଡ଼ା ଜିଲ୍ଲା ୩୮ଜଣ ସୁସ୍ଥ ହୋଇଛନ୍ତି। ବରଗଡ଼ ଜିଲ୍ଲାରୁ ୩୨, ଝାରସୁଗୁଡ଼ାରୁ ୨୯, ଅନୁଗୁଳରୁ ୨୪, କଟକରୁ ୨୨ ଜଣ ସୁସ୍ଥ ହୋଇଛନ୍ତି। ସେହିପରି ବାଲେଶ୍ୱର ଓ ସମ୍ବଲପୁରରୁ ୧୬ ଲେଖାଏଁ, ବଲାଙ୍ଗୀରରୁ ୧୫, ଗଞ୍ଜାମରୁ ୧୨, ମୟୂରଭଞ୍ଜରୁ ୧୦, ପୁରୀ ଏବଂ ରାୟଗଡ଼ାରୁ ୯ଲେଖାଏଁ ସୁସ୍ଥ ହୋଇଛନ୍ତି। ଯାଜପୁରରୁ ୮, ଭଦ୍ରକ, ଦେବଗଡ଼, ଗଜପତି ଓ ନବରଙ୍ଗପୁରରୁ ୫ ଲେଖାଏଁ ସୁସ୍ଥ ହୋଇଥିବାବେଳେ କନ୍ଧମାଳରୁ ୪ଜଣ ସୁସ୍ଥ ହୋଇଛନ୍ତି। କେନ୍ଦ୍ରାପଡ଼ା, କୋରାପୁଟ ଓ ସୋନପୁରରୁ ୨ଜଣ ଲେଖାଏଁ ସୁସ୍ଥ ହୋଇଛନ୍ତି। ସେହିପରି ଷ୍ଟେଟ୍‌ପୁଲ୍‌ରୁ ୧୫ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ବୋଲି ଡିପାର୍ଟମେଂଟ ପକ୍ଷରୁ ସୂଚନା ମିଳିଛି।

## ଗାଡ଼ି ଭଡ଼ାକୁ ନେଇ ହସପିଟାଲ ପାଲଟିଲା ରଣକ୍ଷେତ୍ର

ନୀଳଗିରି,୧୧/୦୪ (ନି.ପ୍ର): ଆଜି ପୂର୍ବାହ୍ନ ପ୍ରାୟ ୯ଟା ସମୟରେ ନୀଳଗିରି ଉପଖଣ୍ଡ ମେଡିକାଲ ପରିସରରେ ଗାଡ଼ି ଭଡ଼ାକୁ କେନ୍ଦ୍ର କରି ଜନୈକ ମାଲିକ ଓ ଡ୍ରାଇଭର ମଧ୍ୟରେ ପ୍ରଥମେ ବଚସା ପରେ ହାତାହାତି ହୋଇ ପକ୍କା ଚଟାଣରେ ଗଡ଼ିବା ଘଟଣା ସତେ ଯେମିତି ହିନ୍ଦୀ ଫିଲ୍ମ ସଲେ ଥିଲା। ହସ୍‌ପିଟାଲ ପରିସର ଏକପ୍ରକାର ରଣ କ୍ଷେତ୍ର ପାଲଟିଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ। ସୂଚନା ଥାଉକି ହସପିଟାଲରେ ଜଣେ ରୋଗୀ ଡିସ୍‌ଚାର୍ଜ୍ୟ ହୋଇ ଘରକୁ ଯିବା ବେଳେ ତାଙ୍କ ସମ୍ପର୍କୀୟ ଭଡ଼ା ଗାଡ଼ି ବୁଝିଥିଲେ। କଟିଆ ନାୟକଙ୍କ ଆମ୍ବୁଲାନ୍‌ସର ଡ୍ରାଇଭର ଓ ଗାଡ଼ି ମାଲିକ ଉପେନ୍ଦ୍ର ମିଶ୍ର ଓରଫ ବାବୁ ଙ୍କ ଆମ୍ବୁଲାନ୍‌ସ ମଧ୍ୟରେ ଭଡ଼ା ନେବାକୁ ନେଇ ଆରମ୍ଭ ହୋଇଥିଲା ମେଁମେଁ ତୁତୁ। ଏହି ସମୟରେ କଟିଆ ଆମ୍ବୁଲାନ୍‌ସ ର ଡ୍ରାଇଭର ନିନି ବେହେରା ଆମ୍ବୁଲାନ୍‌ସ ମାଲିକ ବାବୁ ଓରଫ ଉପେନ୍ଦ୍ର ମିଶ୍ରଙ୍କୁ ଗାଳି ଗୁଲୋଜ କରିଥିଲେ। ଏହାପରେ ୨ଜଣଙ୍କ ମଧ୍ୟରେ କଥାକଟାକଟି ହୋଇଥିଲା। ଏଥିରେ ଗାଡ଼ି ମାଲିକ ବାବୁ ଓରଫ ଉପେନ୍ଦ୍ର ଉତକ୍ଷିପ୍ତ ହୋଇ ମାଡ଼ ମାରିଥିଲେ। ଯାହାକୁ ନେଇ ହସପିଟାଲ ପରିସର ରଣ କ୍ଷେତ୍ର ପାଲଟିଥିଲା। ଏହାକୁ ଶହଶହ ଲୋକ ଦେଖୁଥିଲେ ସୁଦ୍ଧା ସମସ୍ତେ ଚୁପ୍ ରହିଥିଲେ। ଖବର ଲେଖିଲା ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

## ଏସସିବିରୁ ଗ୍ୟାଙ୍ଗଷ୍ଟର ହାଇଦର ଫେରାର ମାମଲାରେ ୬ ପୁଲିସ୍ କର୍ମଚାରୀ ନିଲମ୍ବିତ

ଭୁବନେଶ୍ୱର,୧୧/୦୪ (ନି.ପ୍ର): କଟକ ଏସସିବି ମେଡିକାଲ କଲେଜ ଓ ହସପିଟାଲରୁ ଗ୍ୟାଙ୍ଗଷ୍ଟର ହାଇଦର ଫେରାର୍ ହେବା ଘଟଣାରେ ଘଟଣାରେ ଜଣେ ହାବିଲଦାର ଓ ୫ଜଣ କନେଷ୍ଟବଳଙ୍କୁ ନିଲମ୍ବନ କରାଯାଇଛି। ସମ୍ବଲପୁର ଏସ ପି ହାଇଦର ଫେରାର ଘଟଣାରେ ୬ ଜଣଙ୍କୁ ନିଲମ୍ବନ କରିଛନ୍ତି। ନିଲମ୍ବିତ କର୍ମଚାରୀମାନେ ହେଲେ ହାବିଲଦାର ରମେଶ ଚନ୍ଦ୍ର ଦେହୁରୀ, କନେଷ୍ଟବଳ ବୁଲବୁଲ ସାହୁ, ଦୀପକ ସାହୁ, ଏମ ଡି ମୌସୁମ, ଉମାକାନ୍ତ ବେହେରା ଏବଂ ସୁଧାଂଶୁ ମାଝୀ।

## ୬୦ନଂ ଜାତୀୟ ରାଜପଥରେ ଟ୍ରକ ଦୁର୍ଘଟଣାରେ ଜଣେ ମୃତ

ବସ୍ତା,୧୧।୪ (ନି.ପ୍ର.) : ରୂପସା ଥାନା ଅନ୍ତର୍ଗତ ୬୦ନଂ ଜାତୀୟ ରାଜପଥର ମିରିଗମୁଣ୍ଡି ନିକଟରେ ଏକ ଟ୍ରକ ମାଡିଯାଇ ଜଣେ ବ୍ୟକ୍ତି ମୃତ୍ୟୁବରଣ କରିଛନ୍ତି। ପ୍ରକାଶ ଯେ, ଡବ୍ଲୁବି୩୭ଡି ୭୮୭୨ ନମ୍ବର ଅଏଲ ଟ୍ୟାଙ୍କରଟି ମିରିଗମୁଣ୍ଡି ଠାରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଅଟକି ରହିଥିଲା। ସେହି ସମୟରେ ଅନ୍ୟ ଏକ ଟ୍ରକ ଓଆର୦୯ଏଫ ୧୫୩୧ ଦ୍ରୁତଗତିରେ ଆସି ଏହାକୁ ଧକ୍କା ଦେଇଥିଲା। ଏହା ଫଳରେ ଏହି ଟ୍ରକର ଡ୍ରାଇଭର ଓ ଅନ୍ୟ ଟ୍ରକର ହେଲ୍‌ପର ଆହତ ହୋଇ ବାଲେଶ୍ୱର ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ। ତନ୍ମଧ୍ୟରୁ ପଶ୍ଚିମବଙ୍ଗ ବୀରଭୂମ ଜିଲା ରାଜନଗର ଥାନା ନୂତନ ଗ୍ରାମ ଗୁରୁପଦ ଭାରତୀଙ୍କ ପୁଅ ହେଲପର ସୁକୁମାର ଭାରତୀ (୪୫) ରବିବାର ସକାଳେ ପ୍ରାଣ ହରାଇଛନ୍ତି। ଏନେଇ ରୂପସା ଥାନାରେ ମାମଲା ରୁଜୁ ହୋଇଛି।

## ୧୧୧ ବର୍ଷର ସଂସ୍କୃତ ମହାବିଦ୍ୟାଳୟକୁ ପ୍ରଥମ ସରକାରୀ ଅନୁଦାନ : ସଂସ୍କୃତିଭବନ ଲୋକାର୍ପିତ




ଜଳେଶ୍ୱର, ୧୧/୪ (ନିପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଆରୁହା ପଂଚାୟତର ଶାଳିକୋଠାରେ ୧୧୧ ବର୍ଷ ପୂର୍ବେ ପ୍ରତିଷ୍ଠା କରାଯାଇଥିବା ସଂସ୍କୃତ ମହାବିଦ୍ୟାଳୟ ଅଦ୍ୟାବଧି ସରକାରୀ ଅନୁଦାନ ମିଳିନଥିଲା। କିନ୍ତୁ ନିକଟରେ ଉଚ୍ଚ ଶିକ୍ଷାବିଭାଗ ପକ୍ଷରୁ ମିଳିଥିବା ୨୦ଲକ୍ଷ ଆର୍ଥୀକ ଅନୁଦାନ ଓ କଲେଜ ପକ୍ଷରୁ ୮ଲକ୍ଷ ଟଙ୍କା ମୂଲ୍ୟରେ ନିର୍ମାଣ ହୋଇଥିବା ସଂସ୍କୃତିଭବନମ୍‌କୁ ଆଜି ବିଧାୟକ ଅଶ୍ୱିନୀ କୁମାର ପାତ୍ର ଲୋକାର୍ପିତ କରିଛନ୍ତି। ୧୯୧୦ ମସିହାରେ ପୁରୀର ୩ଜଣ ପ୍ରକ୍ଷାତ ପଣ୍ଡିତ ଶାଳିକୋଠା ଗାଁକୁ ଆସି ପ୍ରତିଷ୍ଠା କରିଥିଲେ ବାଗୀଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟ। ଏହି ମହାବିଦ୍ୟାଳୟରୁ ଜଗନ୍ନାଥ ବିଶ୍ୱବିଦ୍ୟାଳୟର କୂଳପତି ଡ. ନିଳକଣ୍ଠ ପତି, ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର କୂଳପତି ଅତୁଲ କୁମାର ନନ୍ଦ ପ୍ରମୁଖ ଶତାଧିକ କୃତିତ୍ୱର ସହ ଦେଶର ବିଭିନ୍ନ ସ୍ଥାନର ବଡ ବଡ ପଦପଦବୀରେ ରହିଛନ୍ତି। ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଅଧ୍ୟକ୍ଷ ଡ. ବିବେକାନନ୍ଦ ସାହୁ ଅଧ୍ୟକ୍ଷତା କରି ସୂଚନା ପ୍ରଦାନ କରିଥିଲେ। ଉଦ୍‌ଘାଟକ ବିଧାୟକ ଶ୍ରୀ ପାତ୍ର ଶିକ୍ଷାଅନୁଷ୍ଠାନ ଗୁଡିକ ଶିକ୍ଷା ସହିତ ସମ୍ପର୍କର ସେତୁ ବାନ୍ଧିବାକୁ ପ୍ରୟସ କରିବା ଉଚିତ୍ ବୋଲି କହିଥିଲେ। ମୁଖ୍ୟବକ୍ତାଭାବେ ଆଇନ୍‌ଜିବୀ ତଥା କଥାକାର ଚିନ୍ମୟ ଦାସ କହିଲେ ବୌଦ୍ଧିକ ବିକାଶରେ ପ୍ରତ୍ୟେକଙ୍କର ପ୍ରଚେଷ୍ଟା ରହିବା ଉଚିତ୍। ତେଣୁ ୧୧୧ ବର୍ଷର ଅବହେଳିତ ଅନୁଷ୍ଠାନ ଏବେ ମୁଣ୍ଡ ଟେକିବାକୁ ପ୍ରଚେଷ୍ଟା କରିଛି। ଅନ୍ୟମାନଙ୍କ ମଧ୍ୟରେ ଶରତ କୁମାର ପଣ୍ଡା, ଜିଲାପରିଷଦ ସଦସ୍ୟ ଗୌରହରୀ ଜେନା, ଜ୍ଞାନବିକାଶର ନିର୍ଦ୍ଦେଶକ ଲେଲିନ୍ ପ୍ରଧାନ, ସମିତି ସଦସ୍ୟ ରାଜେନ୍ଦ୍ର ପାତ୍ର, ସରପଂଚ ହରିଶ୍ଚନ୍ଦ୍ର ଭୂୟାଁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ କାର୍ତ୍ତିକେଶ୍ୱର ପାତ୍ର ସ୍ୱାଗତ ଓ ଅଭିନନ୍ଦନିକା ପାଠ କରିଥିଲେ। ଏଥିରେ ଗୌରହରୀ ଜେନା, କାର୍ତ୍ତିକ ଚନ୍ଦ୍ର ମୁର୍ମୁ, ଅଶୋକ କୁମାର ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ତ୍ରୟୋମାସିକ ପତ୍ରିକା ସୁଶ୍ରୀକୁ ଉନ୍ମୋଚନ କରାଯାଇଥିଲା।

## ଖାନସ କ୍ଲବ ପକ୍ଷରୁ ନର୍ଥ ଓଡ଼ିଶା ଓପନ ବଡି ବିଲଡିଂ ଚମ୍ପିଅନସିପ : ଶେଖ ଏହେସାନ ଚମ୍ପିୟାନ




ବାଲେଶ୍ୱର,୧୧/୦୪ (ନି.ପ୍ର): ବାଲେଶ୍ୱର,ବାଲେଶ୍ୱର ସହରର ପୋର୍ଟ ରୋଡର ପୁଲବଜାର ସ୍ଥିତ ଖାନ୍‌ସ କ୍ଲବ ପକ୍ଷରୁ ନର୍ଥ ଓଡିଶା ଓପନ ବଡି ବିଲଡିଂ ଚମ୍ପିଆନ୍‌ସିପ - ୨୦୨୧ ଅନୁଷ୍ଠିତ ହୋଇଯାଇଛି। ଖାନ୍‌ସ କ୍ଲବର ବାର୍ଷିକ ଉତ୍ସବ ଅବସରରେ ଆୟୋଜିତ ଏହି ପ୍ରତିଯୋଗିତାକୁ ବାଲେଶ୍ୱର ସଦର ବିଧାୟକ ସ୍ୱରୂପ କୁମାର ଦାସ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଯୁବକମାନଙ୍କୁ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତି ଆକୃଷ୍ଟ କରାଇବାରେ ଖାନ୍‌ସ କ୍ଲବର ପ୍ରୟାସ ବାସ୍ତବିକ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଏହି ଅବସରରେ ଶ୍ରୀ ଦାସ କହିଥିଲେ। ଆଗାମୀ ଦିନରେ ସୁନ୍ଦର ସ୍ୱାସ୍ଥ୍ୟ ଭଳି ପ୍ରତିଯୋଗିତା ଆୟୋଜନ ପାଇଁ ସେ ନିଜ ପାଂଠିରୁ ଆର୍ଥିକ ସହାୟତା ଯୋଗାଇଦେବେ ବୋଲି ଶ୍ରୀ ଦାସ ପ୍ରତିଶୃତି ଦେଇଥିଲେ। ଖାନ୍‌ସ କ୍ଲବ ସଭାପତି ମହମ୍ମଦ ହାଇଦର ଖାଁଙ୍କ ପୌରହିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜେଡି ନେତା ଶୁଭେନ୍ଦୁ ମଙ୍ଗରାଜ, କଂଗ୍ରେସ ନେତ୍ରୀ ମମତା କୁଣ୍ଡୁ, ସମାଜସେବୀ ସାହିରୁଲ ହକ, ଯୁବ ସଂଗଠକ ବିକ୍ରମ ପଣ୍ଡା, ପୂର୍ବତନ ଉପନଗରପାଳ ମନୋଜ ରାଉତ, ସାମ୍ବାଦିକ ଅଜିତ କୁମାର ମହାନ୍ତି, ପୂର୍ବତନ କାଉନସିଲର ମୀନା ମହାନ୍ତି, ପଦ୍ମଲୋଚନ ଲେଙ୍କା, ଯୁବ ବ୍ୟବସାୟୀ ଅରୂପ ଦାସ, ଶୈଳେନ୍ଦ୍ର ସିଂ ବିନୁ, ଅବଦୁଲ ମୁକ୍ତାର ଖାନ୍, ସୁବୋଧ ମହାନ୍ତି, ଶୁଭମ ସାଇ ମହାପାତ୍ର, ବିକ୍ରମ କେଶରୀ ଦାସ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଆୟୋଜକମାନଙ୍କୁ ଉତ୍ସାହିତ କରିଥିଲେ। କ୍ଲବର ସମ୍ପାଦକ ଶେଖ୍ ଅତିଉଲ୍ଲା, ଉପସଭାପତି ଶେଖ ଆୟୁବ, ଫିରୋଜ ଖାଁ, ସୌକତ ଅଲ୍ଲୀ, ରଜବ ଅଲ୍ଲୀ, ଶେଖ ନାସିରୁଦ୍ଦିନ, ଶେଖ ହନିଫ, ଶେଖ ଭୋଲା, ଶେଖ ଜବ୍ବୁ, ଗୋଲାମ ମନସୁର ଅଲ୍ଲି ଖାଁ ଶେଖ ପୀରୁ ପ୍ରମୁଖ ସମସ୍ତ କାର୍ଯ ପରିଚାଳନା କରିଥିଲେ। ଆୟୋଜିତ ପ୍ରତିଯୋଗିତାରେ ୫ ଗୋଟି ବର୍ଗରେ ମୋଟ ୩୫ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ତେବେ ସମସ୍ତଙ୍କୁ ପଛରେ ପକାଇ ଶେଖ ଏହେସାନ ଚମ୍ପିଆନ ଓ ଗୌରବ ଗୁପ୍ତା ରନର୍ସ ଅପ ଭାବେ ମନୋନୀତ ହୋଇ ପୁରସ୍କୃତ ହୋଇଥିଲେ। ଏହି ପ୍ରତିଯୋଗିତାରେ ବିଚାରକ ଭାବେ ତରୁଣ କୁମାର ଚାଟାର୍ଜୀ, ବିକନ ଦାଶ, ଅନିସ ଦାସ, ଶେଖ ସାଦ୍ଦିକ ପ୍ରମୁଖ ଦାୟିତ୍ୱ ତୁଲାଇ ଥିଲେ। ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟଧାରା ପାଇଁ ବକ୍ତି ବିଶେଷ ମାନଙ୍କୁ ଏହି ଅବସରରେ କ୍ଲବ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ହାଇଦରକୁ ଧରିବା ପାଇଁ ....

ଅପରାଧୀ, ଯାହାର ଇସାରାରେ, ୨୦୦୫ ମେ ୩୧ ତାରିଖରେ ସେକ ସୁଲେମାନର ସାନଭାଇ ସେକ ଚୁନାକୁ ହତ୍ୟା କରାଯାଇଥିଲା। ୨୦୦୬ ରଶ୍ମୀରଂଜନ ଅପହରଣ ଏବଂ ହତ୍ୟା ମାମଲାରେ ମାଷ୍ଟରମାଇଣ୍ଡ ଥିଲା ହାଇଦର। ଏହି ଦୁଇଟି ମାମଲାରେ ହାଇଦର ଦୋଷୀ ସାବ୍ୟସ୍ତ ହୋଇ ଆଜୀବନ କାରାଦଣ୍ଡରେ ଦଣ୍ଡିତ ହୋଇଛି। ତେବେ ଗ୍ୟାଙ୍ଗଷ୍ଟର ସୁଲେମାନ ହତ୍ୟା ମାମଲାରେ ପ୍ରମାଣ ଅଭାବରୁ ତାକୁ ଦୋଷମୁକ୍ତ କରାଯାଇଥିଲା। ବାଇଟ-ଶରତ ଚନ୍ଦ୍ର ସାହୁ, ହାଇଦରକୁ ଗିରଫ କରିଥିବା ପୋଲିସ ଅଧିକାରୀ କଟକ ଏସସିବିରେ ଯେତେବେଳେ ହାଇଦର ଚିକିତ୍ସା ହେବା ପାଇଁ ଆସିଥିଲା, ସେତେବେଳେ ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ କର୍ମୀଙ୍କୁ ଖାଇବାରେ ନିଶା ଦେଇଥିଲା। ପୋଲିସ କର୍ମୀ ଜଣଙ୍କ ଅଚେତ ହେବାର ଫାଇଦା ଉଠାଇ ଫେରାର ହୋଇଯାଇଥିଲା ହାଇଦର।

## ଅକ୍ଟୋବର ସୁଦ୍ଧା ଭାରତକୁ ମିଳିପାରେ ....

ସେମାନଙ୍କ ମଧ୍ୟରେ ରହିଛି। ଡ,ରେଡ୍ଡିଜ ସହଯୋଗରେ ପ୍ରସ୍ତୁତ ହେଉଥିବା ସ୍ପୁଟନିକ୍ ଭି, ବାୟୋଲୋଜିକାଲ ଇ ର ସହଯୋଗରେ ପ୍ରସ୍ତୁତ ହେଉଥିବା ଜନସନ ଆଣ୍ଡ ଜନସନ, ସେରମ ଇଣ୍ଡିଆ ସହଯୋଗରେ ପ୍ରସ୍ତୁତ ହେଉଥିବା ନିବାବେକ୍ସ, ଜାଇଡସ କାଡିଲା ଭ୍ୟାକ୍ସିନ ଓ ଭାରତ ବାୟୋଟେକର ଇଣ୍ଟ୍ରାନସଲ ଭ୍ୟାକ୍ସିନ୍। ସୂତ୍ରର ସୂଚନା ମୁତାବକ ଭାରତ କୌଣସି କୋଭିଡ-୧୯ ଭ୍ୟାକ୍ସିନ କୁ ଜରୁରୀକାଳୀନ ବ୍ୟବହାର ପାଇଁ ଅନୁମତି ଦେବା ପୂର୍ବରୁ ତାହାର ସୁରକ୍ଷା ଓ ପ୍ରଭାବ ଉପରେ ପ୍ରାଥମିକତା ଦେଇଥାଏ। ରିପୋର୍ଟ ମୁତାବକ ଏହିସବୁ ଟିକାର ପ୍ରାଥମିକ ପରୀକ୍ଷଣ ପରେ ସ୍ପୁଟନିକ୍ ଭି ଟିକାକୁ ଆସନ୍ତା ୧୦ ଦିନ ମଧ୍ୟରେ ଭାରତ ସରକାର ଅନୁମତି ଦେଇପାରନ୍ତି। କହିରଖୁ କି ସ୍ପୁଟନିକ୍ ଭି ପ୍ରସ୍ତୁତ ପାଇଁ ଋଷର ପ୍ରତ୍ୟେକ୍ଷ ନିବେଶକୋଷ (ଆରଡିଆଇଏଫ) ଓ ହାଇଦ୍ରାବାଦ ସ୍ଥିତ ବିରଚୋ ବାୟୋଟେକ ମଧ୍ୟରେ ୨୦ କୋଟି ଡୋଜ୍ ଉତ୍ପାଦନ କରିବାକୁ ବୁଝାମଣା ହୋଇଛି। ଏହାମଧ୍ୟରୁ ସ୍ପୁଟନିକ୍ ଭି ଭାରତକୁ ୮.୫ କୋଟି ଡୋଜ ଯୋଗାଇଦେବ।

## ରାଜ୍ୟରେ ଘୂର୍ଣ୍ଣିଝଡ ସହ....

କେନ୍ଦୁଝର ଓ ମୟୁରଭଂଜ। ଏହାକୁ ଦୃଷ୍ଟିରେ ରଖି ଆଂଚଳିକ ପାଣିପାଗ ବିଭାଗ କେନ୍ଦ୍ର ପକ୍ଷରୁ ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ପାଣିପାଗ କେନ୍ଦ୍ର ଆହୁରି ମଧ କହିଛି କେବଳ ୧୩ ତାରିଖକୁ ବାଦ ଦେଇ ୧୨ ଓ ୧୪ ତାରିଖ ଦିନ ରାଜ୍ୟର ଅଧିକାଂଶ ସ୍ଥାନରେ କାଳବୈଶାଖୀ ସମ୍ଭାବନା ରହିଛି। ୧୨ ତାରିଖ ଦିନ କୋରାପୁଟ, ରାୟଗଡ଼ା, ଗଜପତି, ଗଂଜାମ, ନୟାଗଡ଼, କଟକ, ବୌଦ୍ଧ, ମୟୂରଭଂଜ ଓ କେନ୍ଦୁଝର ଜିଲ୍ଲାରେ ଏବଂ ୧୪ ତାରିଖ ଦିନ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା ଓ ଗଜପତି ଆଦି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବ। ଏଥି ଯୋଗୁଁ ରାଜ୍ୟରେ ପାଗ ଥଣ୍ଡା ରହିବ ଓ ଆସନ୍ତା ୪ ଦିନ ଯାଏଁ ତାତି ବଢ଼ିବ ନାହିଁ।

## ପଶ୍ଚିମବଙ୍ଗରେ ଉଦ୍ୟୋଗୀଙ୍କ ସହ....

ଆଲୋକପାତ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ପୂର୍ବୋଦୟ'ର କଳ୍ପନା ରଖିଥିବା ବେଳେ ପୂର୍ବ ଏବଂ ଉତ୍ତର ପୂର୍ବାଂଚଳର ବିକାଶ କରିବା ଏହି ମିଶନର ଲକ୍ଷ୍ୟ ରହିଛି। ଏହି ଲକ୍ଷ୍ୟରେ ପଶ୍ଚିମବଙ୍ଗରେ ସବକା ସାଥ୍, ସବକା ବିକାଶ ଏବଂ ସବକା ବିଶ୍ୱାସ ମନ୍ତ୍ରରେ ଏମଏସଏମଇ ଶିଳ୍ପର ବୃଦ୍ଧି, ପୁଞ୍ଜିନିବେଶ ପାଇଁ ଏକ ଇକୋସିଷ୍ଟମ ତିଆରି କରିବା, ଭିତିଭୂମି, ନିଯୁକ୍ତି, ସ୍ୱାସ୍ଥ୍ୟ, ମହିଳା ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯିବା ନେଇ ସେ ଚର୍ଚ୍ଚା କରିଥିଲେ। ସୂଚନାଯୋଗ୍ୟ, ଆଜି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ସହ ପାଣିହାଟୀରେ ଆୟୋଜିତ ନିର୍ବାଚନୀ ଶୋଭାଯାତ୍ରାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇଥିଲେ। ଚଳିତ ନିର୍ବାଚନରେ ପଶ୍ଚିମବଙ୍ଗବାସୀ ସୁନାର ବଙ୍ଗଳା ତିଆରି କରିବା ପାଇଁ ନିଶ୍ଚୟ ଭୋଟ ଦେବେ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦୃଢୋକ୍ତି ପ୍ରକାଶ କରିଥିଲେ।

## ଗୋଟିଏ ଦିନରେ ୧୩୭୯ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୧୧/୦୪ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୩୭୯ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୪୯୫୬୧କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି। ରାଜ୍ୟରେ ବର୍ତମାନ ସୁଦ୍ଧା ୩୩୯୨୦୦ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୭୦୦୩ ରହିଛି। ଆଜି ଚିହ୍ନଟ ହୋଇଥିବା ୧୩୭୯ ଜଣଙ୍କ ମଧ୍ୟରୁ ୮୦୮ ଜଣ ସଂଗରୋଧରୁ ହୋଇଥିବା ବେଳେ ୫୭୧ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି। ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ସୁନ୍ଦରଗଡ ଜିଲ୍ଲାରେ ସବୁଠାରୁ ଅଧିକ ୩୧୭ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି। ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୨୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୩୩ ଜଣ, ବରଗଡ଼ରୁ ୬୮ ଜଣ, ଭଦ୍ରକରୁ ୩୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି ବଲାଙ୍ଗୀରରୁ ୫୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୧, କଟକରୁ ୫୬ ଜଣ, ଦେବଗଡ ଜିଲ୍ଲାରୁ ୪ ଜଣ, ଢେଙ୍କାନାଳ ଜିଲ୍ଲାରୁ ୪ଜଣ, ଗଜପତି ଜିଲ୍ଲାରୁ ୩, ଗଞ୍ଜାମରୁ ୩୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଜଗତସିଂହପୁର ଜିଲ୍ଲାରୁ ୬ ଜଣ, ଯାଜପୁରରୁ ୧୯ ଜଣ, ଝାରସୁଗୁଡ଼ାରୁ ୪୨ ଜଣ, କଳାହାଣ୍ଡିରୁ ୩୦ ଜଣ, କନ୍ଧମାଳ ଜିଲ୍ଲାରୁ ୧୦ ଜଣ. କେନ୍ଦ୍ରାପଡ଼ାରୁ ୧୦ ଜଣ, କେନ୍ଦୁଝରରୁ ୩୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଖୋର୍ଦ୍ଧାରୁ ୧୫୮ ଜଣ, କୋରାପୁଟରୁ ୯ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ମୟୂରଭଞ୍ଜରୁ ୪୯ ଜଣ, ନବରଙ୍ଗପୁରରୁ ୭୧ ଜଣ, ନୟାଗଡ଼ରୁ ୧୮ ଜଣ, ନୂଆପଡ଼ାରୁ ୯୦ ଜଣ, ପୁରୀରୁ ୪୩ ଜଣ, ରାୟଗଡ଼ାରୁ ୨୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୮୬ ଜଣ, ସୋନପୁରରୁ ୧୪ ଜଣ, ସୁନ୍ଦରଗଡ଼ରୁ ୩୧୭ ଜଣ ଓ ଷ୍ଟେଟ୍ ପୁଲରୁ ୩୫ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ସତର୍କତା ଏବଂ ସଚେତନତା ହିଁ କରୋନାକୁ ରୋକିବାର ଶ୍ରେଷ୍ଠ ଉପାୟ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୧/୦୪ (ନି.ପ୍ର): ସତର୍କତା ଏବଂ ସଚେତନତା ହିଁ କରୋନାକୁ ରୋକିବାର ଶ୍ରେଷ୍ଠ ଉପାୟ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସେ ଟ୍ୱିଟ କରି କହିଛନ୍ତି ଯେ - ଦେଶରେ ବୃଦ୍ଧି ପାଉଥିବା କରୋନାର ଦ୍ୱିତୀୟ ଲହର ପୁଣିଥରେ ଆମ ସମସ୍ତଙ୍କ ପାଇଁ ଏକ ବଡ଼ ଆହ୍ୱାନ ଭାବେ ଉଭା ହୋଇଛି। ଆମର ସତର୍କତା ଏବଂ ସଚେତନତା ହିଁ ଏହାକୁ ରୋକିବାର ଶ୍ରେଷ୍ଠ ଉପାୟ। ରାଜ୍ୟରେ ଲକଡାଉନ ପରି ସ୍ଥିତିକୁ ଏଡ଼ାଇବା ପାଇଁ ମାସ୍କ ନିୟମିତ ପିନ୍ଧିବା ସହ କୋଭିଡ ନିୟମର କଡ଼ାକଡ଼ି ପାଳନ କରନ୍ତୁ ବୋଲି ସେ କହିଛନ୍ତି। ସେ କହିଛନ୍ତି ଯେ - ଆମେ ସତର୍କ ଏବଂ ସଚେତନ ହେଲେ ହିଁ କରୋନା ସଂକ୍ରମଣକୁ ପ୍ରତିରୋଧ କରିପାରିବା। ଆମର ସାମାନ୍ୟ ଅସାବଧାନତା ଏକ ବଡ଼ ବିପଦର କାରଣ ସାଜିପାରେ। ତେଣୁ କୋଭିଡ ନିୟମର କଡ଼ା ଅନୁପାଳନ ସହ ନିୟମିତ ମାସ୍କ ପରିଧାନ ଦ୍ୱାରା ଆସନ୍ତୁ ନିଜକୁ ତଥା ସମଗ୍ର ସମାଜକୁ ସୁରକ୍ଷିତ କରିବା ବୋଲି ସେ କହିଛନ୍ତି।

## ଶ୍ୱଶୁର ଘରୁ ୨ଲକ୍ଷ ଟଙ୍କା ନେଇ ବାପ ଘରକୁ ପଳାଇଲା ବୋହୂ : ଥାନାରେ ଅଭିଯୋଗ

ନୀଳଗିରି,୧୧/୦୪ (ନି.ପ୍ର): ଜନୈକ ବୋହୂ ଶ୍ୱଶୁର ଘରୁ ଔଷଧ କିଣିବାକୁ କହି ୨ଲକ୍ଷ ଟଙ୍କା ଧରି ଚମ୍ପଟ ମାରିବା ଘଟଣା ନୀଳଗିରିରେ ଚର୍ଚ୍ଚାର ବିଷୟ ପାଲଟିଛି। ଅପରପକ୍ଷରେ ନ୍ୟାୟ ସହିତ ଟଙ୍କା ଫେରି ପାଇବା ପାଇଁ ଶ୍ୱଶୁର ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନାଥାଉକି ନୀଳଗିରି ଥାନା ଅଧୀନ ଶ୍ୟାମସୁନ୍ଦରପୁର ଗ୍ରା.ପ.ର ରାଉଳଖୁଣ୍ଟା ଗ୍ରାମର ରମେଶ ମଲିକ ନିଜ ଝିଅ ବାହାଘର ପାଇଁ ଜମି ବିକ୍ରି କରି ଘରେ ୨ଲକ୍ଷ ଟଙ୍କା ରଖିଥିଲେ। ସରଳତାର ସୁଯୋଗ ନେଇ ବୋହୂ ମମତା ଘରୁ ଟଙ୍କା ନେଇ ପଳାଇଥିବା ଜଣାପଡ଼ିଛି। ରମେଶ ମଲିକ ଙ୍କ ପୁତ୍ର ବିଜୟ ମଲିକ ୩ବର୍ଷ ପୂର୍ବେ ଖନ୍ତାପଡ଼ା ଥାନା ଶ୍ରୀଜଙ୍ଗ ଗାଁରେ ମଦନା ମଲିକଙ୍କ ଝିଅକୁ ବୈଦିକ ରୀତିରେ ବିବାହ କରିଥିଲେ। ରମେଶ ମଲିକ ନିଜ ଝିଅ ବାହାଘର ପରେ ଧାର କରିଥିବା ଋଣକୁ ଶୁଝିବା ପାଇଁ ବାରିପଦା ଅଞ୍ଚଳରେ ଥିବା ଜମିକୁ ବିକ୍ରି କରି ୨ଲକ୍ଷ ଟଙ୍କା ନିଜ ବୋହୂ ମମତା ମଲିକ କୁ ରଖିବାକୁ ଦେଇଥିଲେ। ଶନିବାର ପୂର୍ବାହ୍ନରେ ଘର ଲୋକ କାମ କରିବାକୁ ଯାଇଥିବା ବେଳେ ଉକ୍ତ ୨ଲକ୍ଷ ଟଙ୍କାକୁ ଧରି ବାପ ଘର ଲୋକଙ୍କ ସହ ଚମ୍ପଟ ମାରିଥିବା ନେଇ ଶ୍ୱଶୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଶ୍ୱଶୁର ଘର ଲୋକ କାମରୁ ଫେରି ବୋହୂକୁ ଫୋନ କରିବାରୁ ସେ ଅସଭ୍ୟ ଭାଷାରେ ଗାଳି ଦେଇଥିବା ଅଭିଯୋଗ କରିଛନ୍ତି ଶ୍ୱଶୁର। ତେବେ ଔଷଧ କିଣିବା ବାହାନାରେ ବୋହୂ ଟଙ୍କା ଧରି ଛୁ ମାରିଥିବା ଘଟଣା ଅଞ୍ଚଳର ଚର୍ଚ୍ଚା ବିଷୟ ପାଲଟିଛି। ପୋଲିସ ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି।

# ନୈତିକ ମୂଲ୍ୟବୋଧର ଅବକ୍ଷୟ ହେଲେ ବ୍ୟଙ୍ଗ ସାହିତ୍ୟର ସୃଷ୍ଟି ହୁଏ

ଭଦ୍ରକ,୧୦।୪: କବି ଏକ ଅମାନିଆ ସ୍ରୋତ ଓ ଈଶ୍ୱରଙ୍କ ସହିତ କବିଙ୍କୁ ହିଁ ତୁଳନା କରାଯାଇ ପାରେ ବୋଲି ଶ୍ରୀମତୀ ବସନ୍ତ ମିଶ୍ରଙ୍କ ସମ୍ପାଦନାରେ ପ୍ରକାଶିତ ହାସ୍ୟ ଓ ବ୍ୟଙ୍ଗ ଧର୍ମୀ ପତ୍ରିକା ଆମ ବ୍ୟଙ୍ଗ ପସରାର ଉନ୍ମୋଚନ ଉତ୍ସବରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଆମ ବ୍ୟଙ୍ଗ ପସରାର ଉନ୍ମୋଚନ ସହିତ ଶ୍ରୀମତୀ ବସନ୍ତ ମିଶ୍ରଙ୍କର ଗୀତି କବିତା ସଂକଳନ 'ଚଇତି ସକାଳ' ଓ ଗଳ୍ପ ସଂକଳନ 'ସୂର୍ଯ୍ୟାସ୍ତର ଆଭା' ଉନ୍ମୋଚିତ ହୋଇଥିଲା। ଧାମନଗରର ମାନ୍ୟବର ବିଧାୟକ ବିଷ୍ଣୁ ସେଠୀଙ୍କ ବାସ ଭବନ ପରିସରରେ ଅନୁଷ୍ଠିତ ଏହି ପୁସ୍ତକ ଉନ୍ମୋଚନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରାଧ୍ୟାପିକା ଝରଣା ପଟ୍ଟନାୟକ ଯୋଗ ଦେଇ କହିଥିଲେ ଯେ, କବିତା ରଚନାରେ କବିଙ୍କର ବୟସ ବାଧକ ନୁହେଁ। ସମ୍ମାନିତ ବକ୍ତା ଓ ସମ୍ବର୍ଦ୍ଧିତ ପ୍ରତିଭା ସାହିତ୍ୟ ଏକାଡେମୀ ସଦସ୍ୟ କଥାକାର ପବିତ୍ର ପାଣିଗ୍ରାହୀ ତାଙ୍କ ବକ୍ତବ୍ୟରେ ଶ୍ରୀମତୀ ମିଶ୍ରଙ୍କ ଗଳ୍ପରେ ଅନୁଭବ ସହିତ କଳ୍ପନା ମିଶି ରହିଛି ବୋଲି କହିଥିବା ବେଳେ ମୁଖ୍ୟବକ୍ତା ଧାମନଗରର ମାନ୍ୟବର ବିଧାୟକ ତଥା ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ ଯୋଗ ଦେଇ କହିଥିଲେ ଯେ କବିତା ଲେଖୁଥିବା ମଣିଷଟି ଜଣେ ନିଆରା ମଣିଷ ଏବଂ କବିଟିଏ ମଧ ମା। ମା' ଠାରୁ ବିଶ୍ୱରେ ବଡ଼ କବି ନାହାନ୍ତି। ରାଜନୈତିକ, ସାମାଜିକ, ନୈତିକ ମୂଲ୍ୟବୋଧର ଅବକ୍ଷୟ ହେଲେ ବ୍ୟଙ୍ଗ ସାହିତ୍ୟର ସୃଷ୍ଟି ହୁଏ ବୋଲି ଶ୍ରୀଯୁକ୍ତ ସେଠୀ ପ୍ରକାଶ କରିଥିଲେ। କବି ଚିରକାଳ ଛଳଛଳ ଅବସ୍ଥାରେ ଥାଏ ବୋଲି 'ଚଇତି ସକାଳ' ଗୀତି କବିତା ବହିର ସମୀକ୍ଷା କରି ପୀତାମ୍ବର ମିଶ୍ର ମତପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ପଣ୍ଡିତ ଦୈତାରୀ ମହାପାତ୍ର ଶହେ ପୁରୁଷ ଯାହା ନ କରିପାରନ୍ତି ଜଣେ ନାରୀ କିନ୍ତୁ ତାହା ସମ୍ଭବ କରିପାରେ ବୋଲି କହିଥିଲେ। ଅନ୍ୟତମ ସମ୍ବର୍ଦ୍ଧିତ ପ୍ରତିଭା ବିଜୟ କୁମାର ବହଳୀ ବ୍ୟଙ୍ଗ ସାହିତ୍ୟ ମଣିଷର ଚାରିତ୍ରିକ ସୁଧାର ଆଣିଥାଏ ବୋଲି ମତ ରଖିଥିଲେ। ଅତିଥିମାନଙ୍କୁ ସୁଶ୍ରୀ ପ୍ରୀତିଲତା ପଣ୍ଡା ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ଗୌତମ ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। ସାଇ କଳ୍ପିତା ବେଦପାଠ କରିଥିବା ବେଳେ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ ରଶ୍ମିତା ପାଣିଗ୍ରାହୀ। ସମ୍ବର୍ଦ୍ଧିତ ପ୍ରତିଭା ପବିତ୍ର ପାଣିଗ୍ରାହୀଙ୍କ ଉଦ୍ଦେଶ୍ୟରେ ମାନପତ୍ର ଗୀତାରାଣୀ ଆଇଚ ପାଠ କରିଥିବା ବେଳେ ଅନ୍ୟତମ ସମ୍ବର୍ଦ୍ଧିତ ପ୍ରତିଭା ବିଜୟ କୁମାର ବହଳୀଙ୍କ ଉଦ୍ଦେଶ୍ୟରେ ଶରତ କୁମାର ନାୟକ ମାନପତ୍ର ପାଠ କରିଥିଲେ।

## ଜାତିର ପିତା ଗାନ୍ଧିଜୀଙ୍କ ଓଡ଼ିଶା ଆଗମନର ୧୦୦ବର୍ଷ ପୂର୍ତ୍ତି ଉପଲକ୍ଷେ ଆଲୋଚନା ଚକ୍ର

ଧାମନଗର,୧୧/୦୪ (ନି.ପ୍ର): ଜାତିରପିତା ମହାତ୍ମା ଗାନ୍ଧୀ ୧୯୨୧ ମସିହା ମାର୍ଚ୍ଚ ୨୩ତାରିଖ ଦୋଳ ପୂର୍ଣ୍ଣମୀ ଅବସରରେ ପ୍ରଥମ ଥର ପାଇଁ ଓଡ଼ିଶା ଆସିଥିଲେ। ଗାନ୍ଧୀଙ୍କ ଓଡ଼ିଶା ଆଗମନର ୧୦୦ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଂଚଳିକ ପୂଜ୍ୟପୂଜା ସଂସଦ ବନ୍ଧଟିଆ ଆନୁକୂଲ୍ୟରେ ଧାମନଗର ବ୍ଲକ ଅନ୍ତର୍ଗତ ବନସର ସ୍ମୃତ ଲକ୍ଷ୍ମୀନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ଅପରାହ୍ନରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ସଂସଦର ଉପଦେଷ୍ଟା ତଥା ବିଶିଷ୍ଟ ପଣ୍ଡିତ ଅର୍ଜୁନ ଚରଣ ପଣ୍ଡା ଅଧକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ପ୍ରଥମେ ବାପୁଜୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସଭ୍ୟ ମନୋଜ କୁମାର ଭୂୟାଁ ରାମଧୂନ୍ ଗାନ କରିଥିବାବେଳେ ସମ୍ପାଦକ ଅଜୟ ସାମଲ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଶିଷ୍ଟ କବି ବିଦ୍ୟାଧର ରାଉତ, ମନୋଜ କୁମାର ଜେନା, ହେମେନ୍ଦ୍ରନାଥ ମହାନ୍ତି, ହୃଷିକେଶ ପଣ୍ଡା, ମିତାମଞ୍ଜରୀ ବେହେରା ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଏହି ପୂଜ୍ୟପୂଜା କାର୍ଯ୍ୟକ୍ରମରେ ରାଧାବଲ୍ଲଭପୁର ପଂଚାୟତ ସରପଂଚ ଟୁନିବାଳା ବିଶ୍ୱାଳ, ବାଣୀକବି ପଣ୍ଡିତ ଦୟାନିଧି ମିଶ୍ର, ଅବସର ପ୍ରାପ୍ତ ବିଶିଷ୍ଟ ଶିକ୍ଷାବିତ୍ ରାମଚନ୍ଦ୍ର ସାହୁ, ସଂସଦର ଉପସଭାପତି ଦାମୋଦର ସାହୁଙ୍କ ସମେତ ମଂଚସୀନ ଅତିଥିମାନଙ୍କ ସହିତ ସଭ୍ୟ ଅର୍ଜୁନ ଚରଣ ସାହୁ, ଭାସ୍କର ଚନ୍ଦ୍ର ସାହୁ, ଭରତଚନ୍ଦ୍ର ମଲ୍ଲିକ, ଯୋଗଦେଇଥିଲେ।

# ଭଦ୍ରକ ସହରରେ ମନୁଷ୍ୟାକୃତ ପାନୀୟ ଜଳ ସମସ୍ୟାର ଉତ୍କଟ ରୂପ ନେଇଛି

## ବିଭାଗୀୟ ଉଚ୍ଚ ପଦାଧିକାରୀ ଓ ପ୍ରଶାସନ ବିରୁଦ୍ଧରେ ବିଶୋଦଗାର କଲା 'ଲୋ ଲ୍ୟାଣ୍ଡ ଇନ୍ ହେବିଟାଣ୍ଟ ଅଫ୍ ଭଦ୍ରକ'

ଭଦ୍ରକ,୧୧/୦୪ (ନି.ପ୍ର): ସମଗ୍ର ରାଜ୍ୟରେ ଏକ ସମ୍ବେଦନଶୀଳ ଓ ଉତ୍ତର ଓଡ଼ିଶାର ଉପକୂଳବର୍ତ୍ତୀ ଜିଲାଭାବେ ପରିଚିତ ଭଦ୍ରକରେ ମନୁଷ୍ୟାକୃତ ପାନୀୟ ଜଳ ସମସ୍ୟା ଏବେ ଉତ୍କଟ ଆକାର ଧାରଣ କରିଛି। କାରଣ ଅମୃତ ଯୋଜନା ଓ ଦୀର୍ଘଦିନରୁ ଜଳ ପରିମଳ ବିଭାଗ ଦ୍ୱାରା ସହରବାସୀଙ୍କୁ ଯୋଗାଇ ଦିଆଯାଉଥିବା ପାନୀୟ ଜଳ ଏବେ ବିଷାକ୍ତ ପାଲଟିଛି। ନିମ୍ନମାନର ପାଇପ୍ ଯୋଗାଣ ତଥା ଡ୍ରେନେଜ୍‌ର ବିପର୍ଯ୍ୟସ୍ତ ଅବସ୍ଥା ଯୋଗୁଁ ପାନୀୟ ଜଳ ଯୋଗାଣ ବିଭାଗ ଦ୍ୱାରା ଯୋଗାଇ ଦିଆଯାଉଥିବା ଶୁଦ୍ଧ ଜଳ ସହରର ଅନେକ ସ୍ଥାନରେ ନିମ୍ନମାନର ପାଇପ୍ ଦ୍ୱାରା ନିଷ୍କାସିତ ହେଉଥିବାବେଳେ ଅନେକ ସ୍ଥାନରେ ଅପରିଷ୍କୃତ ନାଳ ନର୍ଦ୍ଦମା ଜଳ ଫଟା



ପାଇପ୍ ମଧ୍ୟକୁ ପ୍ରବେଶ କରି ଲୋକଙ୍କୁ ବିଭିନ୍ନ ରୋଗରେ ପୀଡିତ କରାଉଛି। ବିଶେଷକରି ଭଦ୍ରକ ସହର ଏକ ସଂଖ୍ୟାଲଘୁ ବହୁଳ ଅଂଚଳ ଅଟେ। ପୌରପାଳିକାରେ ବସବାସ କରୁଥିବା ଅଧିକାଂଶ ଲୋକଙ୍କର ଶିକ୍ଷାଗତ ଯୋଗ୍ୟତା କମ୍ ଥିବାରୁ ସେମାନେ ଏଭଳି ଉଦ୍‌ବେଗ ଜନକ ପରିସ୍ଥିତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିପାରୁନାହାଁନ୍ତି। ଯେଉଁଥିପାଇଁ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀ ଅମୃତ ଯୋଜନା ଭଳି ଏକ ଜନହିତକାରୀ କାର୍ଯ୍ୟକୁ ହାତକୁ ନେଇଥିବା କେତେକ ଅସାଧୁ ଘରୋଇ କଂପାନୀ, ପ୍ରଶାସନ ଓ ଜନନେତାଙ୍କ ଇଚ୍ଛାଶକ୍ତିର ଅଭାବରୁ ସହରବାସୀ ନିଜ ଅଜାଣତରେ ବିଶୁଦ୍ଧ ପାନୀୟ ଜଳ ବଦଳରେ ବିଷାକ୍ତ ଜଳ ପାନକରି ମୃତ୍ୟୁମୁଖକୁ ଠେଲି ହୋଇଯାଉଛନ୍ତି ବୋଲି ଆଜି ଲୋ ଲ୍ୟାଣ୍ଡ ଇନ୍ ହେବିଟାଣ୍ଟ ଅଫ୍ ଭଦ୍ରକ ସଂସ୍ଥା ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଶିଷ୍ଟ ସମାଜସେବୀ ସଲାମ ଭାଇ, ପବନ କୁମାର ବାଗାଡିଆ ଓ ତାଜ୍ ମହମ୍ମଦ ଖାନ୍ ପ୍ରମୁଖ ଅଭିଯୋଗ କରିଛନ୍ତି। ଭଦ୍ରକର ବାଇପାସସ୍ଥିତ ସୋସାଇଟ ଫର ଉଇକର କମ୍ୟୁନିଟିର ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ଉପରୋକ୍ତ କାର୍ଯ୍ୟକର୍ତ୍ତାମାନେ ସରକାରଙ୍କ ସେଭ୍ ଡ୍ରିଙ୍କିଂ ୱାଟରର ନାରା କିଭଳି ଭଦ୍ରକ ସହରରେ ବିଫଳ ହୋଇ ଏକ ପ୍ରହସନରେ ପରିଣତ ହୋଇଛି, ସେ ସଂପର୍କରେ ସୂଚନା ଦେଇଥିଲେ।

# ରୋଟାରୀ କ୍ଲବ ଭୁବନେଶ୍ୱର ସେଂଟ୍ରାଲ ଦ୍ୱାରା କୋଭିଡ୍-୧୯ ସଚେତନତା ରଥର ଶୁଭ ଉଦ୍‌ଘାଟନ

ଭୁବନେଶ୍ୱର,୧୧/୦୪ (ନି.ପ୍ର): ରୋଟାରୀ କ୍ଲବ ଭୁବନେ୍‌ଵର ସେଂଟ୍ରାଲର ଅଧକ୍ଷ ଡଃ ବଦ୍ରିନାଥ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ କୋଭିଡ୍-୧୯ ସଚେତନତା ରଥ ଉଦ୍‌ଘାଟନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ବରିଷ୍ଠ ରୋଟାରିଆନ୍ ତଥା ପ୍ରାକ୍ତନ ଜିଲ୍ଲା ଗଭର୍ଣ୍ଣର ନରେନ୍ଦ୍ର ମିଶ୍ର ପ୍ରାକ୍ତନ ଭାରତୀୟ ପ୍ରଶାସନିକ ସେବା ତଥା ବିଶିଷ୍ଟ ସମାଜସେବି ଭାବରେ ପରିଚିତଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଶ୍ରୀ ନରେନ୍ଦ୍ର କୁମାର ମିଶ୍ର ଉଦ୍‌ଘାଟନ କରି ଉକ୍ତ ପ୍ରଚେଷ୍ଟାକୁ ଖୁବ୍ ପ୍ରଶଂସା କରିଥିଲେ ଏବଂ ଆଜିର ସମୟରେ କୋଭିଡ୍ ଟିକାକରଣ ଏପ୍ରିଲ୍-୧୧ରୁ ଏପ୍ରିଲ୍ ୧୪ ପର୍ଯ୍ୟନ୍ତ ଭାରତର ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଟୀକାକରଣ ଦିବସ ଭାବରେ ସମସ୍ତ ନାଗରିକମାନଙ୍କର ପାଳନ କରିବା ଉଚିତ୍ ବୋଲି ସୂଚାଇ ଥିଲେ। ଏହାକୁ ଭୁବନେଶ୍ୱର କ୍ଲବ୍ ସେଂଟ୍ରାଲ ପକ୍ଷରୁ ଏହି ପ୍ରଚେଷ୍ଟା ଯେଉଁଭଳି ଭାବରେ ସାରା ବିଶ୍ୱରେ ପୋଲିଓ ଟୀକାକରଣ ରୋଟାରୀ ମାଧ୍ୟମରେ ବିଶ୍ୱକୁ ପୋଲିଓ ମୁକ୍ତ କରିବା ପାଇଁ ସମସ୍ତ ପ୍ରଚେଷ୍ଟା କରାଯାଇଥିଲା। ବର୍ତ୍ତମାନ ପରିସ୍ଥିତିରେ କୋଭିଡ୍-୧୯ ଟୀକାକରଣକୁ ଯେଉଁ ପ୍ରଚେଷ୍ଟା ଆରମ୍ଭ କରାଯାଇ କୋଭିଡ୍ ସଚେତନତା ରଥ ଭାବରେ ଆଗେ ନେବାକୁ ଚେଷ୍ଟା କରିଛନ୍ତି ତାହା କେବଳ ପ୍ରଭୁ ଜଗନ୍ନାଥ ହିଁ ଆଶୀର୍ବାଦ ଦେବେ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଅନ୍ୟାନ୍ୟ ସମ୍ମାନୀତ ଅତିଥିମାନଙ୍କ ମଧ୍ୟରେ ରୋଟାରିୟାନ ଡଃ. ସୈରେନ୍ଦ୍ର କୁମାର ମହାପାତ୍ର, ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ଜ୍ୟୋତିଶଙ୍କର ମହାନ୍ତି, ନିବେଦିତା ପଟ୍ଟନାୟକ, ଏଲୋରା ରାୟ ପ୍ରମୁଖ ଯାଗ ଦେଇଥିଲେ।

# ସମାଜସେବୀ ମଧୁବାବୁଙ୍କ ସ୍ମୃତିସଭା

ବସ୍ତା,୧୧।୪ (ନି.ପ୍ର.) : ସମାଜସେବୀ ମଧୁସୂଦନ ବେହେରାଙ୍କ ସ୍ମୃତିଚାରଣ ସଭା ରବିବାର ବସ୍ତା ଘୋଷ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ପୂର୍ବତନ ବିଧାୟକ ଦେବୀପ୍ରସନ୍ନ ଚାନ୍ଦ, ଶ୍ୟାମାପ୍ରସାଦ ବେହେରା, ସରପଞ୍ଚ ଅନୀଲକୁମାର ମହାନ୍ତି, ପୂର୍ବତନ ସରପଞ୍ଚ ସତ୍ୟନାରାୟଣ ଗୁପ୍ତା, ଦେବେନ୍ଦ୍ର ନାୟକ, ଅଧ୍ୟାପକ ବିଜୟକୁମାର ଘୋଷ, ଅଧ୍ୟାପକ ଗୋବର୍ଦ୍ଧନ ଦଳାଇ, ନୀଳାଦ୍ରୀ ମିଶ୍ର, ସମିତିସଭ୍ୟ ରବୀନ୍ଦ୍ର ଦାସ, ଡ. ପ୍ରଦୀପକୁମାର ମିଶ୍ର, ବିଜୟ କୁମାର ରାଉଳ, ଦେବାଶିଷ ମହାପାତ୍ର, ମହାଦେବ ଦାସ, ପ୍ରସନ୍ନକୁମାର ବେହେରା, କୁମୁଦରଂଜନ ଗିରି, ମହେନ୍ଦ୍ରକୁମାର ମହାନ୍ତି, ଗୌରାଙ୍ଗଚନ୍ଦ୍ର ବେହେରା, ଅସିତକୁମାର ମହାନ୍ତି, ଶଙ୍କରକୁମାର କର, ରଂଜନକୁମାର ମହାନ୍ତି, ଅରୁଣକୁମାର ମଣ୍ଡଳ, ଧ୍ରୁବଚରଣ ନାୟକ, ଦାମୋଦର ପ୍ରଧାନ, ବିରାଜ ସିଂଦେଓ, ଲକ୍ଷ୍ମୀନାରାୟଣ ସାହୁ, ସାମ୍ବାଦିକ ରାମଚନ୍ଦ୍ର ଦେବ, ସୁଶାନ୍ତ ପ୍ରଧାନଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉଦ୍‌ବୋଧନ ଦେଇ ମଧୁବାବୁଙ୍କ ରାଜନୈତିକ ଓ ସାମାଜିକ କାର୍ଯ୍ୟ ସଂପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗଗନବିହାରୀ ଜେନା ସଂଚାଳନ କରିଥିବା ବେଳେ ସ୍ୱର୍ଗତ ବେହେରାଙ୍କ ସାନପୁଅ ବିବେକ ନାରାୟଣ ଧନ୍ୟବାଦ ଅର୍ପଣ କରିଥିଲେ।



# ନିରପେକ୍ଷ ଓ ନିଃସ୍ୱାର୍ଥପର ସେବାହିଁ ସ୍ୱେଚ୍ଛାସେବୀର କର୍ତ୍ତବ୍ୟ

## ଶ୍ରୀମା ମହିଳା ମହାବିଦ୍ୟାଳୟରେ ଏନଏସ୍‌ଏସ୍ ଅରିଏନ୍‌ଟେସନ୍ କାର୍ଯ୍ୟକ୍ରମ

ବାରିପଦା,୧୧/୦୪ (ନି.ପ୍ର): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ବାରିପଦାର ଶ୍ରୀମା ମହିଳା ମହାବିଦ୍ୟାଳୟ ଠାରେ +୩ ଏନଏସଏସ ବିଭାଗର ଅରିଏନଟେସନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଡ଼ଃ ନଟବର ଗିରିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ସ୍ଥିତ ଓୟୁଏଟି ବିଶ୍ୱବିଦ୍ୟାଳୟର ଏନଏସଏସ ତାଲିମ ଶିକ୍ଷକ ଡ଼ଃ ନିରୋଦ ବରଣ ଖୁଂଟିଆ ଏବଂ ସମ୍ମାନୀତ ଅତିଥି ଭାବରେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱ ବିଦ୍ୟାଳୟର ଡିପିଓ ସ୍ମୃତି ରଞ୍ଜନ ଦାସ ଯୋଗ ଦେଇ ନିରପେକ୍ଷ ଓ ନିଃସ୍ୱାର୍ଥପର ସେବାହିଁ ସ୍ୱେଚ୍ଛାସେବୀର କର୍ତ୍ତବ୍ୟ ବୋଲି ନିଜ ଅଭିଭାଷଣରେ କହିଥିଲେ। କୋଭିଡ ଗାଇଡଲାଇନ ଅନୁସାରେ ସ୍ୱେଚ୍ଛାସେବୀ ମାନେ ମାକ୍ସ ପିନ୍ଧି ସମଦୂରତା ରକ୍ଷା କରି ଶିବିରରେ ଯୋଗ ଦେଇଥିଲେ।

# ପୁଣି ନୂଆ ୩୬ କରୋନା ଆକ୍ରାନ୍ତ, ମୋଟ ସକ୍ରିୟ ୧୫୫

ଭଦ୍ରକ,୧୧/୦୪ (ନି.ପ୍ର): ଜିଲ୍ଲାରୁ ପୁଣି ନୂଆ ୩୬ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ୪ଜଣ ଆକ୍ରାନ୍ତ ସୁସ୍ଥ ହୋଇଥିବା ବେଳେ ଜିଲ୍ଲାରେ ଆଉ ୧୫୫ଜଣ ସକ୍ରିୟ ଆକ୍ରାନ୍ତ ଚିକିତ୍ସାଧୀନ ଅଛନ୍ତି। ମୋଟ ୩ଲକ୍ଷ ୨୧ହଜାର ୫୯୯ଜଣଙ୍କ ନମୁନା ପରୀକ୍ଷା ପରେ ୭ହଜାର ୬୯୫ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ମୋଟ ସୁସ୍ଥ ହୋଇଛନ୍ତି ୭ହଜାର ୫୧୫ ଜଣ ସୁସ୍ଥ ହୋଇଛନ୍ତି। ନୂଆ ଚିହ୍ନଟଙ୍କ ମଧ୍ୟରେ ଭଦ୍ରକ ବ୍ଲକର ୨ଜଣ ବ୍ୟକ୍ତି ଜଣେ ସମ୍ ହସ୍ପିଟାଲରୁ ଓ ଅନ୍ୟ ଜଣେ ଏସ୍‌ସିବି ମେଡ଼ିକାଲରୁ ଚିହ୍ନଟ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଭଦ୍ରକ ପୌରପାଳିକାର ୬ ନଂୱାର୍ଡ ବାଇପାସ୍‌ରୁ ଜଣେ, ୫ ନଂ ୱାର୍ଡ ଚରମ୍ପାରୁ ଜଣେ ଚିହ୍ନଟ ହୋଇଛନ୍ତି। ଭଦ୍ରକ ବ୍ଲକର ସରଗଡ଼ିଆ ଗ୍ରାମରୁ ୧୫ଜଣ, ଚଢେୟା ଗ୍ରାମରୁ ଜଣେ, ଆମ୍ବରୋଳି ଗ୍ରାମରୁ ଜଣେ, କାଟୁଣି ଗ୍ରାମରୁ ଜଣେ, ବଣିଆ ଗ୍ରାମରୁ ଜଣେ, ସିଙ୍ଗିଡା ଗ୍ରାମରୁ ଜଣେ, ଚରମ୍ପାରୁ ୨ଜଣ, ବନ୍ତ ବ୍ଲକର ସନ୍ଧାଡୋ ଗ୍ରାମରୁ ଜଣେ, ସୁଆଁପଡ଼ା ଗ୍ରାମରୁ ଜଣେ, ଚାନ୍ଦବାଲି ବ୍ଲକର ମୌସୁଧା ଫାର୍ଶୀବନ୍ଧ ଗ୍ରାମରୁ ଜଣେ, ଚାନ୍ଦବାଲି ଏନ୍‌ଏସିର ଶାସ୍ତ୍ରୀଘାଟରୁ ଜଣେ, ଧାମନଗର ଏନ୍‌ଏସିର କାଜିମହଲା ଗ୍ରାମରୁ ଜଣେ, ତିହିଡ଼ି ବ୍ଲକର ଆର୍‌ସା ଗ୍ରାମରୁ ଜଣେ, ଭଣ୍ଡାରିପୋଖରୀ ନପଙ୍ଗ ପଞ୍ଚାୟତରୁ ଜଣେ, ଅନ୍ୟ ଜିଲ୍ଲା ବାଲେଶ୍ୱରର ସିମୁଳିଆ ବ୍ଲକରୁ ୩ଜଣ ଚିହ୍ନଟ ହୋଇଛନ୍ତି।

## ଦିଲ୍ଲୀରେ ଗତ ୨୪ ଘଂଟାରେ ୧୦,୭୭୪ କରୋନାର ନୂଆ ମାମଲା

ଦିଲ୍ଲୀ,୧୧/୦୪ (ନି.ପ୍ର): ଦିଲ୍ଲୀରେ ଗତ ୨୪ ଘଂଟାରେ ୧୦,୭୭୪ ନୂଆ କରୋନାର ମାମଲା ସାମନାକୁ ଆସିଛି। ଏହି ସମୟ ମଧ୍ୟରେ ୪୮ ଜଣଙ୍କର ମୃତ୍ୟୁ ଘଟିଛି। ଦିଲ୍ଲୀ ପ୍ରଶାସନ ପକ୍ଷରୁ ଏହି ସୂଚନା ଦିଆ ଯାଇଛି। ଏହା ସହିତ ରାଜ୍ୟରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ୭,୨୫,୧୯୭ ହୋଇ ଯାଇଛି।

# ପୌର ପ୍ରଶାସନର ଶୁଳ୍କବୃଦ୍ଧି ପ୍ରତିବାଦରେ-କଂଗ୍ରେସ ପକ୍ଷରୁ ହାଇକୋର୍ଟରେ ମାମଲା

ବାରିପଦା,୧୧/୦୪ (ନି.ପ୍ର): ବାରିପଦା ପୌରପରିଷଦ ପକ୍ଷରୁ କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ପୌର ପ୍ରଶାସନର ଶୁଳ୍କବୃଦ୍ଧି ଉପରେ ପ୍ରତିବାଦ ପୂର୍ବକ ବର୍ଦ୍ଧିତ ଶୁଳ୍କ ପ୍ରତ୍ୟାହାର ପାଇଁ ବାରିପଦା ନଗର କଂଗ୍ରେସ ପକ୍ଷରୁ ମାନ୍ୟବର ଉଚ୍ଚ ନ୍ୟାୟଳୟଙ୍କ ଦ୍ୱାରସ୍ଥ ହୋଇଥିବା ଜଣାଯାଇଛି। ଏକ ଜନସ୍ୱାର୍ଥ ମାମଲା ଡବ୍ଲ୍ୟୁପି(ସି) ନଂ-୧୩୪୬୪/୨୦୨୧ରେ ରୁଜୁ ପୂର୍ବକ ପ୍ରତିପକ୍ଷଙ୍କୁ ନୋଟିସ୍ କରାଯାଇଛି। ବାରିପଦା ପୌର ପରିଷଦ ଅଧୀନରେ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଟିକସ ଆଦାୟ କରାଯାଉଥିଲା ବେଳେ ଏହାକୁ ବିରୋଧ କରି ଜିଲ୍ଲା କଂଗ୍ରେସ ପକ୍ଷରୁ ଏହାକୁ ସ୍ଥଗିତ ରଖିବା ପାଇଁ ସମ୍ପୃକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଦାବୀପତ୍ର ମୂଳେ ବିଚାର କରାଯିବ ବୋଲି ଅଧିକାରୀ ପ୍ରତିଶୃତି ଦେଇଥିବା ବେଳେ, ପୌରପରିଷଦ ପକ୍ଷରୁ କୌଣସି ପଦକ୍ଷେପ ନିଆନଯାଇ ଟ୍ୟାକ୍ସ ଆଦାୟ ଚାଲିଥିବାରୁ ନଗର କଂଗ୍ରେସ ବାରିପଦା ନଗର ସଭାପତି ଶାନ୍ତନୁ ପାଲ ମାନ୍ୟବର ଉଚ୍ଚ ନ୍ୟାୟଳୟଙ୍କ ଦ୍ୱାରସ୍ଥ ହୋଇଛନ୍ତି ବୋଲି ଜଣାଇଛନ୍ତି। ଉକ୍ତ ମାମଲାକୁ ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ରାଜେନ୍ଦ୍ର ରାଉତ ଏବଂ ରୋନକ ରାଉତ ପରିଚାଳନା କରୁଛନ୍ତି।

# ପୁରୁଣାବାଲେଶ୍ୱର କ୍ରିକେଟ ପ୍ରିମିୟର ଲିଗ ଉଦ୍‌ଘାଟିତ

ବାଲେଶ୍ୱର,୧୧/୦୪ (ନି.ପ୍ର): ବାଲେଶ୍ୱର ସହରର ପୁରୁଣା ବାଲେଶ୍ୱର ଠାରେ ରବିବାର ଦିନ ପୁରୁଣା ବାଲେଶ୍ୱର ପ୍ରିମିୟର ଲିଗ୍ ସିଜିନ୍ ୭ ଉଦଘାଟିତ ହୋଇଯାଇଛି। ପୁରୁଣା ବାଲେଶ୍ୱର ଯୁବକ ସଂଘ ଆନୁକୂଲ୍ୟରେ ଅଚାନକ ପଡିଆରେ ଆୟୋଜିତ ଟୁର୍ଣ୍ଣାମେଣ୍ଟକୁ ସ୍ଥାନୀୟ ଅଂଚଳର ବରିଷ୍ଠ ଖେଳାଳୀ ମନ୍ମଥ ସ୍ୱାଇଁ ଉଦ୍‌ଘାଟନ କରିବା ସହ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଏକ ମାସ ବ୍ୟାପୀ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ସ୍ଥାନୀୟ ଅଂଚଳର ୭ଗୋଟି ଟିମ ଅଂଶ ଗ୍ରହଣ କରୁଛନ୍ତି। ପ୍ରତ୍ୟେକ ଦିନ ଗୋଟଏ ଲେଖାଁଏ ମ୍ୟାଚ ଅନୁଷ୍ଠିତ ହେବ ଏବଂ ଶନିବାର ଓ ରବିବାର ଦିନ ଦୁଇଟି ମ୍ୟାଚ ଖେଳାଯିବ। ସେହିପରି ଆସନ୍ତା ଏପ୍ରିଲ ମାସରେ ଏହା ଉଦଯାପିତ ହେବ। ଏଥିରେ ଶ୍ରେଷ୍ଠ ଖେଳାଳୀଙ୍କ ସମେତ ଚମ୍ପିୟାନ ଓ ରନର୍ସ ଅପ୍ ଟିମଙ୍କୁ ପୁରସ୍କୃତ କରାଯିବ ବୋଲି ଆୟୋଜକ କମିଟିର କର୍ମକର୍ତ୍ତା ମାନେ ସୂଚନା ଦେଇଛନ୍ତି। ବଜରଙ୍ଗୀ ଏକାଦଶ ଏବଂ ବାଟ ମଙ୍ଗଳା ୱାରିୟରର୍ସ ମଧ୍ୟରେ ଉଦଘାଟନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ବାଟ ମଙ୍ଗଳା ୱାରିୟରର୍ସ କ୍ଲବ ଟସ୍ ଜିଣି ପ୍ରଥମେ ଫିଲଡ଼ିଂ କରିବାକୁ ନିଷ୍ପତ୍ତି ନେଇଥିଲା। ବଜରଙ୍ଗୀ ଏକାଦଶ ବ୍ୟାଟିଂ କରି ୪୦ ରନ୍ ରେ ଅଲ ଆଉଟ ହୋଇଯାଇଥିଲା। ଏହାର ଜବାବରେ ୫ ଓଭରରେ ୩ ୱିକେଟ ବିନିମୟରେ ବାଟ ମଙ୍ଗଳା ୱାରିୟରର୍ସ ସ୍କୋର କରି ବିଜୟୀ ଘୋଷିତ ହୋଇଥିଲା। ମନୋରଞ୍ଜନ ମହାପାତ୍ର, ଗୟାଧର ବେହେରା ଅମ୍ପିୟାର ଭାବେ ପ୍ରଥମ ଦିନର ମ୍ୟାଚକୁ ପରିଚାଳନା କରିଥିଲେ। ସଂଗଠନର ସମସ୍ତ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

## କୋର୍ଟର ନିର୍ଦ୍ଦେଶକୁ ପୁଲିସ୍‌ର ଅବମାନନା : ହେଉନି ତଦନ୍ତ

ଜଳେଶ୍ୱର, ୧୧/୪ (ନିପ୍ର) : ଜଳେଶ୍ୱର ଥାନା ଅନ୍ତର୍ଗତ ସୁଗୋ ପଂଚାୟତର ଖରଡାବିନ୍ଧା ଗାଁର ଅରୁଣ କୁମାର ରାଜଙ୍କ ଘରେ ଗତ କିଛିମାସ ପୂର୍ବରୁ ଡକାୟତି ହୋଇଥିଲାବେଳେ ସେ ନାମ୍ପୋ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ଏଥିନେଇ ପୁଲିସ୍ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବାର ସେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ସେହି ଗାଁର ନିର୍ମଳେନ୍ଦୁ ସେନାପତି, ଝୁନା ସେନାପତି ଓ ପୂଜା ସେନାପତି ବିଭିନ୍ନ ସମୟରେ ଅରୁଣଙ୍କୁ ଦେଖି ତାଚ୍ଛଲ୍ୟ ଓ ଅଶ୍ଳିଳ ଭାଷାରେ ଗାଳିଗୁଲଜ କରିବା ସହ ମାରି ଦେବାର ଧମକ୍ ଦେଇଛନ୍ତି। ପୁଲିସ୍‌ର ନିଷ୍କ୍ରିୟତା ଯୋଗୁଁ ସେ ଜଳେଶ୍ୱର ଜେଏମ୍‌ଏଫସି କୋର୍ଟରେ ୧୭୩/୨୦ରେ ଏକ ମାମଲା ରୁଜୁ କରିଥିଲେ। ଫଳରେ ମାନ୍ୟବର କୋର୍ଟ ଏ ସଂପର୍କରେ ତଦନ୍ତ କରିବାକୁ ଗତ ୩୧-୩-୨୧ରେ ଜଳେଶ୍ୱର ଥାନାକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ହୋଇନଥିବାର ଅରୁଣ କୁମାର ରାଜ ଆଜି ସାମ୍ବାଦିକ ମାନଙ୍କୁ ସୂଚନା ଦେଇଛନ୍ତି। ଉଚ୍ଚ କର୍ତ୍ତୃପକ୍ଷ ଉକ୍ତ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଲାଗି ସେ ଦାବି କରିଛନ୍ତି ଅନ୍ୟଥା ତାଙ୍କୁ ହତ୍ୟା କରାଯିବାର ମସୁଧା ଚାଲିଥିବାର ସେ ଅଭିଯୋଗ କରିଛନ୍ତି।

# 'ହେଲଦି ଲାଇଫ' ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା ଶିବିର

ବାଲେଶ୍ୱର,୧୧/୦୪ (ନି.ପ୍ର): ବାଲେଶ୍ୱରର ଅଗ୍ରଣୀ ଯୋଗ ଶିକ୍ଷାନୁଷ୍ଠାନ 'ହେଲଦି ଲାଇଫ' ଓ ଇନଷ୍ଟିଚ୍ୟୁଟ ଅଫ ନେଚର କିଓର ଏଣ୍ଡ ଯୌଗିକ୍ ସାଇନ୍ସ ପକ୍ଷରୁ ଏକ ସ୍ୱାସ୍ଥ୍ୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସହରର ବିବେକାନନ୍ଦ ମାର୍ଗସ୍ଥିତ ହେଲଦି ଲାଇଫ୍ ପରିସରରେ ଆୟୋଜିତ ଶିବିରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ଚିକିତ୍ସକ ଡାକ୍ତର ରତ୍ନାକର ଦାସ ଏଥିରେ ଯୋଗଦେଇ ନିରୋଗ ସ୍ୱାସ୍ଥ୍ୟରକ୍ଷା କ୍ଷେତ୍ରରେ ହେଲଦି ଲାଇଫର ଏହି ଉଦ୍ୟମ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଥିଲେ। ସାମ୍ପ୍ରତିକ ସମାଜରେ ଅନାବଶ୍ୟକ ରୋଗ ବୃଦ୍ଧି ପାଇ ଚାଲିଥିବା ବେଳେ ଶରୀର ପାଇଁ ପ୍ରାକୃତିକ ଚିକିତ୍ସା ସାଙ୍ଗକୁ ଖାଦ୍ୟ ସଂଯମତା ଓ ଯୋଗ-ପ୍ରାଣାୟମର ଆବଶ୍ୟକତା ଉପରେ ଡାକ୍ତର ଦାସ ଗୁରୁତ୍ୱାରୋପ କରିଥିଲେ। ଯୋଗ ଅଧାପିକା ଶିତଳା ଦାସ ଏହି ଶବିରରେ ଯୋଗଦେଇ ନିରୋଗ ଜୀବନ ଯାପନ ପାଇଁ ଯୋଗ ଓ ପ୍ରାକୃତିକ ଚିକିତ୍ସାର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ହେଲଦି ଲାଇଫ ସଂସ୍ଥାର ନିର୍ଦ୍ଦେଶକ ଡାକ୍ତର ଚିତରଂଜନ ସାହୁ ଓ ସମ୍ପାଦିକା ଦେବୀ ଅର୍ଚ୍ଚନା ଏହି ଶିବିରକୁ ପରିଚାଳନା କରିଥିଲେ। ରୋଗ ମୁକ୍ତ ଭାରତ ନିର୍ମାଣ ପାଇଁ ହେଲଦି ଲାଇଫ୍ ପକ୍ଷରୁ ଏହିଭଳି ଶିବିର ନିୟମିତ ଆୟୋଜନ କରାଯାଉଥିବା ଡାକ୍ତର ସାହୁ ପ୍ରକାଶ କରିଥିଲେ। ଏହି ଶିବିରରେ ଯୋଗଦେଇଥିବା ଶିବିରାର୍ଥୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ସେମାନଙ୍କୁ ସ୍ୱତନ୍ତ୍ର ଚିକିତ୍ସା ଓ ଔଷଧ ପ୍ରଦାନ କରାଯାଇଥିଲା। ଏଥିରେ ଅଭିଷେକ ଦାସ ଶିବିରର୍ଥୀମାନଙ୍କୁ ଯୋଗଭ୍ୟାସ କରାଇଥିଲେ। ସନ୍ଧ୍ୟା ମହାରଣା, ଜୟଶ୍ରୀ ମହାପାତ୍ର, ଅନୀତା ଦାସ ପ୍ରମୁଖ ଏହିଭଳି ଶିବିର ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ। ସହର ସମେତ ବାଲେଶ୍ୱର ଜିଲାର ବିଭିନ୍ନ ଅଞ୍ଚଳରୁ ବହୁ ବ୍ୟକ୍ତି ଏହି ଶିବିରରେ ଯୋଗଦେଇଥିଲେ।



# ଶିକ୍ଷା ବିଭାଗର କାର୍ଯ୍ୟାଳୟ କହେ, 'ଓଡ଼ିଆ ଛାଡ଼ ଇଂରାଜୀ ପଢ଼'

ଉଦଳା,୧୧/୦୪ (ନି.ପ୍ର): ଉଦଳାସ୍ଥିତ ଗୋଷ୍ଠୀ ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଲଗାଯାଇଥିବା ମୁଖ୍ୟ ନାମ ଫଳକଟି ଉପରେ ଥରଟିଏ ନଜର ଦିଅନ୍ତୁ। ଇଂରାଜୀରେ ଉକ୍ତ କାର୍ଯ୍ୟାଳୟର ନାମ ଫଳକଟିକୁ ବଡ଼ ବଡ଼ ଅକ୍ଷରରେ ଏବଂ ସର୍ବ ସାଧାରଣ ଦେଖିଲା ଭଳି ସ୍ଥାନରେ ଖୁବ୍ ସୁନ୍ଦର ଭାବେ ଲଗାଯାଇଛି। ଏହାକୁ ନେଇ ଏବେ ସାଧାରଣରେ ଚର୍ଚ୍ଚା ଯୋର ଧରିଛି। ସମସ୍ତ ସରକାରୀ କାର୍ଯ୍ୟାଳୟର ନାମ ଫଳକ ଓଡ଼ିଆ ଅକ୍ଷର ଏବଂ ଓଡ଼ିଆ ଭାଷାରେ ଲେଖାଯିବା ପାଇଁ ସରକାରୀ ନିର୍ଦ୍ଦେଶ ଥିଲେ ମଧ ଉଦଳା ଗୋଷ୍ଠୀ ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟ ଏହାକୁ ଖୋଲାଖୋଲି ଉଲଙ୍ଘନ କରିଚାଲିଛି। ଖାଲି ସେତିକି ନୁହେଁ




ଉକ୍ତ ନାମ ଫଳକକୁ ନେଇ ବିଭିନ୍ନ ମହଲରେ ନାନା ପ୍ରକାର କଥା ଶୁଣିବାକୁ ମିଳୁଛି। କେତେକ ସରକାରୀ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କର ଏ ହେଉଛି ବାସ୍ତବ ରୂପ ବୋଲି କହୁଥିବା ବେଳେ, ଆଉ କେତେକ ପିଲାଙ୍କୁ ନିୟମିତ କଣ୍ଠସ୍ଥ କରାଉଥିବା 'ମାତୃ ଭୂମି ମାତୃ ଭାଷାରେ ମମତା...' ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ସର୍କସ ପାର୍ଟିର ଜଣେ ଜଣେ ଜୋକର ବୋଲି ମତ ଦେବାରେ ଲାଗିଛନ୍ତି। ମୋଟା ମୋଟି ଭାବରେ ସରକାରୀ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ପୂର୍ବରୁ ଯେଉଁ ସମ୍ମାନର ଅଧିକାରୀ ଥିଲେ ତାହା ଉଦଳାରେ ସମ୍ପୂର୍ଣ୍ଣ ହରାଇ ବସିଚନ୍ତି ବୋଲି ଶୁଣିବାକୁ ମିଳୁଛି।

# ସିପିଆଇ ପକ୍ଷରୁ ବିଦ୍ୟୁତ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣ ବିକ୍ଷୋଭ

ବାରିପଦା,୧୧/୦୪ (ନି.ପ୍ର): ଭାରତୀୟ କମ୍ୟୁନିଷ୍ଟ ପାର୍ଟି, ଯାମୁନ୍ତି ଶାଖା ପକ୍ଷରୁ ବିଦ୍ୟୁତ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିବା ଜଣାଯାଇଛି। କରୋନା ମହାମାରୀର ଅଘୋଷିତ ତାଲାବନ୍ଦ ଫଳରେ ସବୁ ବର୍ଗର ଜନ ସାଧାରଣଙ୍କ ଜୀବନଜୀବିକା ଓ ଆର୍ଥିକ ଅବସ୍ଥା ଦୁର୍ବଳ ହୋଇପଡିଛି। ଠିକ ସେହି ସମୟରେ ବିଦ୍ୟୁତ୍ ନିୟାମକ ଆୟୋଗ ବିଦ୍ୟୁତ୍ ଦେୟ ବୃଦ୍ଧି ଘଟାଇଛନ୍ତି ଏବଂ ଟାଟା ବିଦ୍ୟୁତ୍ ବିତରକ ସଂସ୍ଥା ଛଅ ମାସ ମଧ୍ୟରେ ୟୁନିଟ ପିଛା ୫୦ ପଇସା ବଢ଼ାଇବା ଦ୍ୱାରା ଜନ ଅସନ୍ତୋଷ ଦେଖା ଦେଇଥିବା ଅଭିଯୋଗ କରିଛି ସିପିଆଇ। ଏହା ପ୍ରତ୍ୟେକ ବର୍ଗର ଉପଭୋକ୍ତାଙ୍କ ପାଇଁ କଷ୍ଟସାଧ। ଏନେଇ ଭାରତୀୟ କମ୍ୟୁନିଷ୍ଟ ପାର୍ଟି, ଯମୁନ୍ତି ଶାଖା ପକ୍ଷରୁ ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ଗଣ ବିକ୍ଷୋଭ ଅନୁଷ୍ଠିତ ହୋଇଛି। ଶତାଧିକ କର୍ମୀ ବିଦ୍ୟୁତ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବର୍ଦ୍ଧିତ ବିଦ୍ୟୁତ୍ ଶୁଳ୍କ ପ୍ରତ୍ୟାହାର ସହିତ ବିଦ୍ୟୁତ୍ ବୋର୍ଡର ଘରୋଇକରଣ ବନ୍ଦ କରି ଏବଂ ଏଥିରେ କାର୍ଯ୍ୟରତ ସବୁ ବର୍ଗର ଶ୍ରମିକ, କର୍ମଚାରୀଙ୍କୁ ନିୟମିତି କରିବା ଏବଂ ବିଦ୍ୟୁତ୍ ଶୁଳ୍କ ଆଦାୟ ନାମରେ ଜନ ସାଧାରଣଙ୍କ ଉପରେ ଜୁଲମ ବନ୍ଦ କରିବା ଭଳି ଦାବୀ ଉପସ୍ଥାପନ କରାଯାଇଛି।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078
❐ Managing & Executive Editor : Srustidhar Parida
❐ Editor: Sairindhree Sahoo